ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, June 21/2024 | Page 16 | ₹ 7.00 | BERHAMPUR
୫୦ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 207 | ମୂଲ୍ୟ ₹୭/-



**'ମିର୍ଜାପୁର ୩'ର ଟ୍ରେଲର ରିଲିଜ୍**

ଅଭିନେତା ପଙ୍କଜ ତ୍ରିପାଠୀଙ୍କ 'ମିର୍ଜାପୁର ୩' ୱେବ୍ ସିରିଜ୍‌ର ଟ୍ରେଲର ଗୁରୁବାର ରିଲିଜ୍ ହୋଇଛି।

୧୦

୧୩

**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**

ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଭାରତର ସୂର୍ଯ୍ୟକୁମାର ଯାଦବ ପ୍ରଭାବୀ ବ୍ୟାଟିଂ ସହ ୫୩ ରନ କରିଛନ୍ତି।



# ଖରିଫରୁ ଧାନ କୁଇଣ୍ଟାଲ ୩୧୦୦ରେ କିଣାଯିବ

ଭୁବନେଶ୍ୱର,୨୦।୬(ଅନିଲଦାସ)

ସାଧାରଣ ନିର୍ବାଚନ-୨୦୨୪ରେ ଦଳର ଇସ୍ତାହାର ଘୋଷଣା ଅନୁଯାୟୀ, ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ। ଆସନ୍ତା ଖରିଫ ଋତୁରୁ ଚାଷୀଙ୍କଠାରୁ ବର୍ଦ୍ଧିତ ମୂଲ୍ୟରେ ଏହା କିଣାଯିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ବୁଧବାର କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା କରିବା ପରେ ରାଜ୍ୟ ସରକାରଙ୍କୁ ସୁବିଧା ହୋଇଛି। ନଚେତ୍ ସରକାରଙ୍କୁ କୁଇଣ୍ଟାଲ ପିଛା ୯୧୭ ଟଙ୍କା ଅଧିକ ଦେବାକୁ ପଡ଼ିଥାନ୍ତା। ଏବେ ୮୦୦ ଟଙ୍କା ଦେବାକୁ ପଡ଼ିବ। ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଇଯିବେ। ଚାଷୀଙ୍କ ଧାନ କୌଣସି କଟନିଛଟନି କରାଯିବ ନାହିଁ। କଟନିଛଟନି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ମିଲର ଚାଷୀଙ୍କୁ ହଇରାଣ କରିପାରିବେ ନାହିଁ। ଚାଷୀଙ୍କୁ ହଇରାଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀମାନେ ଦୀର୍ଘଦିନ ଧରି ଖରାବର୍ଷାରେ ମଣ୍ଡି ଆଗରେ ଧାନ ରଖି ବସିବେ ନାହିଁ। ସେମାନଙ୍କଠାରୁ ତୁରନ୍ତ ଧାନ ସଂଗ୍ରହ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।

ଏହାବ୍ୟତୀତ ମନ୍ତ୍ରୀ କହିଛନ୍ତି ଟଙ୍କା ଭଳି ଏଟିଏମ୍‌ରୁ ଚାଉଳ ବାହାରିବ। ଏଭଳି ଚାଉଳ ଏଟିଏମ୍ ଭୁବନେଶ୍ୱରରେ ଖୋଲିବ। ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଭୁବନେଶ୍ୱରରେ ଚାଉଳ ଏଟିଏମ୍ ଖୋଲିବ। ହିତାଧିକାରୀଙ୍କୁ ଏଟିଏମ୍ କାର୍ଡ ଦିଆଯିବ। ମେସିନରେ କାର୍ଡ ଭର୍ତ୍ତି କଲେ ଚାଉଳ ବାହାରିବ। ଆସନ୍ତା ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ଜିଲାରେ ଚାଉଳ ଏଟିଏମ୍ ଖୋଲିବ। ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ)ର ଅଧିକାରୀଙ୍କ ସହିତ ଏନେଇ ଆଲୋଚନା ହୋଇଛି। ସେମାନେ ଏ ନେଇ ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବେ।

ଗୁରୁବାର ମନ୍ତ୍ରୀ ପାତ୍ର ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପରିଦର୍ଶନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କୃଷକ ଓ ଖାଉଟିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦରଦାମ୍ ନିୟନ୍ତ୍ରଣ ସହ ଧାନମଣ୍ଡିର ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଖାଦ୍ୟ ସୁରକ୍ଷା ନୀତିକୁ ଲାଗୁ କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ବଜାର ଦର ନିୟମିତ ବ୍ୟବଧାନରେ ତଦାରଖ କରିବା ଓ ଖାଦ୍ୟର ଗୁଣବତ୍ତା ଉପରେ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଲୋଚନା ସମୟରେ ବିଭାଗୀୟ ସଚିବ ଭି.ଭି. ଯାଦବ ସ୍ୱତନ୍ତ୍ର ସଚିବ ଏମ୍.କ୍ୟୁ ହକ୍ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ସାମିଲ ହେବା ସହିତ ନୂଆ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।




## ଏଟିଏମ୍‌ରୁ ବାହାରିବ ଚାଉଳ

# କେଜ୍‌ରିୱାଲଙ୍କୁ ମିଳିଲା ଜାମିନ



ଅରବିନ୍ଦ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୦।୬(ପି.ଟି.)

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗୁରୁବାର ରାଉସ୍ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ବଣ୍ଡ ଜରିଆରେ ଜାମିନ ଦିଆଯାଇଛି। ସେ ଶୁକ୍ରବାର ତିହାର ଜେଲରୁ ବାହାରିପାରନ୍ତି। ରାୟକୁ ୪୮ ଘଣ୍ଟା ସ୍ଥଗିତ ରଖିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ନିବେଦନକୁ ବିଚାରପତି ନ୍ୟାୟ ବିନ୍ଦୁ ଅଗ୍ରାହ୍ୟ କରିଦେଇଥିଲେ। ରାୟ ପ୍ରକାଶ ପାଇବା ପରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ବାଣ ଫୁଟାଇ ଖୁସି ମନାଇଛନ୍ତି। ଏହା ସତ୍ୟର ବିଜୟ। ☞ପୃଷ୍ଠା-୯

# ସୁଧୁରୁଛି ବାଲେଶ୍ୱର ସହର ସ୍ଥିତି

## ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ

ବାଲେଶ୍ୱର,୨୦।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସ୍ଥିତିରେ ସୁଧାର ଆସିଥିବାରୁ କର୍ଫ୍ୟୁ ଆଉ ୨ ଘଣ୍ଟା ଅଧିକ କୋହଳ କରାଯାଇଛି। ଗୁରୁବାର ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରରେ ଲୋକଙ୍କ ପ୍ରବଳ ଗହଳି ହେଉଥିବାରୁ ଏହାକୁ ନଜରରେ ରଖି ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କୋହଳ କରାଯାଇଛି। ଶୁକ୍ରବାରଠାରୁ ଏହି କଟକଣା ଲାଗୁ ହେବ। ସ୍କୁଲ, କଲେଜ ଆଉ ୨ଦିନ ବନ୍ଦ ରହିବ। ୨୨ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଥିବା ବେଳେ ଅତ୍ୟାବଶ୍ୟକ କାମ ପାଇଁ ଲ୍ୟାଣ୍ଡଲାଇନ ସେବା ଯୋଗାଇ ଦିଆଯାଇଥିବା ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି। ଅନ୍ୟପକ୍ଷରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ସମ୍ପୃକ୍ତ ଥିବା ୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୦ରୁ ଅଧିକ ବ୍ୟକ୍ତିଙ୍କୁ କର୍ଫ୍ୟୁ ଆଇନ ଭଙ୍ଗ ଅଭିଯୋଗରେ ଅଟକ ରଖାଯାଇଛି। ଗିରଫଦାରିଙ୍କ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି ସାଗରିକା ନାଥ କହିବା ସହ କୌଣସି ବ୍ୟକ୍ତି ଆଇନକୁ ହାତକୁ ନ ନେବାକୁ ଅନୁରୋଧ କରିଛନ୍ତି।

ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କର୍ଫ୍ୟୁ ସମୟରେ ଘରୁ ନ ବାହାରି ପୋଲିସକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅପିଲ କରାଯାଇଛି। ବାଲେଶ୍ୱରକୁ ସଂଯୋଗ କରୁଥିବା ସବୁ ରାସ୍ତା ସିଲ୍ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

## ୟୁରୋପରେ ନବ-ଫାସିବାଦ






## ସଂକ୍ଷେପରେ

### ରାମାୟଣ ଉପରେ ବ୍ୟଙ୍ଗ ନାଟକ: ଆଇଆଇଟି ବମ୍ବେର ୮ ଛାତ୍ର ଦଣ୍ଡିତ

ମୁମ୍ବାଇ,୨୦।୬

ରାମାୟଣକୁ ବ୍ୟଙ୍ଗକରି 'ରାହୋବନ' ନାମରେ ଏକ ବିବାଦୀୟ ନାଟକ ପରିବେଷଣ କରିଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ବମ୍ବେର ୮ ଜଣ ଛାତ୍ରଙ୍କୁ ଦଣ୍ଡିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ୧.୨ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଥିବାବେଳେ ଅନ୍ୟ ୪ ଜଣଙ୍କୁ ୪୦,୦୦୦ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହିତ ଜିମ୍‌ଖାନା ଆୱାର୍ଡରୁ ସେମାନଙ୍କୁ ବ୍ୟାନ୍ କରାଯିବା ସହ ଜୁନିୟର ପିଲାମାନଙ୍କୁ ହଷ୍ଟେଲ ସୁବିଧାରୁ ବାଦ୍ ଦିଆଯାଇଛି। ଗତ ମାର୍ଚ୍ଚ ୩୧ରେ ଆଇଆଇଟିର ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ପିଏଏଫ୍)ରେ ଗୋଟିଏ ଗୋଷ୍ଠୀ ଛାତ୍ର ଏହି ବ୍ୟଙ୍ଗ ନାଟକ ପରିବେଷଣ କରିଥିଲେ। ପବିତ୍ର ହିନ୍ଦୁ ପୁରାଣ ରାମାୟଣ ଉପରେ ଅସ୍ପଷ୍ଟ ଆଧାରିତ ଏହି ନାଟକରେ ହିନ୍ଦୁ ଧର୍ମବିଶ୍ୱାସ ଏବଂ ଦେବଦେବୀଙ୍କୁ ଅପମାନିତ କରାଯାଇଥିଲା। ଏହା ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ଶୃଙ୍ଖଳା କମିଟି ବୈଠକ ବସି ଉପରୋକ୍ତ ଦଣ୍ଡବିଧାନ କରାଯାଇଛି।

### ବିହାର ସରକାରଙ୍କ ୬୫% ସଂରକ୍ଷଣକୁ ରଦ୍ଦକଲେ ହାଇକୋର୍ଟ

ନୂଆଦିଲ୍ଲୀ,୨୦।୬

ବିହାର ସରକାର ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ ସୀମା ୬୫ ପ୍ରତିଶତକୁ ବଢ଼ାଇଥିବାବେଳେ ପାଟନା ହାଇକୋର୍ଟ ଗୁରୁବାର ଏହାକୁ ରଦ୍ଦ କରିଦେଇଛନ୍ତି। ପଛୁଆ, ଅତ୍ୟଧିକ ପଛୁଆ ବର୍ଗ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ବିହାର ସରକାର ସଂରକ୍ଷଣ ସୀମା ୫୦ରୁ ୬୫ ପ୍ରତିଶତକୁ ବଢ଼ାଇଥିଲେ। କୋଟା ବୃଦ୍ଧିର ସାମ୍ବିଧାନିକ ବୈଧତାକୁ ୧୦ଟି ରିଟ୍ ପିଟିଶନ ଜରିଆରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମୁଖ୍ୟ ବିଚାରପତି କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ୍ ହରିଶ କୁମାରଙ୍କ ଖଣ୍ଡପୀଠ ଗତ ମାର୍ଚ୍ଚରେ ପିଟିଶନଗୁଡ଼ିକର ଶୁଣାଣି ଶେଷ କରିବା ପରେ ରାୟ ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବରରେ ବିହାର ସରକାର ସଂରକ୍ଷଣ ଆଇନରେ ପରିବର୍ତ୍ତନ କରି କୋଟା ସୀମାକୁ ୫୦ରୁ ୬୫ ପ୍ରତିଶତକୁ ବଢ଼ାଇଥିଲେ। ସଂଶୋଧିତ କୋଟା ଆଇନ ଉପରେ ନଭେମ୍ବର ୨୧ରେ ରାଜ୍ୟ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା କାର୍ଯ୍ୟକାରୀ ହେବା ଫଳରେ ବିହାରରେ ସଂରକ୍ଷଣ ସୀମା ସର୍ବାଧିକ ୭୫ ପ୍ରତିଶତରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ଆର୍‌ଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ମନୋଜ ଝା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଆହ୍ୱାନ ଦେଇଛନ୍ତି।

### ଦଲାଇଲାମା ତାଙ୍କ ରାଜନୈତିକ ବିଚାର ବଦଳାନ୍ତୁ: ଚାଇନା

**ତିବ୍ବତ ପ୍ରସଙ୍ଗରେ ବେଜିଂର ସମ୍ବେଦନଶୀଳତାକୁ ସମ୍ମାନ ଦେଉ ଆମେରିକା**

ବେଜିଂ,୨୦।୬(ପି.ଟି.)

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ସହ ଆଲୋଚନା କରିବାକୁ ହେଲେ ତାଙ୍କୁ ନିଜ ରାଜନୈତିକ ବିଚାରଧାରା ସମ୍ପୂର୍ଣ୍ଣ ସଂଶୋଧନ କରିବାକୁ ହେବ ବୋଲି ଗୁରୁବାର ଚାଇନା କହିଛି। କଠୋର ତିବ୍ବତ ଆଇନ ପ୍ରଣୟନ କରିବାକୁ ଯାଉଥିବା ଆମେରିକାକୁ ଏହି ପ୍ରସଙ୍ଗରେ ଚାଇନାର ସମ୍ବେଦନଶୀଳତା ଏବଂ ଗୁରୁତ୍ୱକୁ ସମ୍ମାନ ଜଣାଇବାକୁ ହେବ ବୋଲି ବେଜିଂ କହିଛି। ଚତୁର୍ଦ୍ଦଶ ଦଲାଇଲାମାଙ୍କ ସହ କେନ୍ଦ୍ରୀୟ ସରକାରଙ୍କ ଯୋଗାଯୋଗ ଏବଂ ଆଲୋଚନା ପାଇଁ ଚାଇନାର ନୀତି ସୁସଙ୍ଗତ ଏବଂ ସ୍ପଷ୍ଟ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି। ସୂଚନାଯୋଗ୍ୟ, ଆମେରିକା କଂଗ୍ରେସର ଏକ ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ଦଳ ଧର୍ମଶାଳା ଯାଇ ୮୮ ବର୍ଷୀୟ ଦଲାଇଲାମାଙ୍କୁ ଭେଟିବା ସହ କଡ଼ା ମନ୍ତବ୍ୟ ଦେଇଥିଲେ। ଚାଇନାର ତିବ୍ବତ ନୀତିକୁ ନେଇ ଆମେରିକା ହାଉସ୍ ସ୍ପିକର ଏବଂ ହାଉସ୍ ବହିର୍ବ୍ୟାପାର କମିଟି ଅଧ୍ୟକ୍ଷ ମିଚେଲ ମାକାଉଲ୍ ପ୍ରଶ୍ନ ଉଠାଇବା ସହ ବେଜିଂ ଦଲାଇଲାମାଙ୍କ ସହ ଆଲୋଚନା କରୁ ବୋଲି କହିଥିଲେ। ଚାଇନା ଏହା ଉପରେ ତୀବ୍ର ପ୍ରତିକ୍ରିୟା ଜଣାଇଛି। ତିବ୍ବତ ନୀତି ଆମେରିକା କଂଗ୍ରେସର ଉଭୟ ଗୃହରେ ଗୃହୀତ ହୋଇଥିବାବେଳେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଅନୁମୋଦନ ମିଳିଲେ ଆଇନରେ ପରିଣତ ହେବ।



ୟୁଜିସି-ନେଟ୍ ପରୀକ୍ଷା ବାତିଲର ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଲକ୍ଷ୍ନୌରେ ବିକ୍ଷୋଭବେଳେ ପୋଲିସ ବିକ୍ଷୋଭକାରୀଙ୍କୁ ଉଠାଇନେଉଛି।

# ଫିଜିକ୍ସରେ ୮୫, କେମେଷ୍ଟ୍ରିରେ ୫

ପାଟନା,୨୦।୬

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପରୀକ୍ଷାଫଳ ବିଭ୍ରାଟକୁ ନେଇ ବିବାଦ ବଢ଼ିବାରେ ଲାଗିଥିବାବେଳେ ଦିନକୁ ଦିନ ଏସମ୍ପର୍କିତ ନୂଆ ତଥ୍ୟ ପ୍ରଘଟ ହେବାରେ ଲାଗିଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କରିବା ମାମଲାରେ ବିହାରର ୪ ଜଣ ଛାତ୍ର ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍କୋରକାର୍ଡ ପ୍ରଶ୍ନପତ୍ର ଲିକ୍‌ର କାହାଣୀ ବୟାନ କରୁଛି।

ପେପର ଲିକ୍ ମାମଲାରେ ଗିରଫ

**ଗିରଫ ବିହାରୀ ପରୀକ୍ଷାର୍ଥୀଙ୍କ ମାର୍କ ହାର**

ବିହାରୀ ଛାତ୍ର ଅନୁରାଗ ଯାଦବ ପୋଲିସକୁ କହିଛନ୍ତି, ସେ ରାଜସ୍ଥାନର କୋଟାସ୍ଥିତ ଏକ ଏକ କୋଚିଂ ସେଣ୍ଟରରେ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିଲେ। ଗିରଫ ହୋଇଥିବା ଅନୁରାଗଙ୍କ ଦାଦା ସିକନ୍ଦର ଯାଦବେନ୍ଦୁ ତାଙ୍କୁ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଯାଇଛି। ତେଣୁ ସମସ୍ତିପୁରକୁ ଫେରିଯିବାକୁ କହିଥିଲେ। ଅନୁରାଗ ଆହୁରି କହିଛନ୍ତି, ପରୀକ୍ଷା ପୂର୍ବ ରାତିରେ ତାଙ୍କ ପାଖକୁ କିଛି ପ୍ରଶ୍ନ ଆସିଥିଲା, ଯାହାର ଉତ୍ତର ସେ ରାତିରେ ଏକା ଖୋଜି ବାହାର କରିଥିଲେ। ମେ' ୫ରେ ପରୀକ୍ଷା ବେଳେ ପ୍ରଶ୍ନପତ୍ରରେ ସେହି ପ୍ରଶ୍ନଗୁଡ଼ିକ ରହିଥିଲା। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଜାରି ସ୍କୋରକାର୍ଡରେ ଅନୁରାଗ ୭୨୦ରୁ ୧୮୫ ମାର୍କ ରଖିଥିଲେ। ତାଙ୍କ ମୋଟ ମାର୍କ ୫୪.୮୪ ପର୍ସେଣ୍ଟାଇଲ୍ ରହିଛି। କିନ୍ତୁ ବିଷୟଗୁଡ଼ିକୁ ଦେଖିଲେ ଅନୁରାଗ ଫିଜିକ୍ସରେ ୮୫.୮ ପର୍ସେଣ୍ଟାଇଲ୍ ରଖିଥିବାବେଳେ କେମେଷ୍ଟ୍ରିରେ ମାତ୍ର ୫ ପର୍ସେଣ୍ଟାଇଲ ରଖିଛନ୍ତି। ୨୨ ବର୍ଷୀୟ ଅନୁରାଗ ପରୀକ୍ଷା ପୂର୍ବରୁ ଫିଜିକ୍ସ ପ୍ରଶ୍ନପତ୍ର ପାଇଥିବାରୁ ଏତେ ମାର୍କ ରଖିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସିକନ୍ଦର ପୋଲିସ ଆଗରେ କହିଛନ୍ତି, ଅମିତ ଆନନ୍ଦ ଓ ନୀତୀଶ କୁମାରଙ୍କ ସମେତ ୪ ଛାତ୍ରଙ୍କୁ ସେ ଯୋଗାଯୋଗ କରିଥିଲେ। ପ୍ରଶ୍ନପତ୍ର ପାଇଁ ଜଣ ପିଛା ୪୦ ଲକ୍ଷ ଟଙ୍କା ଦେବା ପାଇଁ ସେମାନେ ରାଜି ହୋଇଥିଲେ ବୋଲି ସିକନ୍ଦର କହିଛନ୍ତି।

## ଡାର୍କନେଟ୍‌ରେ ପ୍ରଶ୍ନପତ୍ର ଲିକ୍: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୦।୬(ପି.ଟି.)

ଏନ୍‌ଇଇଟି ପରେ ୟୁଜିସି-ନେଟ୍ ପରୀକ୍ଷାରେ ବିଭ୍ରାଟକୁ ନେଇ ଦେଶର ବିଭିନ୍ନ ଭାଗରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଲାଣି। ଏପରି କି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଓ ଶିକ୍ଷା ମନ୍ତ୍ରଣାଳୟ ବାହାରେ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଇଛି। ବିବାଦ ଘନେଇବାରେ ଲାଗିଥିବାବେଳେ ଶିକ୍ଷାମନ୍ତ୍ରୀ ପ୍ରଧାନ ଏହା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ଗୁରୁବାର ରାତିରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର କାର୍ଯ୍ୟକାରିତା ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନ୍‌ଟିଏ ଅଧିକାରୀ ହୁଅନ୍ତୁ ବା ଅନ୍ୟ କେହି ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଏନ୍‌ଟିଏ କାର୍ଯ୍ୟକାରିତାର ସମୀକ୍ଷା କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଅସାଧୁ ଉପାୟ ଅବଲମ୍ବନର କିଛି ଘଟଣା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଲକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରିବା ଅନୁଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉକ୍ତ ପ୍ରସଙ୍ଗରେ ରାଜନୀତି ନ କରିବାକୁ ସେ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି। ଡାର୍କନେଟ୍‌ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ୟୁଜିସି-ନେଟ୍ ପରୀକ୍ଷାକୁ ରଦ୍ଦ କରିଦିଆଯାଇଛି।

## ଭାଜପା, ଆର୍‌ଏସ୍‌ଏସ୍ କବ୍‌ଜାରେ ଶିକ୍ଷାନୁଷ୍ଠାନ

ନୂଆଦିଲ୍ଲୀ,୨୦।୬


ରାହୁଲ ଗାନ୍ଧୀ

ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ହାଇଜାକ୍ କରିନେଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସମ୍ମାନଜନକ ପାଠ୍ୟକ୍ରମଗୁଡ଼ିକର ପ୍ରବେଶିକା ପରୀକ୍ଷାରେ ଦୁର୍ନୀତି ଅଭିଯୋଗ ଆସିବାରେ ଲାଗିଥିବାବେଳେ ଏଆଇସିସି ମୁଖ୍ୟାଳୟରେ ରାହୁଲ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ବେଳେ ତାଙ୍କ ସହ ଯୋଡ଼ିହୋଇଥିବା ବହୁ ଛାତ୍ରୀଛାତ୍ର ଭାରତରେ ନିରବଚ୍ଛିନ୍ନ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଅଭିଯୋଗ ଆଣିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଆଡ଼େ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ୍-ଗାଜା ଯୁଦ୍ଧକୁ ବନ୍ଦ କରିଦେଇଥିଲେ। କିନ୍ତୁ ଦେଶ ଭିତରେ ଚାଲିଥିବା ପେପର ଲିକ୍‌କୁ ସେ କାହିଁକି ବନ୍ଦ କରିପାରୁନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏନ୍‌ଟିଏର ଅପାରଗତା ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବେ ବୋଲି ରାହୁଲ କହିଛନ୍ତି।

## ରିଲ୍ସ ପାଇଁ ବିଲ୍ଡିଂ ଛାତରୁ ଝୁଲିଲେ ଯୁବତୀ



ପୁଣେ, ୨୦।୬

ପୁଣେର ସ୍ୱାମୀ ନାରାୟଣ ମନ୍ଦିର ନିକଟସ୍ଥ ଏକ ବହୁତଳ ବିଲ୍ଡିଂର ଛାତ ଉପରେ ଜଣେ ଯୁବତୀ ବିପଦପୂର୍ଣ୍ଣ ଷ୍ଟଣ୍ଟ କରୁଥିବାର ଏକ ଭିଡିଓ ଗୁରୁବାର ସାମ୍ନାକୁ ଆସିଛି। ଏହି ଭିଡିଓରେ ଯୁବତୀଜଣକ ନିଜ ସାଥୀ ଯୁବକଙ୍କ ହାତ ଧରି ବିଲ୍ଡିଂର ଛାତ ଉପରୁ ଓହଳିଥିବାର ନଜର ଆସୁଛନ୍ତି। ଏହି ବହୁତଳ ପ୍ରାସାଦର ଏକ ଛାତ ବାଡ଼କୁ ଭରାଦେଇ ଯୁବକଜଣକ ବିପଜ୍ଜନକ ଭାବେ ଓହଳିଥିବାବେଳେ ତାଙ୍କ ହାତ ଧରି ଉକ୍ତ ଯୁବତୀ ୧୦୦ ଫୁଟ୍ ଉଚ୍ଚତାରୁ ଶୂନ୍ୟରେ ଓହଳିଥିଲେ। ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କ ୨ ଜଣ ସାଙ୍ଗ ମୋବାଇଲରେ ସେମାନଙ୍କ ରିଲ୍ସ ରେକର୍ଡ କରୁଥିଲେ। ବିପଜ୍ଜନକ ଷ୍ଟଣ୍ଟ କରୁଥିଲେ ମଧ୍ୟ ଏହି ଭିଡିଓରେ ଯୁବତୀଜଣକ ହସୁଥିବା ଲକ୍ଷ୍ୟ କରାଯାଇଛି। ରିଲ୍ସ ପାଇଁ ଏହି ପ୍ରୟାସକୁ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ସମାଲୋଚନା କରିଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ରିଲ୍ସ କରୁଥିବାରୁ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଛି। ବର୍ତ୍ତମାନ ସୁଦ୍ଧା ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଦିଲ୍ଲୀରେ ୪୮ ଘଣ୍ଟାରେ ୫୦ ଅଂଶୁଘାତ ମୃତ୍ୟୁ

**୯ ଦିନରେ ଗଲାଣି ୧୯୨ ବାସହୀନଙ୍କ ଜୀବନ**

ନୂଆଦିଲ୍ଲୀ,୨୦।୬

ରାଜଧାନୀ ଦିଲ୍ଲୀରେ ଗତ କିଛିଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମଲହରି ଜାରି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ଅଞ୍ଚଳରୁ ୫୦ ମୃତଦେହ ମିଳିଥିବା ପୋଲିସ କହିଛି। ସମସ୍ତ ମୃତକ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କଲେ ସେମାନେ ଗ୍ରୀଷ୍ମଲହରରେ ପ୍ରାଣ ହରାଇଥିବା କୁହାଯାଉଛି। ସେଣ୍ଟର ଫର୍ ହୋଲିଷ୍ଟିକ୍ ଡେଭେଲପ୍‌ମେଣ୍ଟ ଏନ୍‌ଜିଓର ରିପୋର୍ଟ ଅନୁଯାୟୀ ଜୁନ୍ ୧୧ରୁ ୧୯ ମଧ୍ୟରେ ୧୯୨ ଜଣ ବାସହୀନଙ୍କ ମୃତ୍ୟୁ ଘଟିଛି।

ହସ୍ପିଟାଲଗୁଡ଼ିକର ରିପୋର୍ଟ ଅନୁଯାୟୀ ଗତ ୨ ଦିନରେ ଦିଲ୍ଲୀରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଅତ୍ୟଧିକ ବଢ଼ିଛି। ଗତ ୨୪ ଘଣ୍ଟାରେ ରାମ ମନୋହର ଲୋହିଆ ହସ୍ପିଟାଲ, ସଫଦରଜଙ୍ଗ ଏବଂ ଲୋକନାୟକ ହସ୍ପିଟାଲରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି। ସଫଦରଜଙ୍ଗ ହସ୍ପିଟାଲରେ ୩୩ ଅଂଶୁଘାତ ରୋଗୀ ଭର୍ତ୍ତି ହୋଇଥିବାବେଳେ ୨୪ ଘଣ୍ଟାରେ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ରାମମନୋହର ଲୋହିଆ ହସ୍ପିଟାଲରେ ୨୨ ଅଂଶୁଘାତ ରୋଗୀଙ୍କ ମଧ୍ୟରୁ ୪ ଜଣ ଓ ଲୋକନାୟକ ହସ୍ପିଟାଲରେ ୧୭ ଜଣଙ୍କ ମଧ୍ୟରୁ ୨୪ ଘଣ୍ଟାରେ ୫ ଜଣଙ୍କ ଜୀବନ ଯାଇଛି। ଦିଲ୍ଲୀର ମୁଖ୍ୟ ଶ୍ମଶାନ ନିଗମବୋଧ ଘାଟରେ ଶବସତ୍କାର ସଂଖ୍ୟା ବୃଦ୍ଧି ପାଇଛି। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକଠାରୁ ୪ ଡିଗ୍ରୀ ଅଧିକ। ରାଜଧାନୀରେ ରାତିର ସର୍ବାଧିକ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି, ଯାହାକି ଗତ ୫୫ ବର୍ଷ ମଧ୍ୟରେ ଜୁନ୍‌ର ସର୍ବାଧିକ ତାପମାତ୍ରା।


ଦିଲ୍ଲୀର ଏକ ହସ୍ପିଟାଲ୍‌ରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା କରାଯାଉଛି।

## ବିଷାକ୍ତ ମଦ ପିଇ ୩୭ ମୃତ

ଚେନ୍ନାଇ,୨୦।୬

ତାମିଲନାଡୁର କାଲ୍ଲାକୁରିଚି ଜିଲାରେ ବିଷାକ୍ତ ମଦ ପିଇ ଅନ୍ୟୂନ ୩୭ ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଦମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିରୋଧୀ ଏଆଇଏଡିଏମ୍‌କେ ମଦମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀକରି ତାଙ୍କ ଇସ୍ତଫା ଦାବି କରିଛି।

ରାଜଧାନୀ ଚେନ୍ନାଇରୁ ୨୫୦ କି.ମି. ଦୂର କାଲ୍ଲାକୁରିଚିରେ କିଛିଦିନ ଧରି ବହୁ ଲୋକ ବିଷାକ୍ତ ମଦ ପିଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି। ଇତିମଧ୍ୟରେ ୩୭ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଲାଣି। ୧୮ ଜଣଙ୍କୁ ପଣ୍ଡିଚେରୀର ଜେଆଇପିଏମ୍‌ଇଆର୍ ହସ୍ପିଟାଲ ଏବଂ ଅନ୍ୟ ୬ ଅସୁସ୍ଥଙ୍କୁ ସଲେମ୍ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଜଣକୁ ଗିରଫ କରିବା ସହ ଆଉ କେତେଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତମାନେ ବିଷାକ୍ତ ମିଥାନଲ ମିଶାଇ ମଦ ପ୍ରସ୍ତୁତ କରୁଥିଲେ ଏବଂ ତାକୁ ବୋତଲରେ ଭରି ବିକ୍ରି କରୁଥିଲେ ବୋଲି ଫରେନ୍‌ସିକ୍ ତଦନ୍ତରୁ ଜଣାପଡ଼ିଛି। ଇତିମଧ୍ୟରେ ରାଜ୍ୟ ସରକାର ଜିଲା ପୋଲିସ ମୁଖ୍ୟ ସମୟ ସିଂ ମୀନାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବନ କରିଛନ୍ତି। ଏଥିସହ ଉକ୍ତ ମାମଲାର ତଦନ୍ତ କ୍ରାଇମ୍ ବ୍ରାଞ୍ଚ-ସିଆଇଡିକୁ ହସ୍ତାନ୍ତର କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଛନ୍ତି। ମାଡ୍ରାସ୍ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହାର ତଦନ୍ତ କରିବେ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଭର୍ତ୍ତୃହରି କାମଚଳା ବାଚସ୍ପତି

ନୂଆଦିଲ୍ଲୀ,୨୦।୬(ପି.ଟି.)



ଆସନ୍ତା ୨୪ରୁ ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାବେଳେ ଏହାକୁ ପରିଚାଳନା କରିବା ପାଇଁ ୭ ଥର ଏମ୍‌ପି ଥିବା ଭର୍ତ୍ତୃହରି ମହତାବଙ୍କୁ ଗୁରୁବାର କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୯୫(୧) ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକର ଭାଜପା ଏମ୍‌ପି ଭର୍ତ୍ତୃହରିଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଭର୍ତ୍ତୃହରି ଲୋକ ସଭା ପରିଚାଳନା କରିବେ। ନବନିର୍ବାଚିତ ଏମ୍‌ପିମାନଙ୍କୁ କାମଚଳା ବାଚସ୍ପତି ଶପଥ ପାଠ କରାଇବେ। ତାଙ୍କୁ ଏହି କାର୍ଯ୍ୟରେ କଂଗ୍ରେସ ନେତା କେ. ସୁରେଶ, ଡିଏମ୍‌କେ ନେତା ଟି.ଆର୍. ବାଲୁ, ଭାଜପା ସଦସ୍ୟ ରାଧାମୋହନ ସିଂ, ଫଗନ ସିଂ କୁଲସ୍ତେ ଏବଂ ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ନେଇ ଗଠିତ ଅଧ୍ୟକ୍ଷ ପ୍ୟାନେଲ ସହଯୋଗ କରିବେ। ୨୬ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପୂର୍ବରୁ ଭର୍ତ୍ତୃହରି ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ।

## ବନ୍ଦେ ଭାରତ ଟ୍ରେନ୍ ଖାଦ୍ୟରେ ଅସରପା

ନୂଆଦିଲ୍ଲୀ, ୨୦।୬



ଭାରତୀୟ ରେଳର ପ୍ରିମିୟମ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଖାଦ୍ୟରେ ମଲା ଅସରପା ପଡ଼ିଥିବା ଅଭିଯୋଗ ଆସିଛି। ବୁଧବାର ଭୋପାଳରୁ ଆଗ୍ରା ଯାଉଥିବା ଯାତ୍ରା ବେଳେ ଆଇଆର୍‌ସିଟିସି ପକ୍ଷରୁ ଦିଆଯାଇଥିବା ଖାଦ୍ୟରେ ମଲା ଅସରପା ପଡ଼ିଥିବା ଏକ ଦମ୍ପତି ଅଭିଯୋଗ ଆଣିବା ସହ ଏହାର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରେଳ ମନ୍ତ୍ରଣାଳୟକୁ ମଧ୍ୟ ଟ୍ୟାଗ କରିଛନ୍ତି।

## ୩୮ ଥର ଗୁଳି କରିଥିଲେ ଶୁଟର

**ଦିଲ୍ଲୀର ବର୍ଗର କିଙ୍ଗ୍ ହତ୍ୟାକାଣ୍ଡ**

ନୂଆଦିଲ୍ଲୀ,୨୦।୬

ପଶ୍ଚିମ ଦିଲ୍ଲୀର ରାଜୌରୀ ଗାର୍ଡେନ୍ ଅଞ୍ଚଳରେ ଥିବା ଲୋକପ୍ରିୟ ଫାଷ୍ଟଫୁଡ୍ ଜଏଣ୍ଟ 'ବର୍ଗର କିଙ୍ଗ'ରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଗତ ମଙ୍ଗଳବାର ରାତି ୯ଟା ୪୧ ମିନିଟ୍ ସମୟରେ ୨୬ ବର୍ଷୀୟ ଅମନ୍ ଜୁନ୍ ଜଣେ ମହିଳାଙ୍କ ସହ ବର୍ଗର କିଙ୍ଗ୍ ମଧ୍ୟରେ ବସିଥିବାବେଳେ ପଛପଟୁ ୨ ଜଣ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଅମନ୍ ବିଲିଂ କାଉଣ୍ଟର ଆଡ଼କୁ ପଳାଇବାରୁ ଆକ୍ରମଣକାରୀମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ୩୮ ରାଉଣ୍ଡ ଗୁଳି ଚଳାଇଥିଲେ। ଅମନ ବିଲିଂ କାଉଣ୍ଟର ନିକଟରେ ଟଳି ପଡ଼ିଥିବାବେଳେ ତାଙ୍କ ସହ ଥିବା ମହିଳ ଜଣଙ୍କ ଅକ୍ଷତ ଅବସ୍ଥାରେ ଖସି ପଳାଇଥିଲେ। ସମ୍ପୂର୍ଣ୍ଣ ଫୁଡ୍ ଜଏଣ୍ଟ ମୁହୂର୍ତ୍ତକ ମଧ୍ୟରେ ଖାଲି ହୋଇଯାଇଥିଲା। ହତ୍ୟାକାଣ୍ଡ ପଛରେ ୨୧ ବର୍ଷୀୟ ହିମାଂଶୁ ଭାଉ ଓରଫ ଛୋଟା ଡନ୍ ଥିବା ଜଣାପଡ଼ିଛି। ଗ୍ୟାଙ୍ଗଷ୍ଟର ହିମାଂଶୁଙ୍କ ଘର ହରିୟାଣାର ରୋହତକ୍ ଅନ୍ତର୍ଗତ ରତାଉଲି ଗ୍ରାମରେ ହୋଇଥିବାବେଳେ ସେ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ରହୁଥିଲେ। ସେ ବିଦେଶରେ ଥାଇ ଅପରାଧ ଘଟାଉଥିଲେ। ତାଙ୍କ ନାଁରେ ଇଣ୍ଟରପୋଲ୍ ରେଡ୍ କର୍ନର ନୋଟିସ୍ ଜାରି କରିଥିଲା। ହରିୟାଣାରେ ୨୦୨୦ରେ ହୋଇଥିବା ଏକ ହତ୍ୟାକାଣ୍ଡର ପ୍ରତିଶୋଧ ନେବାକୁ ଯାଇ ଅମନ୍‌ଙ୍କୁ ହତ୍ୟା କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ହିମାଂଶୁ ଇନ୍‌ଷ୍ଟାଗ୍ରାମ୍‌ରେ ବର୍ଗର କିଙ୍ଗ୍ ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିଛନ୍ତି।

## ହଜ୍ ମୃତ୍ୟୁସଂଖ୍ୟା ୧୦୦୦ ଟପିଲା

ରିୟାଧ,୨୦।୬

ସାଉଦି ଆରବରେ ପ୍ରବଳ ଗ୍ରୀଷ୍ମଲହରି ଜାରି ରହିଥିବାବେଳେ ଚଳିତ ବର୍ଷ ହଜ୍ ଯାତ୍ରା ବେଳେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୧,୦୦୦ ଟପିଛି। ସେଠାକୁ ଆସିଥିବା ୧୦ ଦେଶର ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୧୦୮୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବିନା ପଞ୍ଜୀକରଣରେ ହଜ୍ ଯାତ୍ରାରେ ଆସିଥିଲେ। ଗୁରୁବାର ସେଠାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ମଧ୍ୟରୁ ୫୮ ଜଣ କେବଳ ଇଜିପ୍ଟ ନାଗରିକ। ଇଜିପ୍ଟରୁ ଯୋଗଦେଇଥିବା ହଜ୍ ଯାତ୍ରୀଙ୍କ ମଧ୍ୟରୁ ମୋଟ ୬୫୮ ଜଣ ପ୍ରାଣ ହରାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୩୦ ଜଣ ପଞ୍ଜୀକୃତ ହୋଇ ନ ଥିଲେ ବୋଲି ଜଣେ ଆରବ କୂଟନୀତିଜ୍ଞ କହିଛନ୍ତି। ମୃତକଙ୍କ ମଧ୍ୟରେ ୬୮ ଭାରତୀୟ ରହିଛନ୍ତି। ଚାନ୍ଦ୍ର ଇସ୍‌ଲାମୀୟ କ୍ୟାଲେଣ୍ଡର ଅନୁଯାୟୀ ହଜ୍ ସମୟ ଧାର୍ଯ୍ୟ ହୋଇଥାଏ। ଚଳିତ ବର୍ଷ ସାଉଦି ଆରବରେ ତତଲା ତାୱା ଭଳି ଗ୍ରୀଷ୍ମ ଅନୁଭୂତ ହେଉଥିବାବେଳେ ହଜ୍ ପଡ଼ିଥିଲା। ମକ୍କାର ଗ୍ରାଣ୍ଡ ମସ୍‌ଜିଦରେ ଚଳିତ ସପ୍ତାହର ସର୍ବାଧିକ ତାପମାତ୍ରା ୫୧.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୨୪ | Bhubaneswar, Friday, June 21/2024 | ପୃଷ୍ଠା-୧


ସୁରମା ପାଢ଼ୀ ବାଚସ୍ପତି ଭାବେ ଗୁରୁବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ପ୍ରମୁଖ ତାଙ୍କୁ ସ୍ୱାଗତ କରୁଛନ୍ତି।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ତେଜିଲା ଏନ୍‌ଇଇଟି-ୟୁଜି, ୟୁଜିସି-ନେଟ୍ ବିବାଦ

ନୂଆଦିଲ୍ଲୀ,୨୦।୬

ଡାକ୍ତରୀ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ୨୦୨୪ ଆୟୋଜନରେ ଦୁର୍ନୀତି ଓ ଅନିୟମିତତା ଯୋଗୁ ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ତେଣୁ ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦକରି ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ ବୋଲି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଏହା ଉପରେ ଜବାବ ମାଗିଛନ୍ତି। ଏଥିସହ ବିଭିନ୍ନ ହାଇକୋର୍ଟରେ ଦାଲଖ ହୋଇଥିବା ଏ ସମ୍ପର୍କିତ ପିଟିଶନଗୁଡ଼ିକର ଶୁଣାଣି ଉପରେ ମଧ୍ୟ ଶୀର୍ଷ ଅଦାଲତ ସ୍ଥଗିତାଦେଶ ଜାରି କରିଛନ୍ତି। ତେବେ ଇତିମଧ୍ୟରେ କାଉନ୍‌ସେଲିଂ ପ୍ରକ୍ରିୟା ଜାରି ରହିବ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଦେଶର ସରକାରୀ ଏବଂ ଘରୋଇ ଅନୁଷ୍ଠାନଗୁଡ଼ିକରେ ଏମ୍‌ବିବିଏସ୍, ବିଡିଏସ୍, ଆୟୁଷ ଓ ଅନ୍ୟ ସମ୍ପର୍କିତ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି-କମ୍-ଏଣ୍ଟ୍ରାନ୍ସ (ଏନ୍‌ଇଇଟି-ୟୁଜି) ପ୍ରବେଶିକା ପରୀକ୍ଷା ଗତ ମେ' ୫ରେ ଅନୁଷ୍ଠିତ ହୋଇଥିଲା। ☞ପୃଷ୍ଠା-୯


ନୂଆଦିଲ୍ଲୀସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ଆଗରେ ଗୁରୁବାର ବିକ୍ଷୋଭରତ ଛାତ୍ରଙ୍କୁ ପୋଲିସ ଉଠାଇନେଉଛି। (ଫଟୋ: ଚମନ ଗୌତମ)

## ଶିକ୍ଷାମନ୍ତ୍ରୀଙ୍କ ବାସଭବନ, ମନ୍ତ୍ରଣାଳୟ ସମ୍ମୁଖରେ ବିକ୍ଷୋଭ

ନୂଆଦିଲ୍ଲୀ,୨୦।୬

ଏନ୍‌ଇଇଟିରେ ଦୁର୍ନୀତି ଏବଂ ୟୁଜିସି-ନେଟ୍ ପରୀକ୍ଷା ବାତିଲ ପ୍ରତିବାଦରେ ଗୁରୁବାର ବହୁ ଛାତ୍ରୀଛାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଡଜନରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ସମେତ ଶିକ୍ଷା ମନ୍ତ୍ରଣାଳୟ ବାହାରେ ମଧ୍ୟ ବିକ୍ଷୋଭରତ ବିଭିନ୍ନ ଛାତ୍ର ସଂଗଠନର ସଦସ୍ୟମାନଙ୍କୁ ଅଟକ ରଖାଯାଇଛି। ଉଭୟ ସ୍ଥାନରୁ ଦିଲ୍ଲୀ ପୋଲିସ ଉଠାଇନେଇଥିବା ଛାତ୍ରୀଛାତ୍ରମାନେ ଷ୍ଟୁଡେଣ୍ଟ ଫେଡେରେଶନ୍ ☞ପୃଷ୍ଠା-୯

## ୨୨ରୁ ସ୍ୱାଭାବିକ ସମୟରେ ସ୍କୁଲ

ଭୁବନେଶ୍ୱର,୨୦।୬
(ଅନୁରାଧା ମହାରଣା)

ପାଣିପାଗ ବିଭାଗର ସୂଚନାକୁ ଆଧାର କରି ରାଜ୍ୟ ସରକାର ଆଉ ଦିନକ ପାଇଁ ସ୍କୁଲ୍‌ଗୁଡ଼ିକୁ ସକାଳୁଆ କରିଛନ୍ତି। ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ପାଠପଢ଼ା ହେବ। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ। ତେବେ ୨୨ ତାରିଖରୁ ☞ପୃଷ୍ଠା-୯

## ଫେବୃଆରୀ ୯ରେ ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ

ଭୁବନେଶ୍ୱର,୨୦।୬(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। ପାଖାପାଖି ୫ ବର୍ଷ ବ୍ୟବଧାନରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ୫୦ ଓଭର ବିଶିଷ୍ଟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଗୁରୁବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ୨୦୨୫ ଫେବୃଆରୀ ୯ରେ ଏହି ମ୍ୟାଚ ଖେଳାଯିବ। ୨୦୨୫ ପ୍ରାରମ୍ଭରେ ଭାରତ ଗସ୍ତରେ ଆସି ଇଂଲଣ୍ଡ ୫ଟି ଟି୨୦, ୩ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚର ମୂକସାକ୍ଷୀ ରହିବ ଐତିହାସିକ ବାରବାଟୀ ଷ୍ଟାଡିୟମ। ପ୍ରଥମ ଦିନିକିଆ ଫେବୃଆରୀ ୬ରେ ନାଗପୁର ଏବଂ ତୃତୀୟ ତଥା ଅନ୍ତିମ ଦିନିକିଆ ୧୨ ତାରିଖରେ ଅହମଦାବାଦରେ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ପୂର୍ବରୁ ୫ଟି ଟି୨୦ ଯଥାକ୍ରମେ ଚେନ୍ନାଇ, କୋଲକାତା, ରାଜକୋଟ, ପୁଣେ ☞ପୃଷ୍ଠା-୯

DSPL - 24
ଓଡ଼ିଶା ଶାସନ



**ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଯୋଗ ହେଉଛି ଭାରତୀୟ ଦର୍ଶନ ଓ ଜ୍ଞାନପୁଞ୍ଜର ଏକ ଅନୁଭୂତିସିଦ୍ଧ ବିଭବ। ପ୍ରାଚୀନ ଭାରତୀୟ ସଂସ୍କୃତିରୁ ଉଦ୍ଭବ ପତଞ୍ଜଳିଙ୍କ ଯୋଗସୂତ୍ର ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ ଅବଦାନ।

ଭାରତୀୟ ସଂସ୍କୃତିର ଏହି ଅନନ୍ୟ ଐଶ୍ୱର୍ଯ୍ୟରେ ମାନବ ସମାଜକୁ ସମୃଦ୍ଧ କରିବା ପାଇଁ ଭାରତର ପ୍ରସ୍ତାବ କ୍ରମେ, ମିଳିତ ଜାତିସଂଘ ୨୦୧୫ ମସିହା ଠାରୁ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରିଆସୁଛନ୍ତି। ଏହା ଆମ ଭାରତୀୟ ମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

ଚଳିତ ବର୍ଷ ଯୋଗ ଦିବସର ପ୍ରମୁଖ ଲକ୍ଷ୍ୟ ହେଉଛି "ନିଜ ପାଇଁ ଓ ସମାଜ ପାଇଁ ଯୋଗ"। ଆସନ୍ତୁ, ଏହି ଲକ୍ଷ୍ୟ ସାଧନ ନିମନ୍ତେ ଆମେ ସମସ୍ତେ ନିୟମିତ ଭାବେ ଯୋଗାଭ୍ୟାସରେ ବ୍ରତୀ ହୋଇ ନିଜର ତଥା ସମାଜର କଲ୍ୟାଣ ସାଧନ କରିବା ସହ ସାମାଜିକ ଜୀବନକୁ ସଙ୍ଗତିପୂର୍ଣ୍ଣ ଓ ସମୃଦ୍ଧ କରିବା।

ମୋହନ ମାଝୀ
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଶାସନ



**ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**

୨୦୨୪ ମସିହା ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀ ଭଉଣୀଭାଇମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଯୋଗ କେବଳ ଆସନ, ପ୍ରାଣାୟମ ଏବଂ ବ୍ୟାୟାମ ନୁହେଁ। ଏହା ଏକ ସୁସ୍ଥ ଓ ସମାହିତ ଜୀବନ ଶୈଳୀ। ଯୋଗ ବ୍ୟକ୍ତିର ମାନସିକ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବା ସହ ତାର ରୋଗ ପ୍ରତିରୋଧକ ଶକ୍ତି ଓ କାର୍ଯ୍ୟଦକ୍ଷତା ବଢାଇଥାଏ। ପ୍ରତିକୂଳ ପରିସ୍ଥିତିରେ ସମତାପୂର୍ଣ୍ଣ ଜୀବନ ନିର୍ବାହ କରିବାର ରାସ୍ତା ଦେଖାଇଥାଏ।

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରମୁଖ ବିଷୟବସ୍ତୁ ହେଉଛି ମୋ ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ।

ଆସନ୍ତୁ, ଏହି ମହାମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଯୋଗ ମାଧମରେ ଆମେ ନିଜେ ସୁସ୍ଥ ରହିବା ସହ ସମୁଦାୟ ମାନବ ସମାଜକୁ ମହାଋଷି ପତଞ୍ଜଳି କୃତ ଯୋଗସୂତ୍ରରେ ଉଦ୍ଭାସିତ ଓ ବିକଶିତ କରିବା।

ମୁକେଶ ମହାଲିଙ୍ଗ
(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡ଼ିଶା

OIPR-10056/13/0001/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଦୁର୍ଗାମଣ୍ଡପ, ଶୈଳଶ୍ରୀ ବିହାର, ଫେଜ୍-୬, ସମୟ: ପ୍ରାତଃ ୫ଟା ୩୦ ।
- ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଡାଇରେକ୍ଟରର୍ସ ଲନ୍, ଅଡିଟୋରିୟମ୍ ସମ୍ମୁଖ, ଏମ୍‌ସ ଏବଂ ମୁଖାର୍ଜୀ ପାର୍କ, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: କଳିଙ୍ଗ ହକି ଷ୍ଟାଡିୟମ୍, ଗେଟ୍ ନଂ. ୩, ସୁଇମିଂ ପୁଲ ନିକଟ, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: କସ୍ତୁରବା ସ୍କୁଲ, ନୟାପଲ୍ଲୀ, ସମୟ: ସକାଳ ୭ଟା ।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଭିଏସ୍ଏସ୍ ନଗରରେ ବିଶ୍ୱ ଯୋଗ ଦିବସ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଡି.ଏଲ୍ କଲୋନୀ, ସମୟ: ସକାଳ ୭ଟା ।
- ବିଶ୍ୱ ଯୋଗ ଓ ସଙ୍ଗୀତ ଦିବସ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ସକାଳ ୭ଟା ଓ ସଙ୍ଗୀତ କାର୍ଯ୍ୟକ୍ରମ, ସମୟ: ଅପରାହ୍ନ ୩ଟା ।
- ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଫ୍ୟୁଜନ ଆରେନା, ରଘୁନାଥପୁର, ସମୟ: ସକାଳ ୯ଟା ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ସାହିତ୍ୟ ଏକାଡେମୀ ପକ୍ଷରୁ ମୁଲାକାତ ଏବଂ ପ୍ରବାସୀ ମଞ୍ଚ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା ।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦ ।
- ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେଶନ ପକ୍ଷରୁ ୱାର୍ଲ୍ଡ ମ୍ୟୁଜିକ୍ ଆଣ୍ଡ ଯୋଗା ଡେ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।

## କଟକ

- କଟକ କ୍ଲବ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ- କଟକ କ୍ଲବ୍ ଏମ୍‌ଜିଏମ୍ ସେନିଟାରୀ କକ୍ଷ, ସମୟ: ସକାଳ ୬ଟା ।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଆନେକ୍ସ-୧, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା ।
- ଓମ୍‌ଫେଡ୍ ପକ୍ଷରୁ ବିଶ୍ୱ ଯୋଗ ଦିବସ, ସ୍ଥାନ: ଓମ୍‌ଫେଡ୍ ଡାଏରୀ, ଅରିଲୋ, ଗୋବିନ୍ଦପୁର, ସମୟ: ସକାଳ ୭ଟା ।
- ଜିଲାସ୍ତରୀୟ ଯୋଗ ଦିବସ, ସ୍ଥାନ: କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ।
- ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ବିଶ୍ୱ ଯୋଗ ଦିବସ, ସ୍ଥାନ: କଟକସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ, ସମୟ: ସନ୍ଧ୍ୟା ୭ଟା ୩୦ ।

## ପୁରୀ

- ପତାଞ୍ଜଳି ଅନୁଷ୍ଠାନ ପକ୍ଷରୁ ଯୋଗ ଶିବିର, ସ୍ଥାନ: ହୋଟେଲ ହଲିଡେ ରିଶୋର୍ଟ, ପୁରୀ, ସମୟ: ପ୍ରାତଃ ୫ଟା ୩୦ ।
- ମିଶନ ଓଡ଼ିଶା ପକ୍ଷରୁ ଯୋଗ ଦିବସ, ସ୍ଥାନ: ଗାନ୍ଧୀ ପାର୍କ, ପୁରୀ, ସମୟ: ସକାଳ ୬ଟା ।
- ହରଚଣ୍ଡି ସାହି ଶିଶୁ ମନ୍ଦିର ପକ୍ଷରୁ ଯୋଗ ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ପୁରୀ, ସମୟ: ସକାଳ ୬ଟା ୪୫ ।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ହାଇ ସ୍କୁଲ ପରିସର ଓ ଶ୍ରୀଗୋପାଳ ଭବନ, ସାକ୍ଷୀଗୋପାଳ, ସମୟ: ସକାଳ ୬ଟା । ସ୍ଥାନ: ଓଡ଼ିଆ ବିଶ୍ୱ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ । ସ୍ଥାନ: ଏସ୍‌ସିଏସ୍ କଲେଜ ପରିସର, ପୁରୀ । ସ୍ଥାନ: ସୂର୍ଯ୍ୟ ମନ୍ଦିର ପ୍ରାଙ୍ଗଣ, କୋଣାର୍କ, ସମୟ: ସକାଳ ୭ଟା ।
- ମଧୁବନ ଶିଶୁ ମନ୍ଦିର ପକ୍ଷରୁ ମେଧାବୀ ଅଭିନନ୍ଦନ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ପୁରୀ, ସମୟ: ଅପରାହ୍ନ ୩ଟା ।

## ଖୋର୍ଦ୍ଧା

- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୬ଟା ।
- ଜଟଣୀ ପୌରପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଟାଉନ ହଲ୍ (ଶ୍ରଷ୍ଟା), ଜଟଣୀ, ସମୟ: ସକାଳ ୬ଟା ।
- ଜଟଣୀ ବ୍ଲକସ୍ତରୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ (ଖୁଦୁପୁର ଖେଳପଡ଼ିଆ), ସମୟ: ସକାଳ ୬ଟା ।
- ବିଶ୍ୱ ଯୋଗ ଦିବସ ଅବସରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଖେଳପଡ଼ିଆ, ଗଡ଼ସାହି ପାଖ, ଓଗାଳପଡ଼ା, ସମୟ: ସକାଳ ୬ଟା ୩୦ ।
- ଜିଲାସ୍ତରୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ, ଖୋର୍ଦ୍ଧା, ସମୟ: ସକାଳ ୭ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ପଲା ତୋଟାପଡ଼ା, ଖୋର୍ଦ୍ଧା । ସ୍ଥାନ: ଟାଉନ୍ ହଲ୍, ବେଗୁନିଆ । ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କଲ୍ୟାଣ ମଣ୍ଡପ, ବଡ଼କୁମାରୀ, ରାଜସୁନାଖଳା, ବୋଲଗଡ଼ । ସ୍ଥାନ: ଲକ୍ଷ୍ମୀଧର ବିଦ୍ୟାପୀଠ, ହରିପୁର ଖେଳପଡିଆ, ଚିଲିକା, ସମୟ: ସକାଳ ୭ଟା ।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ରେଲୱେ କଲ୍ୟାଣ ମଣ୍ଡପ, ଜଟଣୀ, ସମୟ: ସକାଳ ୯ଟା ୩୦ ।

## ବାଲେଶ୍ୱର

- ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସର, ସମୟ: ପ୍ରାତଃ ୫ଟା । ସ୍ଥାନ: ଜଗାଇ ମହାଦେବ ମନ୍ଦିର ସମ୍ମୁଖ ପଡିଆ, ସମୟ: ସକାଳ ୬ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ସୋର ବ୍ଲକ ପରିସର, ସମୟ: ପ୍ରାତଃ ୫ଟା ୩୦ ।
- ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୬ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣରେଖା ହାଇସ୍କୁଲ ପରିସର, ବାଲିଆପାଳ । ସ୍ଥାନ: ନୀଳଗିରି ମହାବିଦ୍ୟାଳୟ ପରିସର । ସ୍ଥାନ: ନୀଳଗିରି ଇନଡୋର ଷ୍ଟାଡିୟମ ପରିସର । ସ୍ଥାନ: ସଦାନନ୍ଦପୁର ମିନି ଷ୍ଟାଡିୟମ୍, ବସ୍ତା । ସ୍ଥାନ: ଶ୍ରୀବମୁନି ଆଶ୍ରମ, ଗୁଡ଼, ସୋର । ସ୍ଥାନ: ଭୋଗରାଇ ବ୍ଲକ ପରିସର । ସ୍ଥାନ: ଆଇଟିଆଇ ପଡିଆ, ବାଲେଶ୍ୱର । ସ୍ଥାନ: ବାଲିଆପାଳ ବ୍ଲକ ପରିସର, ସମୟ: ସକାଳ ୬ଟା ।
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ, ସ୍ଥାନ: ଖଇରା ମହାବିଦ୍ୟାଳୟ । ସ୍ଥାନ: ବାହାନଗା ବ୍ଲକ କାର୍ଯ୍ୟାଳୟ । ପତଞ୍ଜଳି ଯୋଗ ସମିତି ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜହତା ପ୍ରାଥମିକ ବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୭ଟା ।
- ଦଶମ ବାର୍ଷିକ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ଗୁଡିଖାଳ ଶିବମୁନି ଯୋଗାଶ୍ରମ, ବସ୍ତା, ବାଲେଶ୍ୱର, ସମୟ: ସକାଳ ୭ଟା ୩୦ ।
- ନୀଳମଣି ମହାବିଦ୍ୟାଳୟରେ ଯୋଗ ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ସିମୁଳିଆ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଓଡିଶା କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଆନ୍ତର୍ଜାତିକ
- ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାତୀଆଡିହା ଶିବମୁନି ଯୋଗାଶ୍ରମ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।
- ନୀଳଗିରିରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ବିଡିଓଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ।
- ବସ୍ତା ପ୍ରେସ କ୍ଲବ ପକ୍ଷରୁ ମାସିକ ବୈଠକ, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ସନ୍ଧ୍ୟା ୭ଟା ।

## ଭଦ୍ରକ

- ଆନ୍ତର୍ଜାତିକ ଯୋଗ ଦିବସ ପାଳନ, ସ୍ଥାନ: ଯୋଗୀରଷି ଲଛମନ ଦାସ ବାଳାଶ୍ରମ, ତିହିଡ଼ି, ସମୟ: ପ୍ରାତଃ ୫ଟା ।
- ଜିଲାସ୍ତରୀୟ ଯୋଗ ଦିବସ ପାଳନ, ସ୍ଥାନ: ନେହେରୁ ଷ୍ଟାଡିୟମ, ଭଦ୍ରକ । ସ୍ଥାନ: , ବାସୁଦେବପୁର ବ୍ଲକ ପରିସର । ସ୍ଥାନ: ରାଣୀଶିଖର କୈଳାସ କଲ୍ୟାଣ ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୬ଟା ।
- ୭ମ ବାଟାଲିୟନ ପକ୍ଷରୁ ଯୋଗ ଦିବସ ପାଳନ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା ୩୦ ।
- ଯୋଗ ଦିବସ ପାଳନ, ସ୍ଥାନ: ଚାନ୍ଦବାଲି ବ୍ଲକ ପରିସର । ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସର, , ସମୟ: ସକାଳ ୭ଟା ।
- ୧୭ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବାଗୁରାଇ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ବିଜୟ ସମ୍ବର୍ଦ୍ଧନା ସମାରୋହ: ସ୍ଥାନ: ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନା, ବାସୁଦେବପୁର, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର

- ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଚମ୍ପୁଆ, ସମୟ: ପ୍ରାତଃ ୫ ଟା ୪୫ ।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୬ ଟା ।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା, ପୂଜାର୍ଚ୍ଚନା, ସ୍ଥାନ: ମହୁଲପଙ୍କା, ହାଟଡ଼ିହୀ, ସମୟ: ସକାଳ ୬ ଟା ।
- ଯୋଗ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଘଟଗାଁ, ଗୁଣ୍ଡିଚଘାଗି ଜଳପ୍ରପାତ, ସମୟ: ସକାଳ ୭ ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ସକାଳ ୭ ଟା ।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଜେଏମଏଫସି କୋର୍ଟ ପରିସର, ବଡବିଲ, କେନ୍ଦୁଝର, ସମୟ: ସକାଳ ୮ ଟା ।
- ସାମୂହିକ ଯୋଗ ଅଭ୍ୟାସ, ସ୍ଥାନ: ହ୍ୟାଣ୍ଡବଲ ପଡ଼ିଆ, କେନ୍ଦୁଝର, ସମୟ: ସକାଳ ୮ଟା ।
- କପିଳେଶ୍ୱର ଶିବ ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: କପୁଣ୍ଡି, ହାଟଡ଼ିହୀ, ସମୟ: ସକାଳ ୯ ଟା ।
- ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନାସଭା, ସ୍ଥାନ: ତମ୍ପୋ, ବାଟୋ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା ।
- ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତି ବୈଠକ, ସ୍ଥାନ: ବନାଞ୍ଚଳ କାର୍ଯ୍ୟାଳୟ ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା ।
- ପାଲା ଉତ୍ସବ, ସ୍ଥାନ: ଖାଣ୍ଟପଦା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା ।

## ମୟୂରଭଞ୍ଜ

- ନିଶୁଳ୍କ ଯୋଗାଭ୍ୟାସ ଶିବିର, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ସମୟ: ସକାଳ ୫ଟା୧୫ମି ।
- ଯୋଗ ଦିବସ ପାଳନ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାରିପଦା । ସ୍ଥାନ: ହୋଟେଲ୍ ସିପ୍ରାନ ଇନ୍, ଉଦଳା । ସ୍ଥାନ: ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ଚିତ୍ରଡ଼ା, ମୋରଡ଼ା । ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଳ,ବଡସାହି ସମୟ: ସକାଳ ୬ଟା ।
- କୈବଲ୍ୟ ଚୈତନ୍ୟ ଶ୍ରୀପାଦୁକାଙ୍କ ଯଜ୍ଞାନୁଷ୍ଠାନ ଓ ସନ୍ଧ୍ୟା ସତ୍‌ସଙ୍ଗ, ସ୍ଥାନ:ଶ୍ରୀ ପାଦୁକା ମନ୍ଦିର, ଛଉ ପଡିଆ, ବାରିପଦା, ସମୟ: ରାତି ୭ଟା ।

## ବ୍ରହ୍ମପୁର

- ଯୋଗ ଦିବସ ପାଳନ, ସ୍ଥାନ: ଅକ୍ସଫୋର୍ଡ ପବ୍ଲିକ ସ୍କୁଲ, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଆଙ୍କୁଶପୁର,ସମୟ: ସକାଳ ୬ଟା ୩୦ ।
- ଯୋଗଧାମ ପକ୍ଷରୁ ଯୋଗ ଦିବସ ପାଳନ, ସ୍ଥାନ: ସୁବୁଦ୍ଧି ବେଡା କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା ।
- ବିଏମସି ପକ୍ଷରୁ ଯୋଗ ଦିବସ ପାଳନ,ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ:ସକାଳ ୭ଟା ।
- ବିଶ୍ୱ ଯୋଗ ଦିବସ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜମଣ୍ଡପ, ସମୟ: ସକାଳ ୭ଟା ।
- ଜିଲା ଭାଜପାର ସାଧାରଣ ବୈଠକ, ସ୍ଥାନ:ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୬ଟା ।

## ଗଞ୍ଜାମ

- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଛତ୍ରପୁର ପୋଲିସ ପଡ଼ିଆ । ସ୍ଥାନ: ବୁଗୁଡା ଇନ୍‌ଡୋର ଷ୍ଟାଡିୟମ । ସ୍ଥାନ: ଆସିକା ଏନ୍‌ଏସି ପକ୍ଷରୁ ହରିହର ହାଇସ୍କୁଲ ମିନିଷ୍ଟାଡିୟମ୍, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ । ସ୍ଥାନ: ଗୋପାଳପୁର କଲେଜ ପରିସର, ସମୟ: ସକାଳ ୭ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଦିଗପହଣ୍ଡି ବହୁମୁଖୀ ଇନଡୋର ଷ୍ଟାଡିୟମ । ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, ଦିଗପହଣ୍ଡି, ସମୟ: ସକାଳ ୮ ଟା ।
- ଭାଜପାର ବିଜୟ ଉତ୍ସବ, ସ୍ଥାନ: ବୁଗୁଡା, ସମୟ: ସକାଳ ୯ଟା ।
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଏନ୍‌ଏସି କାଉନସିଲର ପରିବର୍ଦ୍ଧିତ ସଭା, ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହ । ସ୍ଥାନ:ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହ, ଦିଗପହଣ୍ଡି, ସମୟ : ପୂର୍ବାହ୍ନ ୧୧ଟା ।

## କନ୍ଧମାଳ

- ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ:ଫୁଲବାଣୀ କରୋନେସନ ପଡ଼ିଆ, ଫୁଲବାଣୀ, ସମୟ:ସକାଳ ୬ଟା ।

## ଗଜପତି

- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ:ପାରଳାଖେମୁଣ୍ଡି ଇନଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ।

## ରାୟଗଡ଼ା

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଇନଡୋର ହଲ୍, ଆମ୍ଭାଗୁଡ଼ା,ରାୟଗଡା, ସମୟ: ସକାଳ ୬ ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ସେଞ୍ଚୁରିୟନ ୟୁନିଭର୍ସିଟି, ପିତାମହଲ, ରାୟଗଡା । ସ୍ଥାନ: ଗୁଣପୁର ଇନ୍‌ଡୋର ଷ୍ଟାଡିୟମ । ସ୍ଥାନ: ଗୁଡ଼ାରି ଇନଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା
- ଯୋଗ ଦିବସ ପାଳନ, ସ୍ଥାନ: ମା' ମଝିଘରିଆଣି ମନ୍ଦିର ପରିସର, ଅଶୋକ କଲ୍ୟାଣ ମଣ୍ଡପ, ମହିଳା ମହାବିଦ୍ୟାଳୟ, ରାୟଗଡ଼ା ସମୟ: ସକାଳ ୭ଟା ।
- ବୁର୍ଦ୍ଦାଲା ପୋଲମା ମା'ଙ୍କ ଘଟ ପରିକ୍ରମା, ସ୍ଥାନ: ରାମା ଟକିଜ, ପାଇକ ସାହି, ରାୟଗଡ଼ା, ସମୟ: ଅପରାହ୍ନ ୫ ଟା ।

## ନବରଙ୍ଗପୁର

- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ । ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ । ସ୍ଥାନ: ଝରିଗାଁ ସରକାରୀ ନୋଡାଲ ହାଇସ୍କୁଲ । ସ୍ଥାନ: ଉମରକୋଟ ଇଣ୍ଡୋର ଷ୍ଟାଡ଼ିୟମ, ସମୟ: ସକାଳ ୬ଟା । ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ । ସ୍ଥାନ: କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ସକାଳ ୬ଟା ୩୦ ।
- ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୮ଟା ୩୦ ।
- ମାନିକପୁରୀ ପନକା ସମାଜ ପକ୍ଷରୁ କବୀର ଜୟନ୍ତୀ, ସ୍ଥାନ: ଝରିଗାଁ ବ୍ଲକ କୁସୁମୀ ଗାଁ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ମୂଲ୍ୟାଙ୍କନ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ନବରଙ୍ଗପୁର ଏମ୍‌ପି ଓ ଝରିଗାଁ ବିଧାୟକଙ୍କ ସମୀକ୍ଷା ବୈଠକ, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ।
- ନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଟିର୍ଲିଆମ୍ବଗୁଡ଼ା ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୧ଟା ।
- ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ବୈଠକ, ସ୍ଥାନ: ଝରିଗାଁ ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ

- ଜିଲାସ୍ତରୀୟ ବିଶ୍ୱ ଯୋଗ ଦିବସ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଷ୍ଟାଡିୟମ୍ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ସକାଳ ୬ ଟା । ଯୋଗ ଦିବସ, ସ୍ଥାନ: ପଟ୍ଟାଙ୍ଗି ବ୍ଲକସ୍ଥିତ ମିନିଷ୍ଟାଡିୟମ୍ ସହ ଦେଓମାଳି ପର୍ବତ । ସ୍ଥାନ: କୁନ୍ଦୁରା ବିଜୁ ପଟ୍ଟନାୟକ କଲେଜ । ସ୍ଥାନ: ସୁନାବେଡ଼ାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍, ସମୟ: ସକାଳ ୬ ଟା ।
- ଏସ୍‌ଟି ଓ ଏସ୍‌ସି ବିଭାଗ ଅଧୀନରେ ଥିବା ଜିଲା କ୍ୟାଡର ଶିକ୍ଷକଙ୍କ ବଦଳି କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା ।

## ମାଲକାନଗିରି

- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବାଲିମେଳା ଇଣ୍ଡୋର ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୩୦ । ସ୍ଥାନ: ମାଲକାନଗିରି ବିଜୁ ପଟ୍ଟନାୟକ କ୍ରୀଡା ଭବନ, ସମୟ:ସକାଳ ୬ ଟା ।
- ପତଞ୍ଜଳି ପକ୍ଷରୁ ବିଶ୍ୱଯୋଗ ଦିବସ, ସ୍ଥାନ:ଜୈନ ଭବନ ,ସମୟ: ସକାଳ ୭ ଟା ।
- ବାବା ବଳିଆଙ୍କ ଚାରାରୋପଣ ଓ ପ୍ରବଚନ, ସ୍ଥାନ: ଓଉମା, ମାଲକାନଗିରି
- ସମୟ: ସକାଳ ୧୦ଟା ।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତିର ଆନ୍ତର୍ଜାତିକ ଯୋଗ ଦିବସ ପାଳନ, ସ୍ଥାନ:ବୁଢ଼ାରଜା ଉଚ୍ଚବିଦ୍ୟାଳୟ ପଡିଆ, ସମୟ : ସକାଳ ୫ଟା ୩୦ ।
- ସମ୍ବଲପୁର ମହାନଗର ନିଗମ ଆୟୋଜିତ ଆନ୍ତର୍ଜାତୀୟ ଦିବସ, ସ୍ଥାନ : ମହାନଦୀ ରିଭର ଭିୟୁ, ସମୟ : ସକାଳ : ୬ଟା ।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଯୋଗଦିବସ, ସ୍ଥାନ : ଚେରୁଆପଡା, ସମୟ : ସକାଳ ୬ଟା ।
- ମର୍ନିଂୱାର୍କ ଆଉଟ ଗ୍ରୁପ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ : ଗାନ୍ଧୀ ପାର୍କ , ସମୟ : ସକାଳ ୬ଟା ୩୦ ।
- ବ୍ରହ୍ମକୁମାରୀ ପକ୍ଷରୁ ଯୋଗ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଭୀମଭୋଇ ପାର୍କ, ସମୟ : ସକାଳ ୭.୩୦ ।
- ରକ୍ତ ଶିକୁଲି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଭୀମସାର ସ୍ଥିତ ସିକଲ ସେଲ ପ୍ରତିଷ୍ଠାନ : ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଯୋଗ ଦିବସ, ସ୍ଥାନ : ଦୁର୍ଗାପାଲି, ସମୟ : ସନ୍ଧ୍ୟା ୫ଟା ।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା କୁଡୋ ହଲ, ସମୟ : ସନ୍ଧ୍ୟା ୫ଟା ୩୦ ।

## ବଲାଙ୍ଗୀର

- ପତଞ୍ଜଳି ଯୋଗପୀଠ ପକ୍ଷରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ, ସ୍ଥାନ: ସରକାରୀ ଆଇଟିଆଇ ପଡିଆ, ଲର୍କିପାଲି, ବଲାଙ୍ଗୀର, ସମୟ: ସକାଳ ୫ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର । ସ୍ଥାନ: ଲୋଇସିଂହା କଲେଜ ପରିସର । ସ୍ଥାନ: ବ୍ଲକସ୍ତରୀୟ ଯୋଗ ଦିବସ ପକ୍ଷରୁ ପୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ । ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ପରିସର, ଖପ୍ରାଖୋଲ । ସ୍ଥାନ: ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୭ଟା ।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଯୋଗ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୬ଟା ।
- ପୌରାଞ୍ଚଳସ୍ତରୀୟ ଯୋଗ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସ୍ମାର୍ଟ ଫରେଷ୍ଟ ପାର୍କ ପରିସର, ସମୟ: ସକାଳ ୬ଟା ।
- ଯୋଗ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ,ବୀରମହାରାଜପୁର ସମୟ:ସକାଳ ୬ଟା ।
- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: କେନ୍ଦୁପାଲି ସରକାରୀ ଉନ୍ନୀତ ୟୁପି ସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା୩୦ ।
- ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ପାତାଳୀ କ୍ଷେତ୍ର, କୋଟସମଲାଇ, ବୀରମହାରାଜପୁର ବ୍ଲକ । ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୭ଟା ।

## ରାଉରକେଲା

- ଗାୟତ୍ରୀ ଶକ୍ତିପୀଠରେ ଯୋଗ ଦିବସ,ସ୍ଥାନ: ସେକ୍ଟର-୨ ସମୟ: ସକାଳ: ୫ଟା ୩୦ ।
- ଯୋଗ ଦିବସ ପାଳନ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ । ସ୍ଥାନ:ଆର୍‌ଏସ୍‌ପି ପକ୍ଷରୁ ସେକ୍ଟର-୬ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମ୍‌ରେ ଯୋଗ ଦିବସ ପାଳନ, ସମୟ: ସକାଳ ୬ଟା । ସ୍ଥାନ: ସୋନା ପର୍ବତ ସରକାରୀ ଚିକିତ୍ସାଳୟ, ସମୟ: ସକାଳ ୭ଟା ।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଓଡିଆ ଭାଷାରେ ସାହିତ୍ୟର ଅବଦାନ ଆଲୋଚନା ଚକ୍ର,ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା ।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ,ସ୍ଥାନ: ସୁନ୍ଦରଗଡ ଭବାନୀ ଭବନ ପଡିଆ । ସ୍ଥାନ: ସୁନ୍ଦରଗଡ ପୌରପାଳିକା ତରଫରୁ ଶଙ୍କରା ରିଜର୍ଭ ପୋଲିସ ପଡିଆ । ସ୍ଥାନ: ସୁନ୍ଦରଗଡ ଏନସିସି କ୍ୟାଡେଟ୍ସ ଶିବିର ପକ୍ଷରୁ ସେଣ୍ଟ ମେରୀ ବାଳିକା ହାଇସ୍କୁଲରେ ଯୋଗ ଦିବସ,ସମୟ ସକାଳ ୬ଟା ।

## ବରଗଡ଼

- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଏମ୍‌ପିଆଇଏସ୍ ବିଲଡ଼ିଂ, ରାଣାପ୍ରତାପ ହାଇସ୍କୁଲ ନିକଟ, ବରଗଡ଼ । ସ୍ଥାନ: ଖାରବନ୍ଧ ହାଇସ୍କୁଲ ପଡ଼ିଆ । ସ୍ଥାନ: ନୃସିଂହନାଥ ଗେଟ୍ ସମ୍ମୁଖ, ପାଇକମାଳ । ସ୍ଥାନ: ବିନ୍ଧ୍ୟାବାସିନୀ କଲେଜ, ପାଇକମାଳ । ସ୍ଥାନ: ମିନି ଷ୍ଟାଡ଼ିୟମ, ଗାଇସିଲେଟ୍, ସମୟ: ସକାଳ ୬ଟା ।

## କଳାହାଣ୍ଡି

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣା, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: କର୍ଲାମୁଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, ସମୟ: ସକାଳ ୬ଟା ୩୦ । ସ୍ଥାନ: କେସିଙ୍ଗା ସହରସ୍ଥିତ ଇଣ୍ଡୋର ଷ୍ଟାଡିୟମ । ସ୍ଥାନ: ପିଆଇ ଡିଗ୍ରୀ କଲେଜ ଜୁନାଗଡ଼, ସମୟ: ସକାଳ ୭ଟା ।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ନୂଆପଡ଼ା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା । ସ୍ଥାନ: ଖଡିଆଳ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦ ।

## ବୌଦ୍ଧ

- ଜିଲା ପ୍ରଶାସନ ପକ୍ଷରୁ ଆର୍ନ୍ତଜାତୀୟ ଯୋଗ ଦିବସ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ସକାଳ ୬ଟା୩୦ ।
- ବିଶ୍ୱ ଯୋଗ ଦିବସ ପାଳନ,ସ୍ଥାନ: ଘଣ୍ଟାପଡା ହାଇସ୍କୁଲ ଖେଳପଡିଆ, କଣ୍ଟାମାଳ, ସମୟ ସକାଳ ୭ଟା ।
- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା୩୦ ।

## ଦେବଗଡ଼

- ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସବ, ସ୍ଥାନ: ତିଲେଇବନି ବ୍ଲକ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପ୍ରାତଃ ୫ଟା ।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଆଇଜି ଷ୍ଟାଡିୟମ, ଦେବଗଡ଼, ସମୟ: ସକାଳ ୬ଟା ।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ । ସ୍ଥାନ: ରିଆମାଳ ବ୍ଲକ, ରିଆମାଳ ହାଇସ୍କୁଲ, ରେଙ୍ଗାଲବେଡ଼ା ହାଇସ୍କୁଲ । ସ୍ଥାନ: ତିଲେଇବଣୀ ବ୍ଲକର ପ୍ରଭାସୁଣି ଜଗନ୍ନାଥ ନୋଡାଲ ହାଇସ୍କୁଲ, ଜାମୁନାଲି ହାଇସ୍କୁଲ, ସମୟ: ସକାଳ ୭ଟା ।
- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ପତରାପାଲି ପ୍ରାଥମିକ ସ୍କୁଲ, ଦେବଗଡ଼ । ସ୍ଥାନ: ବାରକୋଟ ବ୍ଲକ, ତେଲିସୁଆ, ଟିପିରିସିଙ୍ଗା ପ୍ରାଥମିକ ସ୍କୁଲ, ସମୟ: ସକାଳ ୯ଟା ।
- କ୍ଲଷ୍ଟରସ୍ତରୀୟ ମାସିକିଆ ବୈଠକ, ସ୍ଥାନ: ବାରକୋଟ ବ୍ଲକ, କୁଣ୍ଡାପିଠା ପ୍ରାଥମିକ ସ୍କୁଲ, ସମୟ: ସକାଳ ୯ଟା ।
- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା

- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନୀ ୱାରଲେସ ଗ୍ରାଉଣ୍ଡ, ସମୟ: ସକାଳ ୫ଟା ୩୦ ।
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମନମୋହନ ସ୍କୁଲ ଗ୍ରାଉଣ୍ଡ, ସମୟ: ସକାଳ ୬ଟା ୧୫ ।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା ।
- ସଂଖ୍ୟାଲଘୁ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମଙ୍ଗଳ ବଜାର ଓ ହାଟଲିପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଅଷ୍ଟମଚନ୍ଦ୍ର ଦ୍ୱିତୀୟଭାବକୁ ଦେଖୁଥିବାରୁ ଯାତ୍ରା ଓ ବାଣିଜ୍ୟରୁ ଅର୍ଥଲାଭ କରାଇବ । ବନ୍ଧୁଙ୍କ ସାହାଯ୍ୟ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ନିଷ୍ପତ୍ତି ନେବେ । ଉପସ୍ଥିତ ବୁଦ୍ଧି ଖଟାଇ ଘରର ଅଶାନ୍ତ ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି । ଅଧ୍ୟାପନା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ ।

**ବୃଷ**
ଗଜକେଶରୀ ଯୋଗ ଫଳସ୍ୱରୂପ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ । ସବୁ ସମୟରେ ମିଶିପାରୁଥିବା ବନ୍ଧୁଙ୍କ ସହ ଆଲୋଚନା ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ କରିପାରନ୍ତି । କଚେରି ମାମଲାର ଶୁଣାଣି ବିଳମ୍ବ ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି । କଳା, କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର ତଥା ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ ।

**ମିଥୁନ**
ରାଶିରେ ତିନୋଟିଗ୍ରହ ପ୍ରଭାବରୁ ଆପଣଙ୍କ ମନ ଯେମିତି ଉଚ୍ଚ କଥା ଓ କାମ ମଧ୍ୟ ଶୃଙ୍ଖଳିତ ରହିବ । ସମୟାନୁସାରେ କାମ ଶେଷ କରି ଲକ୍ଷ୍ୟ ହାସଲ କରିବେ । ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟିର ସୂଚନା ରହିଛି । ଆନୁଷ୍ଠାନିକ ତଥା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ ।

**କର୍କଟ**
କର୍ମାଧିପତି ସ୍ୱଗୃହସ୍ଥ ଯୋଗୁ ପ୍ରତ୍ୟେକ ଦିଗରୁ ସାହାଯ୍ୟ, ସହଯୋଗ ଲାଭ କରି କର୍ମପ୍ରବାହକୁ ଗତିଶୀଳ କରାଇବେ । ପାରିବାରିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ । ଶିଳ୍ପ, ବାଣିଜ୍ୟ, ପରିବହନରେ ସଫଳତା ହାସଲ କରିବେ । ରଚନାତ୍ମକ କାମ ତଥା ବିଜ୍ଞାନ, କାରିଗରିରେ ପ୍ରୋତ୍ସାହନ ପାଇବେ ।

**ସିଂହ**
ପୂର୍ବ ସମସ୍ୟା କେତେକାଂଶରେ ଦୂରୀଭୂତ ହୋଇ ଯାଇଥିବାରୁ ମନ ହାଲୁକା ରହିବ । ବନ୍ଧୁଙ୍କ ପ୍ରତିଶ୍ରୁତିରୁ ଆଗାମୀ ଆଶାକୁ ନେଇ କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡିଚାଲିବ । ଘରୋଇ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇ ନ ପାରିବା କାରଣରୁ ଅଶାନ୍ତି ସୃଷ୍ଟି ହୋଇପାରେ । ଶାରୀରିକ ଅସୁସ୍ଥତାଜନିତ ମନ ଭାରାକ୍ରାନ୍ତ ରହିପାରେ ।

**କନ୍ୟା**
ଲାଭାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ଘରକୁ ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି । ସ୍ୱାର୍ଥହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଭିଳଷିତ କାମ ହାସଲ କରିବେ । ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ ।

**ତୁଳା**
ଆଜି କଲ୍ୟାଣଚନ୍ଦ୍ର ଯୋଗୁ ଯାହା ଯେମିତି ଚାହୁଁଛନ୍ତି ତାହା କରିବାରେ ଅସୁବିଧା ହେବନାହିଁ । ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଘରୋଇ ସମସ୍ୟା ଦୂର କରିବେ । ସାହିତ୍ୟଚର୍ଚ୍ଚା, ସଙ୍ଗୀତ ସମାରୋହ, ପ୍ରବଚନ, ସତ୍‌ସଙ୍ଗ ଓ ମନୋରଞ୍ଜନରୁ ପ୍ରଶଂସିତ ହେବେ । ହଠାତ୍ କୌଣସି ଘଟଣା ବିଚଳିତ କରିପାରେ କିନ୍ତୁ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ବିଛା**
ପରିସ୍ଥିତିର ବିଷମତା ଥିଲେ ମଧ୍ୟ ଗୁରୁଦୃଷ୍ଟିରେ ଚନ୍ଦ୍ର ହେତୁ ପୂର୍ବ ପରିକଳ୍ପିତ ଯୋଜନା କାର୍ଯ୍ୟକାରୀ ହୋଇପାରିବ । ସ୍ୱଗୃହୀ ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ । ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି । ଅନୁରାଧା ନକ୍ଷତ୍ର ପୁରୁଣା ଦିନର କଥାକୁ ନେଇ ଦୁଃଖରେ ରହିବାକୁ ବାଧ ହେବେ ।

**ଧନୁ**
ଶନିଙ୍କ ପ୍ରଭାବରେ ବନ୍ଧୁଙ୍କ ସାହାଯ୍ୟରୁ ଅଭାବ ଦୂରେଇଯିବ । ଆଳସ୍ୟ ଓ ଅବହେଳା କ୍ଷତିର କାରଣ ହୋଇପାରେ । ସାହିତ୍ୟ, କଳା, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ । ପ୍ରଶାସନିକ କିମ୍ବା ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ ହେବେ ।

**ମକର**
ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ଧର୍ମକାର୍ଯ୍ୟରେ ବ୍ୟୟକରିବେ ଏବଂ ଦୂରଯାତ୍ରା କରିବାକୁ ପଡ଼ିପାରେ । ସ୍ଥଗିତ କାମ ଆରମ୍ଭ ଯୋଜନା ଫଳପ୍ରଦ ହେବ । ପ୍ରତିବନ୍ଧକକୁ ପ୍ରତିହତ କରି କାମ କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ବନ୍ଧୁଙ୍କ ବଦାନ୍ୟତାରୁ ଅଭିଳଷିତ ଜିନିଷ ପାଇବାରେ କୌଣସି ଅସୁବିଧା ରହିବ ନାହିଁ ।

**କୁମ୍ଭ**
କେନ୍ଦ୍ରସ୍ଥ ଗୁରୁ ହେତୁ ମନ ବୁଝିଲା ଭଳି କଥା କହି ସମସ୍ୟା ସମାଧାନରେ ତତ୍ପରତା ଦେଖାଇବେ । ଘରୋଇ କଥାକୁ କେନ୍ଦ୍ରକରି ଆତ୍ମୀୟ ଦୂରେଇ ଯାଇପାରନ୍ତି । ଶିଳ୍ପ ଓ ବ୍ୟବସାୟରେ ଉନ୍ନତିରୁ ସନ୍ତୋଷ ଲାଭ କରିବେ । ସଙ୍ଗୀତ ସାଧନା, ସାହିତ୍ୟ ଚର୍ଚ୍ଚା, କଳା, କ୍ରୀଡ଼ା, ଚଳଚ୍ଚିତ୍ର ଜଗତରୁ ସୁନାମ ଅର୍ଜନ କରିବାରେ ସହାୟକ ହେବ ।

**ମୀନ**
ରାହୁ ରାଶିରେ ଥିବାରୁ କୌଶଳ ପ୍ରୟୋଗକରି ଦିନଟିକୁ ଖୁସି ମନରେ ବିତାଇବେ । ଏହା ସାଙ୍ଗକୁ ସମସ୍ୟାର ସମାଧାନ, ଅଭିଳଷିତ ଜିନିଷ ପ୍ରାପ୍ତି ଏବଂ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇପାରିବେ । ରାଜନୀତି, ସଂଗଠନ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି ।

ଆଜି ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶୁକ୍ରବାର, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ଚତୁର୍ଥୀ ହୋମ ଓ ସେନାପଟା ଲାଗି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧଦିବସ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୬।୦୫ମି. ଗତେ ଘ.୦୬।୫ମି. ମଧ୍ୟେ, ଘ.୧୨।୧୪ମି. ଗତେ ଘ.୦୨।୫୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୦୯ମି. ଗତେ ଘ.୧୧।୪୮ମି. ମଧ୍ୟେ ରାହୁକାଳ ।




# କଳିଙ୍ଗ ଷ୍ଟାଡିୟମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ

**ଅନ୍ତର୍ଜାତୀୟ ଯୋଗ ଦିବସ**

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସକାଳ ୭ଟା ସମୟରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜ୍ୟସ୍ତରୀୟ ମଣ୍ଡଳର ସଦସ୍ୟ ଗଣ, ସାଂସଦ ଓ ବିଧାୟକଗଣ ମଧ୍ୟ ଜିଲାସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ଏକ ତାଲିକା ପ୍ରକାଶ ପାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନୟାପଲ୍ଲୀସ୍ଥିତ କସ୍ତୁରବା ସ୍କୁଲ ଫିଲ୍ଡ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଏମ୍‌ପି ସମ୍ବିତ ପାତ୍ର କୋଣାର୍କ, ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼, ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବଲପୁର, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଏମ୍‌ପି ବଳଭଦ୍ର ମାଝି ନବରଙ୍ଗପୁର, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଏମ୍‌ପି ରୁଦ୍ରନାରାୟଣ ପାଣି ଢେଙ୍କାନାଳ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା, ମନ୍ତ୍ରୀ ମୁକେଶ ମହାଲିଙ୍ଗ ବଲାଙ୍ଗୀର, ବିଭୂତି ଭୂଷଣ ଜେନା ବ୍ରହ୍ମପୁର, ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଛତ୍ରପୁର, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା, ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ରାଇରଙ୍ଗପୁର, ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଭଦ୍ରକ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଏମ୍‌ପି ରବିନାରାୟଣ ବେହେରା ଯାଜପୁର ଏହିଭଳି ଅନ୍ୟ ମନ୍ତ୍ରୀ, ଏମ୍‌ପି ଓ ବିଧୟାକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ।

# ଆଜି ପୂର୍ବାହ୍ନ ୧୧ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ, ୨୦।୬
(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୨ ତାରିଖରେ ସ୍ନାନଯାତ୍ରା। ଏହି ଅବସରରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ସ୍ନାନବେଦିକୁ ବିଜେ କରିବେ। ଶ୍ରୀବିଗ୍ରହମାନେ ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ତେବେ ମହାପ୍ରଭୁ ସ୍ନାନବେଦିକୁ ପହଣ୍ଡି ହୋଇ ଯିବା ପୂର୍ବରୁ ସେନାପଟାଲାଗି ସମେତ ବିଭିନ୍ନ ଗୁପ୍ତ ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ସମ୍ପାଦନ କରିଥାନ୍ତି। ଏହି ଗୁପ୍ତ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ତେଣୁ ୨୦ ତାରିଖ ଅର୍ଥାତ୍ ଗୁରୁବାର ବଡ଼ସିଂହାର ଭୋଗ ଶେଷ ହେବା ପରେ ଆପାତତଃ ରାତ୍ର ୧୨ଟାରୁ ୨୧ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୁପ୍ତନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଭୂସ୍ଖଳନ ଦୃଶ୍ୟ ଥିଲା ଭୟାନକ

**ସିକିମ୍‌ରେ ଫସିବା ଘଟଣା**

କେନ୍ଦୁଝର, ୨୦।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ପ୍ରାୟ ୮ ଦିନ ଧରି ଆସାମର ବିଭିନ୍ନ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଭୂସ୍ଖଳନ ହୋଇ ଗମନାଗମନ ବନ୍ଦ ହୋଇଯାଇଥିଲା। ଫଳରେ ସେଠାକୁ ବୁଲିବାକୁ ଯାଇଥିବା ମୟୂରଭଞ୍ଜ ଜିଲାର ୫ ପର୍ଯ୍ୟଟକଙ୍କ ସମେତ ରାଜ୍ୟ ତଥା ଦେଶର ବହୁ ପର୍ଯ୍ୟଟକ ଫସି ରହିଥିଲେ। ସ୍ଥିତି ସ୍ୱାଭାବିକ ହୋଇଥିବା ବେଳେ ଫେରିବା ବାଟରେ ଫୋନ ଯୋଗେ ଭୂସ୍ଖଳନ ଓ ଉଦ୍ଧାର ସମୟର ଭୟାନକ ଦୃଶ୍ୟ ବର୍ଣ୍ଣନା କରିଛନ୍ତି। ସେଠାରେ ଅଟକିଥିବା ବେଳର ଦୁର୍ଦ୍ଦଶା ବଖାଣିଛନ୍ତି। 'ଧରିତ୍ରୀ'ରେ ସେମାନେ ଫସି ରହିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ସେମାନଙ୍କ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିଲେ। ଫଳରେ ସେମାନେ ସୁରକ୍ଷିତ ଉଦ୍ଧାର ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି।

ଉଦ୍ଧାର ହୋଇଥିବା ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳର ତାପସ ବେହେରା କହିଛନ୍ତି, ପ୍ରାୟ ୮ ଦିନ ହେବ ସାଙ୍ଗଙ୍କ ପରିବାର ସହ ୫ ଜଣ ଅଟକିଥିଲେ। ଖବର ପ୍ରକାଶ ପାଇବା ପରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଜଣେ ଅଧିକାରୀ ସେମାନଙ୍କୁ ଫୋନ କରିଥିଲେ। ସିକିମ୍ ସରକାରଙ୍କ ଜଣେ ଅଧିକାରୀଙ୍କ ଫୋନ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ। ଯୋଗାଯୋଗ ପରେ


ଫସିଥିବା ପର୍ଯ୍ୟଟକମାନେ ପାଦଚଲା ରାସ୍ତାରେ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି।

## ଅନୁଭୂତି ବଖାଣିଲେ ଓଡ଼ିଆ ପର୍ଯ୍ୟଟକ

ସେମାନାକୁ ଖାଦ୍ୟ ମିଳିବା ସହ ଉଦ୍ଧାର ହୋଇଥିଲେ। ପାଗ ଖରାପ ଯୋଗୁ ହେଲିକପ୍ଟର ଯୋଗେ ଉଦ୍ଧାର କାର୍ଯ୍ୟ ହୋଇ ନ ପାରିବାରୁ ମଙ୍ଗଳବାର ସକାଳେ ସିକିମ୍ ସରକାରଙ୍କ ପର୍ଯ୍ୟଟନ, ଜଙ୍ଗଲ, ପୋଲିସ ତଥା ସେନା ସହାୟତାରେ ସଡ଼କ ପଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପର୍ଯ୍ୟଟନ ବସ୍‌ରେ ବସି ପ୍ରାୟ ୩୦ କି.ମି. ପରେ ଅଟକିଯାଇଥିଲେ। ସେଠାରୁ ଭୂସ୍ଖଳନ ଯୋଗୁ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ ୭ କି.ମି. ପାଦରେ ଚାଲିବାକୁ ପଡ଼ିଥିଲା। ରାସ୍ତାରେ ଭଙ୍ଗା କାଠପୋଲରେ ସେନାଙ୍କ ସହାୟତାରେ ପାର ହୋଇ ପୁଣି ଗାଡ଼ିରେ ବସାଇ ନେଇଥିଲେ। ପୁଣି ୫ କି.ମି. ଯିବା ପରେ ଚାଲିଚାଲି ଭଙ୍ଗା ପୋଲରେ ପାରହୋଇ ଯିବାକୁ ପଡ଼ିଥିଲା। ସେଠାରୁ ପ୍ରାୟ ୧ କି.ମି. ଚାଲିବା ପରେ ପୁଣି ଏକ ଗାଡ଼ିରେ ବସି ମଙ୍ଗନ ସେନା କ୍ୟାମ୍ପରେ ପହଞ୍ଚି ବିଶ୍ରାମ ନେବାକୁ ପଡ଼ିଥିଲା। ଗ୍ୟାଙ୍ଗ୍‌ଟକରେ ପହଞ୍ଚିବା ପରେ ସେଠାରୁ ସିଲିଗୁଡ଼ି ଯାଇ ନିଜ ଗାଡ଼ିରେ ଗୁରୁବାର ସକାଳେ ଘରକୁ ଫେରିବାକୁ ବାହାରିଥିଲେ ବୋଲି ତାପସ କହିଛନ୍ତି। ରାସ୍ତାରେ ପାହାଡ଼ରୁ ଅତଡା ଖସିବା ବା ଭୂସ୍ଖଳନର ଭୟଙ୍କର ଦୃଶ୍ୟ, ପୋଲ ନଷ୍ଟ ହୋଇଯାଇଥିବା ବେଳେ ଅସ୍ଥାୟୀ ପୋଲରେ ପାହାଡ଼ିଆ ନଦୀନାଳ ଝରଣା ପାରହେବା ଅଭିଜ୍ଞତା ଯେତେ ଆନନ୍ଦଦାୟକ ସେତେ ଭୟଙ୍କର ଥିଲା। ମାଗଣାରେ ହୋଟେଲରେ ରହିବା ବ୍ୟବସ୍ଥା ଥିଲା, କିନ୍ତୁ ଖାଦ୍ୟ କିଣି ଖାଇବାକୁ ପଡୁଥିଲା। ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ପରେ ଖାଦ୍ୟ ବ୍ୟବସ୍ଥା ହୋଇଥିଲା ବୋଲି କହିଛନ୍ତି। ଗସ୍ତ ମନେ ରହିବ, କିନ୍ତୁ ଆଉ ଥରେ ଯିବା ନିଷ୍ପତ୍ତି ପାଇଁ ମନକୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୦।୬
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଅଞ୍ଚଳର ୩ ମାଓବାଦୀ ଗୁରୁବାର ମାଲକାନଗିରି ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଗାଁରେ ରହୁଥିଲେ ଓ ମାଓବାଦୀ ସଙ୍ଗଠନକୁ ସୂଚନା ଦେଉଥିଲେ। ତେବେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ସଙ୍ଗଠନଠାରୁ ଦୂରେଇ ଯାଇଥିଲେ।

ସୂଚନା ଅନୁଯାୟୀ, ଏମାନେ ଛତିଶଗଡ଼ର ମାଓବାଦୀ ସଂଗଠନର ଦକ୍ଷିଣବସ୍ତର ଡିଭିଜନରେ କାର୍ଯ୍ୟରତ ଥିଲେ। ଏମାନଙ୍କ ମଧ୍ୟରୁ ଦେବା ନାମକ ମାଓବାଦୀ ୨୦୨୦ରେ ମାଓବାଦୀ ସଂଗଠନର ଗ୍ରାମରକ୍ଷା ଦଳରେ ସାମିଲ ହୋଇଥିବା ବେଳେ ଆଡ଼ମା ମିଲିସିଆ ଭାବେ ୨୦୧୯ରେ ସାମିଲ ହୋଇଥିଲେ। ସେହିଭଳି ମୁକା ମିଲିସିଆ ଭାବେ ୨୦୧୮ରେ ସାମିଲ ହୋଇଥିଲେ। ବର୍ତ୍ତମାନ ଉଭୟ ରାଜ୍ୟର ପୋଲିସ ଦ୍ୱାରା ବ୍ୟାପକ କୋମ୍ବିଂ, ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ସହ କ୍ୟାଡର ମାଓବାଦୀଙ୍କ ନିର୍ଯାତନା ଯୋଗୁ ଆତ୍ମସମର୍ପଣ କରିଥିବା ଆତ୍ମସମର୍ପଣକାରୀ ମାଓବାଦୀ ମାନେ ପୋଲିସ ନିକଟରେ କହିଛନ୍ତି।

# ଚଢ଼ାଉ କରିବାକୁ ଯାଇ ପୋଲିସ ହଟହଟା

**ରାତିସାରା ଅଟକ ରଖିଲେ ଗ୍ରାମବାସୀ**

ଚାନ୍ଦବାଲି, ୨୦।୬ (କିଷାନ ପାତ୍ର)

ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ରାତିଅଧିଆ ଚଢ଼ାଉ କରିବାକୁ ଯାଇଥିବା ବେଳେ ବାଂଶଡ଼ା ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଭୁଲ୍ ଘରେ ଚଢ଼ାଉ ସହ ଆକ୍ରମଣ ଅଭିଯୋଗ ଆଣି ଲୋକେ ପୋଲିସକୁ ରାତିସାରା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ବାଂଶଡ଼ା ଥାନା କରଞ୍ଜମାଳ ଫାଣ୍ଡି ଅଧୀନ କରଞ୍ଜମାଳ ଗାଁର ଜଣେ ହତ୍ୟା ମାମଲାର ଅଭିଯୁକ୍ତ ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ବ୍ରହ୍ମଟିକ୍ରି ଗ୍ରାମର ମୁରଲୀ ବିଳାସଙ୍କ ଘରେ ବୁଧବାର ରାତିରେ ଲୁଚିଥିବା ପୋଲିସ ଖବର ପାଇଥିଲା। ବାଂଶଡ଼ା ଥାନା ଅଧିକାରୀ ଦେବରାଜ ଜେନାଙ୍କ ନିର୍ଦ୍ଦେଶରେ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ଏବଂ ୧୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ମୁରଲୀଙ୍କ ଘରେ ରାତିଅଧିଆ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କବାଟ ଝରକା ଭାଙ୍ଗିବା, ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ନେଇଯିବା, ଘରର ମହିଳା ଏବଂ ପୁରୁଷଙ୍କୁ ଆକ୍ରମଣ ଅଭିଯୋଗ ଆଣି ଗ୍ରାମବାସୀ ହୋହଲ୍ଲା କରିଥିଲେ। ଏଥିସହ ଦୁଇଜଣ ଏଏସ୍‌ଆଇ ଓ ୫ କନଷ୍ଟେବଲଙ୍କୁ ଗ୍ରାମବାସୀ ରାତିରେ ଅଟକ ରଖିଥିଲେ। ବୁଝାଶୁଝା ପରେ ଗୁରୁବାର ସକାଳେ ଗ୍ରାମବାସୀ ପୋଲିସକୁ ଛାଡ଼ିଥିଲେ। ଏ ସମ୍ପର୍କରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଦୁଇଦିନ ପୂର୍ବରୁ ଘଟିଥିବା ଏକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସେହି ଘରେ ଲୁଚିଥିବା ନେଇ ଖବର ମିଳିବାରୁ ଚଢ଼ାଉ କରାଯାଇଥିଲା। ତେବେ ଉକ୍ତ ଘରେ ପୋଲିସ ଭଙ୍ଗାରୁଜା କରିବା ଓ ଆକ୍ରମଣ ଅଭିଯୋଗ ମିଛ ବୋଲି ସେ କହିଛନ୍ତି।

# ସମ୍ବଲପୁରରେ ଜଣ୍ଡିସ୍ ଆତଙ୍କ, ୫୯ ଚିହ୍ନଟ

**ଜଳଯୋଗାଣ ପାଇପ୍ ବଦଳ ପାଇଁ ପଦକ୍ଷେପ**

ସମ୍ବଲପୁର, ୨୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ପୁଣିଥରେ ଦେଖାଦେଇଛି ଜଣ୍ଡିସ୍(କାମଳ ରୋଗ) ଆତଙ୍କ। ସହରର କୁମ୍ଭାରପଡ଼ା, ଶାଳିଆବଗିଚା ଓ ପେନସନପଡ଼ା ଅଞ୍ଚଳରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଗତ ଏକମାସ ମଧ୍ୟରେ ୫୯ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ କୁମ୍ଭାରପଡ଼ାରେ ସର୍ବାଧିକ ୪୧ଜଣ, ଶାଳିଆ ବଗିଚାରୁ ୮ ଓ ପେନସନପଡ଼ାରେ ୧୦ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ବୟସ ୧୪ରୁ ୨୦ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି।

୨୦୧୩ ମସିହାରେ ଜଣ୍ଡିସ ରୋଗରେ ୨୪ ଜଣଙ୍କ ପ୍ରାଣହାନୀ ଘଟିଥିବା କୁହାଯାଉଥିବା ବେଳେ ସରକାରୀଭାବେ ଏହାର ସଂଖ୍ୟା ୧୭ କୁହାଯାଇଥିଲା। ଏହି ସମୟରେ ସହରର ୧ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଇଥିଲେ। ତେବେ ବର୍ତ୍ତମାନ ସମ୍ବଲପୁରରେ ଚିହ୍ନଟ ହୋଇଥିବା ଜଣ୍ଡିସ ଆକ୍ରାନ୍ତମାନେ ଶୀତଳ ଷଷ୍ଠୀ ସମୟରେ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ଦୂଷିତ ପାଣି ବ୍ୟବହାର, ପାନୀୟ ଜଳରେ ଦୂଷିତ ନର୍ଦ୍ଦମାଜଳ ମିଶିବା ଆଦି କାରଣରୁ ସହରରେ ଜଣ୍ଡିସ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆବର୍ଜନା ଜଳ ନିଷ୍କାସନ ପାଇଁ ରହିଥିବା ନାଳନର୍ଦ୍ଦମାର ଉପଯୁକ୍ତ ସଫେଇ ଅଭାବ ଜଣ୍ଡିସ ବ୍ୟାପିବାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ତେବେ ସହରରେ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ୍ ଅଧିକାଂଶ ସ୍ଥାନରେ ନାଳ ମଧ୍ୟ ଦେଇ ବିଛା ଯାଇଛି। କେତେକ ସ୍ଥାନରେ ନାଳ ମଧ୍ୟରେ ପାଇପଗୁଡ଼ିକ ଏଭଳି ବିଛା ଯାଇଛି ଯେ କୌଣସି ପ୍ରକାରେ ନାଳ ସଫେଇ କରିବା ସମ୍ଭବ ହୋଇ ପାରୁନାହିଁ। ଫଳରେ ପାନୀୟ ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ଗୁଡ଼ିକ ବିଭିନ୍ନ ସ୍ଥାନରେ ଫାଟି ନାଳରେ ପ୍ରବାହିତ ଦୂଷିତ ଜଳ ସଂସ୍ପର୍ଶରେ ଆସି ସଂକ୍ରମିତ ହେଉଛି। ଏହାକୁ ବ୍ୟବହାର କରି ଲୋକେ ମଧ୍ୟ ବିଭିନ୍ନ ରୋଗବ୍ୟାଧିରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ବା ମହାଗର ନିଗମ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ସହରର କେତେକ ସ୍ଥାନରେ ଜଣ୍ଡିସ ବ୍ୟାପୁଥିବା ଖବର ମିଳିଛି। ତେଣୁ ସେହି ସ୍ଥାନଗୁଡ଼ିକରେ ଜଣ୍ଡିସ ନିରାକରଣ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ସେହିପରି ଜଣ୍ଡିସ ଭୂତାଣୁ ବରଫ ଦ୍ୱାରା ବ୍ୟାପୁଥିବା ସନ୍ଦେହ ପ୍ରକାଶ ପାଇବାରୁ ସହରର କେତେକ ବରଫ ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇ ନମୁନା ସଂଗ୍ରହ କରାଯାଇଛି। ରାସ୍ତାକଡ଼ ଗୁପଚୁପ, ଚୁସ୍କି ଓ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇ ଖାଦ୍ୟର ମାନ ପରୀକ୍ଷା କରାଯାଉଛି। କୁମ୍ଭାରପଡ଼ା, ଶାଳିଆବଗିଚା ଓ ପେନସନପଡ଼ାରେ ପୁରୁଣା ଓ କ୍ଷତିଗ୍ରସ୍ତ ପାଇପ୍ ବଦଳା ଯାଇ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ପାଇପ ଲାଇନବିଛା କାମ ଆରମ୍ଭ ହୋଇଛି। ନୂତନ ପାଇପ୍ ଲାଇନବିଛା ସରିଲେ ପୁରୁଣା ପାଇପ୍ ଲାଇନ୍‌କୁ ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର କହିଛନ୍ତି, ସଂକ୍ରମିତ ଅଞ୍ଚଳ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଏ ଯାଏ ୫୯ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ କେହି ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ଔଷଧ ବଣ୍ଟନ କରାଯାଇ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସ୍ୱାସ୍ଥ୍ୟକର୍ମୀମାନେ ପଡ଼ା ପଡ଼ା ବୁଲି ଜଣ୍ଡିସ ରୋଗର ନିରାକରଣ ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ହେଲୋଜେନ ବଟିକା ଓ ବ୍ଲିଚିଙ୍ଗ ପାଉଡର ଆଦି ଜଳ ବିଶୋଧକ ବିତରଣ କରୁଛନ୍ତି। ବିଭିନ୍ନ ସ୍ଥାନରୁ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି।

# ୨ ଜିଲାକୁ ଯୋଡୁଛି ବାଉଁଶପୋଲ

**ସ୍ଥାୟୀ ପୋଲ ନିର୍ମାଣ ଦାବି**

ଚମ୍ପୁଆ, ୨୦।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର କାଟୁଲିକନାଠାରେ ବୈତରଣୀ ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ବାଉଁଶପୋଲ ୨ ଜିଲାକୁ ଯୋଡୁଛି। ପୋଲ ଉପରେ ୪ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟାତ କରୁଛନ୍ତି। ୨ ଜିଲାକୁ ଗମନାଗମନ ସମୟ ସାପେକ୍ଷ ହୋଇଥିବାରୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଦାବି ହେଉଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଓ କେନ୍ଦୁଝରର ଲାଇଫଲାଇନ ଭାବେ ପରିଚିତ ବୈତରଣୀ ନଦୀ। ୨ ଜିଲାକୁ କରଞ୍ଜିଆ ପଞ୍ଚାୟତର କାଟୁଲିକନାଠାରେ ଥିବା ବାଉଁଶପୋଲ ସଂଯୋଗ କରିଛି। ଏହି ପୋଲ ଉପରେ ଚମ୍ପୁଆ ବ୍ଲକ୍‌ର କରଞ୍ଜିଆ, ଚନ୍ଦ୍ରଶେଖରପୁର, ବଡ଼ନଇ ଓ ସରେଇ ଆଦି ପଞ୍ଚାୟତବାସୀଙ୍କ ସମେତ ମୟୂରଭଞ୍ଜ ଜିଲାର ଲୋକ ନିର୍ଭର କରିଆସୁଛନ୍ତି। ଉପରୋକ୍ତ ପଞ୍ଚାୟତର ଲୋକେ ମୟୂରଭଞ୍ଜକୁ ଯିବାକୁ ହେଲେ ଚମ୍ପୁଆ ଦେଇ ପ୍ରାୟ ୨୦ ରୁ ୨୨ କି.ମି. ବୁଲିଯିବାକୁ ପଡୁଛି। ମାତ୍ର ଉକ୍ତ ବାଉଁଶପୋଲ ଦେଇ ଗଲେ ଅଧା କି.ମି. ରାସ୍ତା କମିଯାଉଛି। ମୟୂରଭଞ୍ଜ ଓ କେନ୍ଦୁଝରର ସାଂସ୍କୃତିକ ସମନ୍ୱୟ ଓ ପାରମ୍ପରିକ ପ୍ରଥା ସମାନ ରହୁଥିବା ବେଳେ ୨ ଜିଲାବାସୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ମଧ୍ୟ ରହିଆସୁଛି। ଫଳରେ ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ମୟୂରଭଞ୍ଜ ଓ କେନ୍ଦୁଝର ଉପରେ ନିର୍ଭର କରୁଥିବା ଲୋକମାନେ ଏହି ବାଉଁଶ ପୋଲକୁ ଭରସା କରିଚାଲିଛନ୍ତି। କେବଳ ୨ ଚକିଆ ଯାନ ଓ ପାଦଚଲା ଭାବେ ଏହି ପୋଲ ବ୍ୟବହାର କରାଯାଉଛି। ଲୋକଙ୍କ ଯାତାୟାତ ସୁବିଧାକୁ ଲକ୍ଷ୍ୟକରି ପୋଲ ମରାମତି ନିମନ୍ତେ ସ୍ୱଳ୍ପ ଅର୍ଥ ଆଦାୟ କରାଯାଉଛି। ଚମ୍ପୁଆ ବ୍ଲକ୍‌ର ଚନ୍ଦ୍ରଶେଖରପୁର ସରପଞ୍ଚ ଜୟମଣି ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ କହିବା ଅନୁସାରେ, ଏଠାରେ ପୋଲ ନିର୍ମାଣ କଲେ ମୟୂରଭଞ୍ଜ ଅଞ୍ଚଳକୁ ଯାତାୟାତ ପାଇଁ ବହୁ ସୁବିଧା ହୁଅନ୍ତା। ପଞ୍ଚାୟତବାସୀ ଏହାର ସୁଫଳ ପାଇପାରିବେ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଲୋକେ ଉପକୃତ ହୁଅନ୍ତେ ବୋଲି କହିଛନ୍ତି।


ପଞ୍ଚାୟତବାସୀ ନିର୍ଭର କରୁଥିବା ବାଉଁଶପୋଲ।

# ୨ଦିନରେ ୩ ଜୀବନ ନେଇଗଲେ ନାବାଳକ

- ୨୦ ଟଙ୍କା ନ ଦେବାରୁ ଆଈଙ୍କୁ ମାରିଦେଲେ
- ବୁଦାମୂଳରୁ ମିଳିଲା ମୃତଦେହ
- ମା' ଝିଅଙ୍କୁ ନିର୍ମମ ହତ୍ୟା

ଭଦ୍ରକ, ୨୦।୬(ସନାତନ ରାଉତ)

ଜଣେ ୧୫ ବର୍ଷୀୟ ନାବାଳକ ଦୁଇଦିନରେ ୩ଜଣଙ୍କ ଜୀବନ ନେଇଯାଇଛନ୍ତି। ପ୍ରଥମେ ନିଜ ଆଈଙ୍କୁ ମାରି ଦେବା ପରେ ଜଣେ ମହିଳା ଓ ତାଙ୍କ ଝିଅକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ପଞ୍ଚାୟତରେ। ବୁଧବାର ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ନାବାଳକ ଥାନାରେ ଅଟକ ଥିବାବେଳେ ଗୁରୁବାର ଏକ ବୁଦାମୂଳରୁ ତାଙ୍କ ଆଈଙ୍କ ମୃତଦେହ ମିଳିଛି। ପୋଲିସର ପଚରାଉଚରା ବେଳେ ସେ ନିଜ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମଙ୍ଗଳବାର ସେ ଓ ତାଙ୍କ ଆଈ ମାମୁଘରୁ ଫେରୁଥିଲେ। ଉକ୍ତ ରାସ୍ତାରେ ସେ ତାଙ୍କୁ ୨୦ଟଙ୍କା ମାଗିଥିଲେ। କିନ୍ତୁ ସେ ନ ଦେବାରୁ ଯୁକ୍ତିତର୍କ ହୋଇଥିଲା। ଆଈ ପାଖରେ ୨ହଜାର ଟଙ୍କା ଥିବା ସେ ପୂର୍ବରୁ ଦେଖିଥିଲେ। ଟଙ୍କା ନ ଦେବାରୁ ସେ ରାଗିଯାଇ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି।

ପ୍ରକାଶ ଯେ, ଗଣିଜାଙ୍ଗ ପଞ୍ଚାୟତର ବଙ୍ଗାଳିସାହି ନିକଟସ୍ଥ ଏକ ବିଲ ମଝିରୁ ବୁଧବାର ଅପରାହ୍ନରେ ମା' ଝିଅଙ୍କ ମୃତଦେହ ମିଳିଥିଲା। ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ବିଲ ମଝିରେ ପଡ଼ିଥିବା ବେଳେ ତାଙ୍କ ୬ବର୍ଷୀୟା ଝିଅର ମୃତଦେହ ଏକ ପୋଲ ତଳୁ ମିଳିଥିଲା। ଏହି ଘଟଣାରେ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଗୁରୁବାର ଉକ୍ତ ସ୍ଥାନରେ ବୁଦାମୂଳରୁ ଆଉ ଏକ ମୃତଦେହ ମିଳିବା ପରେ ଅଭିଯୁକ୍ତ ନାବାଳକଙ୍କ ଆଈ ଶ୍ରୀମତୀ ମୁଣ୍ଡା(୬୦) ବୋଲି ଜଣାପଡ଼ିଥିଲା। ନାବାଳକ ତାଙ୍କ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଏବଂ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାଶ ତାଙ୍କୁ ସାଙ୍ଗରେ ନେଇ ଉକ୍ତ ସ୍ଥାନରୁ ମୃତଦେହ ଜବତ କରିଥିଲେ। ଅପରପକ୍ଷେ ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ମୃତ ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ.୪୦୮/୨୪) ରୁଜୁ କରାଯାଇଛି। ମଜୁରି ଟଙ୍କାକୁ ନେଇ ରାଜୁଙ୍କ ସ୍ତ୍ରୀ ସୁକାନ୍ତି ଓ ନାବାଳକଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ବୁଧବାର ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସେମାନେ ମଦ ପିଇଥିଲେ। ପୂର୍ବ ଝଗଡ଼ାକୁ କେନ୍ଦ୍ରକରି ନାବାଳକ ଜଣକ ସୁକାନ୍ତି ଓ ତାଙ୍କ ଝିଅ ମିନିଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନାବାଳକ ୩ଜଣଙ୍କୁ ହତ୍ୟା କରିଥିବା ବେଳେ ଏଥିରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ଦିଗରେ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ କହିଛନ୍ତି। ପ୍ରକାଶଥାଉ କି, ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗାର ରାଜୁ ତାଙ୍କ ପରିବାର ସହ ଗଣିଜାଙ୍ଗ ପଞ୍ଚାୟତ ବଣିଆଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ସ୍ତ୍ରୀ ସୁକାନ୍ତି ଦିନମଜୁରିଆ ଭାବେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିଲେ।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହେଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡ଼ି ବସିଥିବ। -ଶ୍ରୀମା



# ୟୁରୋପରେ ନବ-ଫାସିବାଦ



ସ୍ଲାଭୋଜ୍ ଜିଜେକ୍

ଚଳିତ ମାସର ୟୁରୋପୀୟ ସଂସଦ ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା। ସମସ୍ତେ ଯେଉଁ ଫଳାଫଳ ଆଶା କରୁଥିଲେ ତାହା ହିଁ ପ୍ରକୃତରେ ଘଟିଲା। ମାର୍କ୍ସ ବ୍ରଦର୍ସ (ହାସ୍ୟ ଅଭିନେତା ଭାବେ ଅଭିନୟ କରିଥିଲେ)ଙ୍କ ଏକ ଦୃଶ୍ୟର ସଂକ୍ଷିପ୍ତ ବିବରଣୀ ହେଉଛି – ଚରମ ଦକ୍ଷିଣପନ୍ଥୀ ଆଡ଼କୁ ଗତି କରୁଛି ବୋଲି ୟୁରୋପ କହୁଥାଇପାରେ କିମ୍ବା କାର୍ଯ୍ୟ କରୁଥାଇପାରେ, କିନ୍ତୁ ସେଥିରେ ଆପଣ ବୋକା ହୋଇଯାଆନ୍ତୁ ନାହିଁ; ୟୁରୋପ ପ୍ରକୃତରେ ଚରମ ଦକ୍ଷିଣପନ୍ଥୀ ଆଡ଼କୁ ଗତି କରୁଛି। ଆମେ କାହିଁକି ଏହି ଉପସ୍ଥାପନା ଉପରେ ଆଗ୍ରହ ପ୍ରକାଶ କରିବା ଉଚିତ? କାରଣ ଅଧିକାଂଶ ମୁଖ୍ୟସ୍ରୋତର ଗଣମାଧ୍ୟମ ଏବେ ନୂତନ ବାସ୍ତବତାକୁ ଚେଷ୍ଟା କରିଛନ୍ତି। ଆମେ ଶୁଣୁଥିବା ବାର୍ତ୍ତା ହେଉଛି: ନିଶ୍ଚିତ, ମରିନ ଲି ପେନ୍, ଜର୍ଜିଆ ମେଲୋନି ଏବଂ ଅଲଟରନେଟିଭ ଫର୍ ଡଏଚ୍‌ଲ୍ୟାଣ୍ଡ (ଏଏଫ୍‌ଡି) ଦଳ ବେଳେବେଳେ ଫାସିବାଦ ଢାଞ୍ଚା ପ୍ରଦର୍ଶନ କରନ୍ତି । କିନ୍ତୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ, କାରଣ ସେମାନେ କ୍ଷମତାରେ ରହିଲେ ଗଣତାନ୍ତ୍ରିକ ନିୟମ ଏବଂ ବ୍ୟବସ୍ଥାକୁ ସମ୍ମାନ କରନ୍ତି। ତଥାପି ଚରମ ଦକ୍ଷିଣପନ୍ଥୀର ପ୍ରୟୋଗ ନିଶ୍ଚିତ ଭାବେ ଆମ ସମସ୍ତଙ୍କୁ ଅସୁବିଧାରେ ପକାଇବ। କାରଣ ଏହା ପାରମ୍ପରିକ ରକ୍ଷଣଶୀଳ ଦଳଗୁଡ଼ିକ ଦ୍ୱାରା ନୂତନ ଆନ୍ଦୋଳନ ସହ ମିଳାଇବାକୁ ପ୍ରସ୍ତୁତ ହେବାର ସଂକେତ ଦେଉଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ ଗଣତନ୍ତ୍ରର ସ୍ୱୀକୃତ ସିଦ୍ଧାନ୍ତ 'ଫାସିଷ୍ଟମାନଙ୍କ ସହ କୌଣସି ସହଯୋଗ ନାହିଁ'କୁ ସମ୍ପୂର୍ଣ୍ଣ ପରିତ୍ୟାଗ କରାଯାଇଛି। ଏହି ନିର୍ବାଚନର ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଛି। ଅଧିକାଂଶ ୟୁରୋପୀୟ ଦେଶରେ ରାଜନୈତିକ ବିଭେଦ ମଧ୍ୟମାର୍ଗୀ ଦକ୍ଷିଣପନ୍ଥୀ ଏବଂ ମଧ୍ୟମାର୍ଗୀ ବାମପନ୍ଥୀ ମଧ୍ୟରେ ନାହିଁ, କିନ୍ତୁ ପାରମ୍ପରିକ ଦକ୍ଷିଣପନ୍ଥୀ ମଧ୍ୟରେ ରହିଛି, ଯାହା ବଡ଼ ବିଜେତା ୟୁରୋପୀଆନ ପିପୁଲ୍ସ ପାର୍ଟି (ଖ୍ରିଷ୍ଟିଆନ-ଡେମୋକ୍ରାଟ୍, ଉଦାରବାଦୀ-ରୁଢ଼ିବାଦୀ ଏବଂ ପାରମ୍ପରିକ ରକ୍ଷଣଶୀଳଙ୍କୁ ନେଇ ଗଠିତ)ରେ ଦେଖାଯାଇଛି ଏବଂ ନବ-ଫାସିବାଦୀ ଦକ୍ଷିଣପନ୍ଥୀର ପ୍ରତିନିଧିତ୍ୱ କରୁଛନ୍ତି ଲି ପେନ୍, ମେଲୋନି, ଏଏଫ୍‌ଡି ଏବଂ ଅନ୍ୟମାନେ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ୟୁରୋପିଆନ ପିପୁଲ୍ସ ପାର୍ଟି (ଇପିପି) ନବ-ଫାସିବାଦ ସହ ସହଯୋଗ କରିବ କି ନାହିଁ। ୟୁରୋପିଆନ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ଲିନ୍ ଉଭୟ ଚରମପନ୍ଥୀଙ୍କ ବିରୋଧରେ ଇପିପିର ଫଳାଫଳକୁ ଦର୍ଶାଉଛନ୍ତି, ତଥାପି ନୂତନ ସଂସଦରେ କୌଣସି ବାମପନ୍ଥୀ ଦଳ ଅନ୍ତର୍ଭୁକ୍ତ ହେବେ ନାହିଁ, ଯାହାର ଉଗ୍ରବାଦ ଚରମ ଦକ୍ଷିଣପନ୍ଥୀଙ୍କ ସହ ତୁଳନୀୟ । ଇୟୁର ବରିଷ୍ଠ ଅଧିକାରୀଙ୍କଠାରୁ ଏଭଳି ସବୁଜିତ ଦୃଷ୍ଟିକୋଣ ଏକ ଅଶୁଭ ସଙ୍କେତ ଦିଏ। ଆଜି ଯେତେବେଳେ ଆମେ ଫାସିବାଦ ବିଷୟରେ କହୁଛୁ, ଆମେ ନିଜକୁ ବିକଶିତ ପାଶ୍ଚାତ୍ୟ ଦେଶରେ ସୀମିତ ରଖିବା ଉଚିତ ନୁହେଁ। ଗ୍ଲୋବାଲ ସାଉଥ (ବିକଶିତ ଦେଶଗୁଡ଼ିକ)ରେ ମଧ୍ୟ ସମାନ ପ୍ରକାର ରାଜନୀତି ବୃଦ୍ଧି ପାଉଛି। ଚାଇନାର ବିକାଶ ଉପରେ ତାଙ୍କର ଅଧ୍ୟୟନରେ, ଇଟାଲୀୟ ମାର୍କ୍ସବାଦୀ ଐତିହାସିକ ଡୋମେନିକୋ ଲୋସର୍ଡୋ ଅର୍ଥନୈତିକ ଏବଂ ରାଜନୈତିକ



ଶକ୍ତି ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ 'ପ୍ରଥାର'କୁ ଆଗକୁ ବଢ଼ାଇବା ସମ୍ପର୍କରେ ଡେଙ୍ଗ୍ ଜିଆଓପିଙ୍ଗ୍ ଦର୍ଶାଇଥିଲେ ଯେ, ଏକ ସମାଜର ଉତ୍ପାଦନକାରୀ ଶକ୍ତି ଆରମ୍ଭ କରିବାକୁ ପୁଞ୍ଜିବାଦର ତତ୍ତ୍ୱ ଆବଶ୍ୟକ। କିନ୍ତୁ ସେ କହିଥିଲେ, ରାଜନୈତିକ ଶକ୍ତି ଦୃଢ଼ ଭାବରେ ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି) ହାତରେ ରହିବା ଉଚିତ। ଏହି ଦୃଷ୍ଟିକୋଣ ପଛରେ ଗଭୀର ଐତିହାସିକ ଆଧାର ରହିଛି। ଏକବିଂଶ ଶତାବ୍ଦୀର ଶେଷ ଆଡ଼କୁ ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଆଧିପତ୍ୟ ଏବଂ ଶୋଷଣ ବିରୋଧରେ ପ୍ରତିକ୍ରିୟା ଭାବରେ ଉଭାହୋଇଥିବା ପାନ୍-ଏସିଆଜିନଜମ୍ ବା ଏସିଆର ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ବିଚାରଧାରର ଅନୁକରଣକୁ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଚାଇନା ଗ୍ରହଣ କରିଛି। ଐତିହାସିକ ବୀରେନ ମୁର୍ଜିଙ୍କ ମତରେ, ଏହି ପ୍ରୋଜେକ୍ଟ ସର୍ବଦା ପାଶ୍ଚାତ୍ୟ ପୁଞ୍ଜିବାଦକୁ ନୁହେଁ, ବରଂ ପାଶ୍ଚାତ୍ୟ ଉଦାରବାଦୀ ବ୍ୟକ୍ତିବାଦ ଏବଂ ସାମ୍ରାଜ୍ୟବାଦକୁ ପ୍ରତ୍ୟାଖ୍ୟାନ କରିଆସୁଛି। ପ୍ରାକ୍-ଆଧୁନିକ ପରମ୍ପରା ଏବଂ ବ୍ୟବସ୍ଥାଗୁଡ଼ିକୁ ଆଧାରକରି ଏସୀୟବାଦ ସମର୍ଥକମାନେ ଯୁକ୍ତି ବାଢ଼ିଥିଲେ ଯେ ପାଶ୍ଚାତ୍ୟ ଦେଶଠାରୁ ଅଧିକ ଗତିଶୀଳତା ହାସଲ କରିବାକୁ ଏସୀୟ ସମାଜଗୁଡ଼ିକ ନିଜସ୍ୱ ଆଧୁନିକୀକରଣକୁ ସଂଗଠିତ କରିପାରିବେ।

ଯେତେବେଳେ ହେଗେଲ ନିଜେ ବ୍ୟକ୍ତିବାଦକୁ ଅନୁମତି ଦେଉ ନ ଥିବା ଏସିଆକୁ କଠୋର ବ୍ୟବସ୍ଥାର ଏକ କ୍ଷେତ୍ର ଭାବରେ ଦେଖିଲେ, ସେତେବେଳେ 'ଏସୀୟବାଦର ସମର୍ଥକମାନେ ଏକ ନୂତନ ହେଗେଲିଆନ ବିଚାରଗତ ଢାଞ୍ଚା ପ୍ରସ୍ତାବ ଦେଇଥିଲେ। ପାଶ୍ଚାତ୍ୟ ବ୍ୟକ୍ତିବାଦ ପ୍ରଦାନ କରିଥିବା ସ୍ୱାଧୀନତା ଶେଷରେ ଶୃଙ୍ଖଳାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ସାମାଜିକ ବିଚ୍ଛିନ୍ନତା ସୃଷ୍ଟି କରିବା ଯୋଗୁ ସେମାନେ ଯୁକ୍ତି କରିଥିଲେ ଯେ, ସ୍ୱାଧୀନତାକୁ ବଞ୍ଚାଇବାର ଏକମାତ୍ର ଉପାୟ ହେଉଛି ଏକ ନୂତନ ସାମୂହିକ ଏକେଚ୍ଛି ମାର୍ଗରେ ସମାଜକୁ ନେଇଯିବା। ଏହି ମଡେଲର ଗୋଟିଏ ପ୍ରାରମ୍ଭିକ ଉଦାହରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜାପାନର ସାମରିକୀକରଣ ଏବଂ ଉପନିବେଶବାଦ ବିସ୍ତାରରେ ଦେଖିବାକୁ ମିଳିପାରିବ। କିନ୍ତୁ ଐତିହାସିକ ଶିକ୍ଷାକୁ ମଣିଷ ଶୀଘ୍ର ଭୁଲିଯାଏ। ଏସୀୟବାଦ ଏହାର ସମାଜବାଦୀ ଏବଂ ଫାସିବାଦୀ ଢାଞ୍ଚା ମଧ୍ୟରେ ରହିଲା ଏବଂ ଆମକୁ ମନେପକାଇଲା ଯେ 'ସାମ୍ରାଜ୍ୟବାଦ ବିରୋଧୀ' ବାହାରକୁ ଯେମିତି ଜଣାପଡୁଛି ତାହା ସେତିକି ସହଜ ନୁହେଁ। ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧରେ, ଜାପାନ ଏବଂ ଜର୍ମାନୀ ଫାସିବାଦୀମାନେ ନିୟମିତ ଭାବରେ ନିଜକୁ ଆମେରିକୀୟ, ବ୍ରିଟିଶ ଏବଂ ଫରାସୀ ସାମ୍ରାଜ୍ୟବାଦ ବିରୋଧୀ ଭାବରେ ପରିଚୟ ଦେଉଥିଲେ ଏବଂ ବର୍ତ୍ତମାନ ୟୁରୋପିଆନ ପରିପ୍ରେକ୍ଷୀରେ ଦକ୍ଷିଣପନ୍ଥୀ ଜାତୀୟତାବାଦୀ ରାଜନେତା ସମାନ ଅଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି।

ଡେଙ୍ଗଙ୍କ ପରବର୍ତ୍ତୀ ଚାଇନାରେ ମଧ୍ୟ ସମାନ ଆଭିମୁଖ୍ୟ ଦୃଶ୍ୟମାନ ହୋଇଛି। ସେଥିପାଇଁ ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପ୍ରାଚୀନ କାଳର ଚାଇନାର ଇତିହାସକୁ ସୁଦୃଢ଼ କରୁଛନ୍ତି। ଜାତୀୟତାବାଦୀ ଯୋଜନାଗୁଡ଼ିକ ପାଇଁ ଅର୍ଥନୈତିକ ଉତ୍ସାହ ହାସଲ କରିବା ହେଉଛି ଫାସିବାଦର ସଂଜ୍ଞା ଏବଂ ସମାନ ରାଜନୈତିକ ଗତିଶୀଳତା ଭାରତ, ରୁଷିଆ, ତୁର୍କୀ ଏବଂ ଅନ୍ୟାନ୍ୟ ଦେଶରେ ମଧ୍ୟ ଦେଖିବାକୁ ମିଳେ। ଏହି ମଡେଲ କାହିଁକି ଗ୍ରହଣୀୟତା ହାସଲ କରିଛି ତାହା ବୁଝିବା କଷ୍ଟକର ନୁହେଁ। ସୋଭିଏତ୍ ୟୁନିଅନ ଏକ ବିଶୃଙ୍ଖଳିତ ବିଚ୍ଛିନ୍ନତା ସ୍ଥିତି ଭୋଗୁଥିବାବେଳେ ସିପିସି ଅର୍ଥନୈତିକ ଉଦାରୀକରଣକୁ ଅନୁସରଣ କରି କଡ଼ା ନିୟନ୍ତ୍ରଣ ବଜାୟ ରଖିଥିଲା। ତେଣୁ ଚାଇନା ପୁଞ୍ଜିକୁ କମ୍ ଗୁରୁତ୍ୱ ଦେଇଥିବାରୁ ଏହାକୁ ବାମପନ୍ଥୀମାନେ ଆମେରିକା ଏବଂ ୟୁରୋପୀୟ ବ୍ୟବସ୍ଥା ତୁଳନାରେ (ଯେଉଁଠାରେ ପୁଞ୍ଜି ସର୍ବୋଚ୍ଚ ଶାସନ କରେ) ଅଧିକ ପ୍ରଶଂସା କରନ୍ତି। କିନ୍ତୁ ନବ ଫାସିବାଦକୁ ଏକକାର ଧାରା ମଧ୍ୟ ସମର୍ଥନ କରୁଛି। ଲି ପେନ୍‌ଙ୍କ ପରେ ୟୁରୋପିଆନ ନିର୍ବାଚନରେ ଅନ୍ୟ ଜଣେ ବିଜୟୀ ହେଉଛନ୍ତି ଫିଡିୟାସ ପାନେୟୋଟୋ। ସେ ଜଣେ କ୍ରିପ୍ଟୋ ୟୁଟ୍ୟୁବର ଓ ଅତୀତରେ ଏଲନ୍ ମସ୍କଙ୍କୁ ଭେଟିଥିଲେ ଓ ମସ୍କ ତାଙ୍କୁ ଆଲିଙ୍ଗନ କରିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ସେ ୟୁରୋପିଆନ ପାର୍ଲାମେଣ୍ଟ ପାଇଁ ପ୍ରାର୍ଥୀତ୍ୱ ଘୋଷଣା କରିଥିଲେ। ସ୍ୱାଧୀନ ଭାବେ ଲଢ଼ି ସେ ୧୯.୪% ପପୁଲାର ଭୋଟ ଜିତି ନିଜ ପାଇଁ ଗୋଟିଏ ସିଟ୍ ସୁରକ୍ଷିତ ରଖିପାରିଲେ।

ସମାନ ପ୍ରକାର ବ୍ୟକ୍ତିତ୍ୱ ଫ୍ରାନ୍ସ, ବ୍ରିଟେନ, ସ୍ଲୋଭେନିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ଉଭା ହୋଇଛନ୍ତି। ସମସ୍ତେ ବାମପନ୍ଥୀ ଯୁକ୍ତିକୁ ଆଧାରକରି ସେମାନଙ୍କର ପ୍ରାର୍ଥିତ୍ୱକୁ ଯଥାର୍ଥ ବୋଲି କହିଥିଲେ । ସେମାନଙ୍କ ମତ ଥିଲା ଯେ, ଗଣତାନ୍ତ୍ରିକ ରାଜନୀତି ଏକ ପରିହାସରେ ପରିଣତ ହୋଇଥିବାରୁ ଲୋକମାନେ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି। ଏହା ଏକ ବିପଜ୍ଜନକ ଧାରା ବା ବ୍ୟବସ୍ଥା। ଯଦି ଯଥେଷ୍ଟ ଲୋକ ସ୍ୱାଧୀନ ରାଜନୀତିଜ୍ଞଙ୍କୁ ନିରାଶ କରନ୍ତି ତେବେ ନବ-ଫାସିବାଦ ପାଇଁ ରାଜନୈତିକ କ୍ଷେତ୍ର ବିସ୍ତାର ହେବ । ସେହି କ୍ଷେତ୍ରକୁ ପୁଣି ଫେରି ପାଇବା ପାଇଁ ଗମ୍ଭୀର, ଯୁକ୍ତିଯୁକ୍ତ ପଦକ୍ଷେପ ଦରକାର। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରେଁଙ୍କ ପଦକ୍ଷେପକୁ ନେଇ ମୁଁ ଅବସମ୍ମତ ଥିଲି। କିନ୍ତୁ ମୁଁ ଭାବୁଛି, ନ୍ୟାଶନାଲ ଆସେମ୍ବ୍ଲିକୁ ଭଙ୍ଗକରି ନୂତନ ସଂସଦୀୟ ନିର୍ବାଚନ ଆହ୍ୱାନକରି ଫ୍ରାନ୍ସର ଚରମ ଦକ୍ଷିଣପନ୍ଥୀଙ୍କୁ ଜବାବ ଦେଇ ସେ ଠିକ୍ ଥିଲେ। ତାଙ୍କର ଘୋଷଣା ପ୍ରାୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ଏହା ନିଶ୍ଚିତ ଭାବରେ ଏକ ଜୁଆ ବିପଜ୍ଜନକ। ଯଦି ଲି ପେନ୍ ଜିତିଛନ୍ତି ଏବଂ ସ୍ଥିର କରିବେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ତଥାପି ମାକ୍ରେଁ ରାଷ୍ଟ୍ରପତି ଭାବରେ ସରକାରଙ୍କ ବିରୋଧରେ ଏକ ନୂତନ ସଂଖ୍ୟାଗରିଷ୍ଠତା ସଂଗ୍ରହ କରିବାର କ୍ଷମତା ବଜାୟ ରଖିବେ। ଆମେ ନବ ଫାସିବାଦ ସହ ସେତିକି ଦୃଢ଼ଭାବେ ଯଥା ସମ୍ଭବ ଶୀଘ୍ର ଲଢ଼ିବାକୁ ପଡ଼ିବ।

**ପ୍ରଫେସର(ଫିଲୋସଫି), ୟୁରୋପିଆନ ଗ୍ରାଜୁଏଟ ସ୍କୁଲ**

# ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି



ଡ. ଭବାନୀ ଶଙ୍କର ଦାଶ

ସ୍ୱାଧୀନତା ପ୍ରାପ୍ତିର ପଞ୍ଚସ୍ତରି ବର୍ଷ ବିତିଗଲାଣି। ଏଇ ପଞ୍ଚସ୍ତରି ବର୍ଷ ବିତିଗଲା ପିଠା ଲଗିଲା କରିଲେ। ଚତୁର ଇଂରେଜମାନେ ସ୍ୱାଧୀନତା ନାମକ ଯେଉଁ ପିଠା ଭାରତୀୟଙ୍କ ପାତ୍ରରେ ପକାଇ ଦେଲେ, ତାକୁ ଖାଇବା ପାଇଁ କଳିକଜ୍ଜାଳରେ ବିତିଗଲା ଏତେବର୍ଷ। ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ସାମାନ୍ୟତମ ଦୃଷ୍ଟିପାତ ପାଇଁ ଫୁରୁସତ ପାଇଲେ ନାହିଁ ଆମ ନେତୃଗଣ। ଫଳତଃ ଭାରତୀୟ ମାଟିରେ ଇଂରାଜୀ ଭାଷା, ସାହିତ୍ୟ ଓ ସଂସ୍କୃତି ପୁଷ୍ଟ ହୋଇଉଠିଲା। ଇଂରେଜ ଜାତି ଜାଣିଥିଲା ଭାରତକୁ ନିଃଶେଷ କରିବାକୁ ହେଲେ ତା'ର ଭାଷା ସାହିତ୍ୟ ଓ ସଂସ୍କୃତିକୁ ପ୍ରଥମେ ଧ୍ୱଂସ କରିବାକୁ ହେବ। ତାହା ହିଁ ହେଲା। ପାକିସ୍ତାନ ଭାରତଠୁ ବିଭାଜିତ ହେଲା ପରେ ଭାରତରେ କ୍ଷମତା ପାଇଁ ଚାଲିଲା ରାଜନୀତିର ମହାଭାରତ। ଯେଉଁ ଭାରତୀୟ ଇଂଲିଶ୍ ଜାଣିଥିଲେ ଓ ଇଂରେଜ ସାହେବ ବା ସାହେବାଣୀଙ୍କ ସହ ସମ୍ପର୍କ ମଧୁର ରଖିଥିଲେ, ସେମାନେ ସହଜରେ ସିଂହାସନ ଦଖଲ କରିଲେ। ସେଇମାନଙ୍କ ଇଚ୍ଛାରୁ ବୋଧେ ଉଦ୍ଭବ ହୋଇଥିଲା ଭାରତୀୟ ସମ୍ବିଧାନ। ଏଥିରେ ଭାରତୀୟ ଗୁଣସୂତ୍ର ଅପେକ୍ଷା ଥିଲା ଆମେରିକା ଓ ଇଂଲଣ୍ଡର ଗୁଣସୂତ୍ର ଅଧିକ। ତାକୁ ଜାଣିବାକୁ ହେଲେ ଇଂଲିଶ ଶିକ୍ଷିତ ହେବା ଜରୁରୀ ଥିଲା। ଏଇଠୁ ଭାରତରେ ଆରମ୍ଭ ହେଲା ଇଂଲିଶ୍ ଶିକ୍ଷା, ସଂସ୍କୃତି ଇତ୍ୟାଦିକୁ କାଖେଇ ବୁଲିବାର ପ୍ରତିଯୋଗିତା। ଏଣୁ ସାଧାରଣ ଜନତାଙ୍କୁ ଅନ୍ଧାରରେ ରଖିବାକୁ ଆଉ କେତେ ଦୀର୍ଘ ବର୍ଷ। ପରୋକ୍ଷରେ ଏଇଠୁ ଭାରତୀୟ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଇଂଲିଶ୍ ପାଦ୍ୱାରେ ନ୍ୟୁନ କରି ରଖିଦିଆଗଲା। ଉଦ୍ଦେଶ୍ୟ ଥିଲା ବଂଶାନୁକ୍ରମିକ ରାଜକୀୟ ଜୀବନଯାପନ ଓ କର୍ତ୍ତୃତ୍ୱ ଜାହିର କରିବା। ଓଡ଼ିଶା ସରକାର ଓଡ଼ିଆ ଭାଷା ସୁରକ୍ଷା ପ୍ରତି ଖୁବ୍ ସମ୍ବେଦନଶୀଳ ବୋଲି ସମ୍ମିଳନୀ ମାଧ୍ୟମରେ ବାର୍ତ୍ତା ଦେଲାବେଳେ ଐତିହ୍ୟସମ୍ପନ୍ନ ପୁସମୁନ୍ଦ ଓଡ଼ିଆ ଭାଷାର ବିଭବ ସମ୍ପର୍କରେ ବିଶ୍ୱକୁ ବାର୍ତ୍ତାଗଲା। ମାତ୍ର 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ନ୍ୟାୟରେ ଯାହା ଦେଖାଯାଉନାହିଁ, ତାହା ସମ୍ମିଳନୀର ଘୋଷିକାଙ୍କ କଣ୍ଠରେ ପ୍ରକାଶିତ ହୋଇଗଲା। 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କଇବୀ ଲକ୍ଷ୍ମୀକାନ୍ତ ବୋଲି ବିଶ୍ୱ ଜାଣିଲା। କହିବା କାହାକୁ, ଶୁଣିବ କିଏ? ଯାହାଙ୍କୁ କହିବ, ସିଏ ଇଂଲିଶ୍ କାଇଦାରେ ଦି'ତାରିପଦ ଝାଡ଼ିଦେବ। ଏଣୁ ନ କହିବା ଭଲ।

୨୦୧୪ରୁ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ବ୍ୟବହାରକାରୀଙ୍କ ସଂଖ୍ୟା କମିକମି ଯାଉଛି ଇଂଲିଶ୍ ମୋହ ଓ ରାଜନୈତିକ ପୃଷ୍ଠପୋଷକତା ଅଭାବରୁ। ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ବିଶ୍ୱବିଦିତ ହୁଏ ଭାଷା। ବିଶ୍ୱବିଦିତ ଭାଷା ସଂସ୍କୃତ ସେଇ ନ୍ୟାୟରେ ଆଜି ଭାରତରେ କୋଉଠେଠା ହୋଇ କେବଳ ପାଠ୍ୟକ୍ରମରେ ସୀମିତ ଅଛି। ଏଣୁ ପ୍ରକୃତ ଓଡ଼ିଆ ପୁଏ ସତର୍କ ହୁଅ। ସତରେ କ'ଣ ଏଣିକି ଓଡ଼ିଶାର ଶିକ୍ଷାଳୟରେ ନିଜ ପିଲାପିଲିଙ୍କ ସହ ହିନ୍ଦୀ, ଇଂଲିଶ୍ ନୁହେଁ, ଓଡ଼ିଆରେ କଥା ହେବେ? ସତରେ କ'ଣ ସରକାରୀ କାମରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ଓଡ଼ିଶାରେ ଖୁନ୍ଦିହୋଇ ରହିଥିବା ଅଣ-ଓଡ଼ିଆଭାଷୀମାନଙ୍କୁ ମନେଇ ପାରିବେ? ଏବେ ତ ଓଡ଼ିଆ ବାବୁ କହିଲେଣି ଯେ, ଇଂଲିଶରେ ଲେଖିବା ସହଜ, ମାତ୍ର ଓଡ଼ିଆରେ ଲେଖିବା କଷ୍ଟ। ସତେ ଯେମିତି ଇଂଲିଶ୍ ହୋଇଯାଇଛି ଓଡ଼ିଆଙ୍କ ମାତୃଭାଷା ଓ ଓଡ଼ିଆ ହୋଇଯାଇଛି ଉପଭାଷା। ଏଣୁ ସାବଧାନ ଓଡ଼ିଆଏ। ଇଂଲିଶ୍ ପ୍ରେମରେ ବିଲାତି ଓଡ଼ିଆମାନେ ବିନା ସଙ୍କୋଚରେ ଓଡ଼ିଆ ଭାଷାର ମୃତ୍ୟୁକୁ ସହ୍ୟ କରିଯିବେ, ମାତ୍ର ଇଂଲିଶ୍‌କୁ ନୁହେଁ। କାରଣ ଆଜି ବି ବିବାହ, ବ୍ରତ ଇତ୍ୟାଦି ପାଇଁ ନିମନ୍ତ୍ରଣ ପତ୍ର ଇଂଲିଶରେ ଲେଖିବା ବୁଦ୍ଧିଆଳିଆ ନମୁନା ବୋଲି ଅନେକଙ୍କର ଧାରଣା ରହିଛି। ଅର୍ଥାତ୍ ଆମ ଅସ୍ମିତାଗତ ହୋଇଯାଇଛି ଇଂଲିଶ୍। ଏବେ ବି ଭାରତୀୟମାନେ ଭାବନ୍ତି ଯେ ଇଂଲିଶ୍ ଜାଣିଥିବା ଲୋକେ ଶିକ୍ଷିତ ଓ ନ ଜାଣିଥିବା ଲୋକେ ମୂର୍ଖ। ତଦନୁସାରେ ଆମ ପରିବାର, ସମାଜ, ପ୍ରଥା ପରମ୍ପରା ଇତ୍ୟାଦି ଇଂଲିଶ୍ ସୁନାମି ଆଘାତରେ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ଓଡ଼ିଆ ଲୋକେ ହିନ୍ଦୀ ଇଂଲିଶ୍ ମିଶା ଏକ ଅଦ୍ଭୁତ ହିଂଗ୍ରେଜିଆ କହିଲେଣି। ଯଦି ଏହିକ୍ରମ ବଜାୟ ରହେ ଓ ରାଜପୃଷ୍ଠପୋଷକତା ନାମରେ ଭାଷାକୁ ନେଇ ଲୁଚ୍ଚା ରାଜନୀତି ଚାଲେ, ତେବେ ବୁଝିବାକୁ ହେବ ଯେ ବିଭବଶାଳୀ ଓଡ଼ିଆ ଭାଷାର ଶେଷଦିନ ଆସିଗଲାଣି।

**ସରାଟ ଶାସନ, ବାଲିପାଟଣା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ଏଇ ଭାରତରେ

ବେଙ୍ଗାଲୁରୁର ହାସନ ଚୈତନ୍ୟ ଏମ୍‌ବିଏରେ ଡିଗ୍ରୀ ହାସଲ କରି ଜୈବିକ କୃଷି କରୁଛନ୍ତି ଓ ଏହା ସହ ଜଡ଼ିତ କୃଷକଙ୍କ ପାଇଁ ମାର୍କେଟ ବ୍ୟବସ୍ଥା କରିଛନ୍ତି। ସେ ୨୦୨୧ରେ 'ଅର୍ଗାନିକ ଟ୍ୟାପ୍' ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଜୈବିକ କୃଷକଙ୍କୁ ବିନା ମଧ୍ୟସ୍ଥରେ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିଛନ୍ତି। ଆପ୍ ମାଧ୍ୟମରେ ସିଧାସଳଖ କୃଷକମାନେ ଉତ୍ପାଦ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରୁଛନ୍ତି ଓ ସେମାନଙ୍କ ନିକଟରେ ତାହା ପହଞ୍ଚାଇ ଦିଆଯାଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ମାର୍କେଟ ଖୋଲାଯାଇଛି। ଗ୍ରାହକମାନେ ଅର୍ଡର ମୁତାବକ ଟଙ୍କା ଉତ୍ପାଦ ପାଉଥିବାରୁ ଚୈତନ୍ୟ କଲେଜରେ ପଢ଼ିବା ସମୟରେ ପରିବେଶ ସୁରକ୍ଷା ପାଇଁ ତାଙ୍କ ସାଙ୍ଗମାନଙ୍କୁ ନେଇ 'ମ୍ୟାନ ଆଣ୍ଡ ଏନ୍‌ଭାଇରନମେଣ୍ଟ' ଏନ୍‌ଜିଓ ଗଠନ କରିଥିଲେ । ପ୍ରତି ଗଣେଶ ପୂଜାରେ ସେମାନେ ପାଖାପାଖି ୫,୦୦୦ ମାଟିର ଗଣେଶ ମୂର୍ତ୍ତି ଲୋକମାନଙ୍କୁ ମାଗଣାରେ ବାଣ୍ଟୁଥିଲେ। ଶିକ୍ଷା ଶେଷ କରିବା ପରେ ତାଙ୍କ ପିତାଙ୍କ ପ୍ରେରଣାରେ ସେ ଜୈବିକ କୃଷି ଆରମ୍ଭ କରିଥିଲେ।

## ୪୦ ବର୍ଷ ତଳର ଧରିତ୍ରୀ
DHARITRI
୨୧ ଜୁନ୍ ୧୯୮୪

➲ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପଦେଷ୍ଟା କମିଟି ପୁନର୍ଗଠିତ।

➲ ତୈଳ ଓ ବାଷ୍ପ ଅନୁସନ୍ଧାନ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଦେଶର ଖ୍ୟାତନାମା ଭୂତତ୍ତ୍ୱ ବୈଜ୍ଞାନିକମାନଙ୍କୁ ନେଇ ଏକ ପ୍ୟାନେଲ ଗଠନ କରିବା ଲାଗି କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନଙ୍କୁ ପରାମର୍ଶ।

## su do ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | 6 | 1 |
| 4 | | | | | | | | |
| | 9 | | 8 | | | 5 | | |
| | | 1 | 9 | | | 6 | | |
| | | | | 1 | | | 7 | |
| | 3 | | | | | | | 4 |
| 6 | | | | 7 | 9 | | | 3 |
| 5 | | | | | 2 | | | 6 |
| | 1 | 3 | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 5 | 6 | 9 | 7 | 4 | 3 |
| 7 | 3 | 5 | 2 | 4 | 8 | 9 | 6 | 1 |
| 6 | 4 | 9 | 7 | 3 | 1 | 8 | 5 | 2 |
| 9 | 1 | 6 | 3 | 8 | 4 | 2 | 7 | 5 |
| 2 | 7 | 8 | 6 | 9 | 5 | 1 | 3 | 4 |
| 4 | 5 | 3 | 1 | 7 | 2 | 6 | 8 | 9 |
| 5 | 2 | 4 | 8 | 1 | 7 | 3 | 9 | 6 |
| 3 | 9 | 7 | 4 | 2 | 6 | 5 | 1 | 8 |
| 8 | 6 | 1 | 9 | 5 | 3 | 4 | 2 | 7 |

ଗତକାଲିର ଉତ୍ତର

# ଏକଲାପଣର ସମୟ



ଡା. ପ୍ରଫୁଲ୍ଲ କୁମାର ଦାସ

ଆଜିର ସମୟକୁ ଦେଖନ୍ତୁ, ପ୍ରାୟତଃ ସମସ୍ତଙ୍କ ହାତରେ କେବଳ ଫୋନ୍ ତ ନୁହେଁ, ଅତ୍ୟାଧୁନିକ ସୂଚନା କୌଶଳ ଓ ସମସ୍ତ ତଥ୍ୟ ରହୁଥିବା ମୋବାଇଲ ଆଉ ତାହା ସହ ସୋସିଆଲ ମିଡ଼ିଆ। ଫେସବୁକ୍, ହ୍ୱାଟସଆପ୍ ଓ ଇନ୍‌ଷ୍ଟା ଭଳି ଆପ୍ ମାଧ୍ୟମରେ ଆମେ ସବୁବେଳେ ଆମ ପରିବାର, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ସହ ଯୋଡ଼ିହୋଇ ରହୁଛେ। ଏତେସବୁ ସୁବିଧା ସୁଯୋଗ ଓ ଦୁନିଆକୁ ନିଜ ହାତମୁଠାରେ କରିବା ସତ୍ତ୍ୱେ ମଣିଷ ଆଜି କାହିଁ ଏତେ ଏକୁଟିଆ ତାହା ଏକ ଆଲୋଚନାର ପ୍ରସଙ୍ଗ।

ମଣିଷ ଭିଡ଼ ଭିତରେ ଥାଇ ନିଜକୁ ନିଃସଙ୍ଗତା ଅନୁଭବରୁ ଭିତରୁ ମୁକୁଳାଇ ପାରୁନାହିଁ। ଅନ୍ୟମାନଙ୍କ ଦୃଷ୍ଟିରେ ବେଶ୍ ସହଜରେ ମିଶିପାରୁଥିବା ଲୋକଟି ଯେ ଭେତରେ ନିଃସଙ୍ଗତାରେ ଜର୍ଜରିତ ହେଉଛି ତାହା ବୁଝିବା ସହଜ କଥା ନୁହେଁ। କେବଳ ଯୁବପିଢ଼ି ନୁହନ୍ତି, ବିଭିନ୍ନ ସମୀକ୍ଷାରୁ ଜାଣିବାକୁ ମିଳିଛି ଶିଶୁ ଓ ବୃଦ୍ଧମାନେ ମଧ୍ୟ ବିଭିନ୍ନ ଭାବେ ନିଃସଙ୍ଗତା ମହାମାରୀରେ ଆକ୍ରାନ୍ତ। ନିଃସଙ୍ଗ ଅନୁଭବ କରୁଥିବା ଲୋକ ଅଧିକାଂଶ ସମୟରେ ନିଜକୁ ଖାଲି, ଅଦରକାରୀ ଓ ଏକା ଅନୁଭବ କରିଥାନ୍ତି। ନିକଟରେ ପ୍ରକାଶିତ ହୋଇଛି ୟୁଭେଭିଓ ଏକ ଇଣ୍ଟରନେଟ୍ ମାର୍କେଟ ରିସର୍ଚ୍ଚ କମ୍ପାନୀ ଦ୍ୱାରା ଏକ ସର୍ବେକ୍ଷଣ ରିପୋର୍ଟ, ଯେଉଁଥିରେ ଉଲ୍ଲେଖ ରହିଛି ୨୭ରୁ ୪୨ ବର୍ଷ ବୟସର ସମୁଦାୟ ଲୋକସଂଖ୍ୟାର ୩୦% ଲୋକ ଏକଲାପଣର ଶିକାର ହେଉଛନ୍ତି। ଏମାନଙ୍କ ମଧ୍ୟରେ ଅନେକଙ୍କର କୌଣସି ସାଙ୍ଗ, ଅଥବା ବନ୍ଧୁ ଓ ସମ୍ପର୍କୀୟ ନ ଥାନ୍ତି। ଏହି ବୟସର ଲୋକମାନଙ୍କ ମଧ୍ୟରେ ବଢ଼ୁଥିବା ଏକଲାପଣର ଅନ୍ୟତମ କାରଣ ଇଣ୍ଟରନେଟ୍ ନିଶା ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ଇଣ୍ଟରନେଟ୍ ଯୋଗୁ ଲୋକମାନେ ଘରେ ରହିବାକୁ ପସନ୍ଦ କରୁଛନ୍ତି। ଅନ୍‌ଲାଇନ ବାର୍ତ୍ତାଳାପ ଏତେ ସହଜ ଓ ସୁଗମ ହୋଇଯାଇଛି ଯେ ସିଧାସଳଖ ଦେଖାହୋଇ କଥାବାର୍ତ୍ତା ହେବାକୁ ଲୋକମାନେ ପ୍ରାଧାନ୍ୟ ଦେଉନାହାନ୍ତି। ଏଭଳି ପରିବେଶରେ ବଢ଼ିଥିବା ପିଲାମାନେ ସାମାଜିକ ସମ୍ପର୍କ ଅପେକ୍ଷା ଏକୁଟିଆ ରହିବାକୁ ଅଧିକ ପସନ୍ଦ କରିଥାନ୍ତି।

ନିଜ ଚାରିପଟେ ଯେତେ ବନ୍ଧୁ, ଆତ୍ମୀୟ, ଶୁଭେଚ୍ଛୁଙ୍କ ଭିଡ଼ ଥାଉନା କାହିଁକି ଏସବୁ ଭିତରେ ଯେ ନିଜକୁ ଏକୁଟିଆ ଲାଗିବ ନାହିଁ, ଏମିତି ଧାରଣା ଠିକ୍ ନୁହେଁ ବୋଲି ଜଣାଉଛି ବିଭିନ୍ନ ସମୀକ୍ଷା। ଅଧିକାଂଶ ସମୟରେ ତରୁଣ ତରୁଣୀମାନେ ଏକାକିତ୍ୱ ସମସ୍ୟାରୁ ବଞ୍ଚିବା ପାଇଁ ସୋସିଆଲ ମିଡିଆରେ ବନ୍ଧୁତ୍ୱର ସନ୍ଧାନ କରୁଛନ୍ତି, ଅଥଚ ଅଜାଣତରେ ସେହି ସୋସିଆଲ ମିଡିଆ ସେମାନଙ୍କୁ ଆହୁରି ଦୂରକୁ ଠେଲି ନେଇଯାଉଛି ବାସ୍ତବ ଦୁନିଆରୁ। କିନ୍ତୁ ଏହି ସମସ୍ୟାରୁ କିଭଳି ଭାବେ ମୁକ୍ତି ମିଳିବ? ଏହି ଧରଣର ସମସ୍ୟାରେ ସର୍ବପ୍ରଥମେ ନିଜ ମନକୁ ବୁଝିବାକୁ ହେବ ଆଉ ହାତର ପ୍ରିୟବନ୍ଧୁ ଯନ୍ତ୍ର ମୋବାଇଲଠାରୁ ନିଜ ଜାଗତିକ ଦୁନିଆର ବନ୍ଧୁମାନଙ୍କ ପାଇଁ ଅଧିକ ସମୟ କାଢ଼ନ୍ତୁ। ମାନସିକ ଭାବରେ ଖୁସିରହି ସକାରାତ୍ମକ ଚିନ୍ତା ଭିତରେ କେବଳ ନିଜ ପାଇଁ ସଫଳତା ପାଇବା ନୁହେଁ, ଅନ୍ୟମାନଙ୍କ ସଫଳତା ଭିତରେ ଖୁସି ଅନୁଭବ କରନ୍ତୁ। ବୟସ ବାଧକ ନୁହେଁ, ଚିନ୍ତାଧାରା ଓ ମାନସିକତା ବଡ଼ ବାଧକ ସାଜିଥାଏ। ତେଣୁ ମନ ଗଢ଼ନରେ କେଉଁଠି ଶାନ୍ତି, ଖୁସି, ଆତ୍ମସନ୍ତୋଷ ଲୁଚିରହିଛି ତାହାକୁ



ବାହାରକୁ ଆଣିବା ନିହାତି ଆବଶ୍ୟକ ବୋଲି ମନସ୍ତତ୍ତ୍ୱବିତ୍‌ମାନେ କହୁଛନ୍ତି। ଆଉ ଏହା ମଧ୍ୟ ବଡ଼ ସତ୍ୟ ଓ ଅନୁଭୂତକର କଥା ଯେ, କରୋନା ମହାମାରୀ ଯୋଗୁ ଲୋକମାନଙ୍କ ମଧ୍ୟରେ ଏକଲାପଣ ଏକ ବିସ୍ଫୋରକ ରୂପ ନେଇଛି। ଅନ୍ୟପଟେ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା ଅବସାଦ ଓ ଆଙ୍ଗଜାଇଟିର ମୁଖ୍ୟ କାରଣ ହେଉଛି ତାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟର ଆରମ୍ଭ ସମୟର ସଂଘର୍ଷ।

ଜାତୀୟ ଅପରାଧ ନଥି ସଂସ୍ଥାର ତଥ୍ୟ ଅନୁସାରେ, ୨୦୨୧ରେ ଭାରତରେ ୧ଲକ୍ଷ ୬୪ହଜାର ଲୋକ ଆତ୍ମହତ୍ୟା କରିଛନ୍ତି। ଏଥିରୁ ଏହା ମଧ୍ୟ ସାମ୍ନାକୁ ଆସିଛି, ଜାତୀୟ ହାରଠାରୁ ଓଡ଼ିଶାରେ ଆତ୍ମହତ୍ୟା ହାର ଅଧିକ ରହୁଛି। ଓଡ଼ିଶାରେ ୨୦୨୧ରେ ୫୬୫୧ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ବିଭିନ୍ନ କାରଣ ରହିଥିଲେ ବି ଏକୁଟିଆ, ଅଲୋଡ଼ା ଓ ଆଶାହୀନ ଆତ୍ମହତ୍ୟା ପଛର କାରଣ ବୋଲି କୁହାଯାଉଛି। ନିଃସଙ୍ଗତାଟି କେବଳ ଜୀବନକୁ ନିରୁତ୍ସାହିତ କରି ନ ଥାଏ, ଏହା ଅନେକ ସ୍ୱାସ୍ଥ୍ୟଗତ ଯନ୍ତ୍ରଣାକୁ ଆମନ୍ତ୍ରଣ କରିଥାଏ। ପ୍ରାୟତଃ ନିଃସଙ୍ଗ ଅନୁଭବୀ ବର୍ଗଙ୍କ ଭିତରେ ଅବସାଦ, ଅଲଜାଇମର୍ସ, ଡିମେଣ୍ଟିଆ, ଇମ୍ପୋର୍ଟ କଗ୍ନିଟିଭ୍ ଫଙ୍କସନ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ। ଏଥିସହ ଏକଲାପଣ ଯୋଗୁ ଅକାଳ ମୃତ୍ୟୁର ଆଶଙ୍କା ମଧ୍ୟ ରହିଥାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହୋଇପାରନ୍ତି ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଜାପାନରେ ରୋବଟ୍ ଥେରାପି ରହିଛି। ଜାଣିଛନ୍ତି ଏହା କ'ଣ? ଏକଲାପଣ ଦୂର ପାଇଁ ରୋବଟ୍ ଥେରାପି ଜାପାନରେ ଲୋକମାନେ ଏତେ ବ୍ୟସ୍ତ ଜୀବନଶୈଳୀ ବଞ୍ଚୁଛନ୍ତି ଯେ ସେମାନେ ନିଜ ମାତାପିତା ଓ ଗେଜେଟ୍‌ଧା, ମା'ଙ୍କୁ ଏକଲାପଣରୁ ରକ୍ଷା କରିବାକୁ ରୋବଟ୍ ଥେରାପି ଦେବାକୁ ବାଧ୍ୟ ହେଉଛନ୍ତି। ଏହି ରୋବଟ୍ ଥେରାପିରେ କୁକୁର, ବିଲେଇ ଆଦି ଗୃହପାଳିତ ପଶୁଙ୍କ ଭଳି ଦେଖାଯାଉଥିବା ରୋବଟ୍ ସହ ସେମାନେ ରହିବା ସହିତ କଥାବାର୍ତ୍ତା ହୋଇ ସମୟ ଅତିବାହିତ କରୁଛନ୍ତି। ବୈଷୟିକ ଜ୍ଞାନ କ୍ଷେତ୍ରରେ ଜାପାନ ବହୁପଥ ଅତିକ୍ରମ କରିସାରିଥିଲେ ମଧ୍ୟ ଭାବଗତ ଏକତାରେ ଏହା କାହିଁ କେତେ ପଛରେ ପଡ଼ିଯାଇଛି।

ମାନସିକ ଅବସ୍ଥା ଭଲ ନ ରହିଲେ ଯେ ତାହାର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ସେ କଥା ଚିକିତ୍ସକମାନେ ବହୁଦିନ ଧରି କହି ଆସୁଛନ୍ତି କିନ୍ତୁ ଏକଲାପଣ ଯେ ବେଳେବେଳେ କର୍କଟ ଭଳି ମାରାତ୍ମକ ରୋଗର କାରଣ ସାଜିପାରେ ତାହା ଜାଣିବାକୁ ମିଳିଛି ସାଇକୋଲୋଜିକ୍ସ ରିସର୍ଚ୍ଚ ପତ୍ରିକାରେ ପ୍ରକାଶିତ ଏକ ସର୍ବେକ୍ଷଣରୁ। ଅବସାଦର ଦୁନିଆ ଭିତରେ ରହିଥିବା ଲୋକମାନଙ୍କ ମଧ୍ୟରୁ ଏକ ବଡ଼ଅଂଶ ପ୍ରାଥମିକସ୍ତରରେ ନିଜକୁ ଖୁବ୍ ନିଃସଙ୍ଗ ଅନୁଭବ କରିଥାନ୍ତି। ଅଥଚ ସେମାନେ ବାସ୍ତବିକ ଏକା ନ ଥାନ୍ତି। ପରିବାର, ସାଙ୍ଗସାଥୀ ଗହଣରେ ରହି ମଧ୍ୟ ନିଜର ଭାବନା ବ୍ୟକ୍ତ କରି ନ ପାରିବାର ବ୍ୟର୍ଥତା ସେମାନଙ୍କୁ ଧୀରେ ଧୀରେ ନିଃସଙ୍ଗତା ଆଡ଼କୁ ଟାଣିନେଇଯାଏ। ଏହି ନିଃସଙ୍ଗତା କ୍ରମାଗତ ଭାବେ ସେମାନଙ୍କୁ ଅବସାଦ ଏବଂ ଅବହେଳତା ଆଡ଼କୁ ବାଟ କଢ଼ାଇନିଏ। ଭାବଗତ ଏକତା ଭିତରେ ଏହା ଏକ ଜୀବନ ମୂଲ୍ୟବୋଧ। ନିଃସଙ୍ଗତାକୁ ପଥଚ୍ୟୁତ କରିବାକୁ ପଡ଼ିବ।

**କନ୍‌ସଲ୍‌ଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ ହେଉ

ମହାଶୟ,

କଟକର କନ୍ଦରପୁରସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ। ବ୍ୟାଙ୍କରେ ପଦବୀ ଖାଲି ପଡ଼ିଛି। କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନରୁ ପଦବୀ ଖାଲିଥିଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସୁବିଧାରେ ଲୋକେ ବ୍ୟାଙ୍କ ସେବା ପାଇପାରୁନାହାନ୍ତି। ଏଥିପ୍ରତି ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଜରୁରୀ। ଦୈନନ୍ଦିନ ବ୍ୟାଙ୍କସେବାରେ ଅବହେଳା କରା ନ ଯାଉ। ସହଜ ଓ ସୁବିଧାରେ ଗ୍ରାହକମାନଙ୍କର ଜମା ପରିମାଣ ଖାତାରେ ଉଲ୍ଲେଖ ହେଉ। କେବଳ କମ୍ପ୍ୟୁଟରରୁ ଜଣାଇବା ସର୍ବଦା ଉଚିତ ନୁହେଁ। ମହାପ୍ରବନ୍ଧକ ଏହି ସମସ୍ୟା ଉପରେ ଗୁରୁତ୍ୱାରୋପ କରି ସମସ୍ତଙ୍କୁ ସହଜ ଓ ସୁବିଧା ସେବା ଯୋଗାଇଦେବାର ବ୍ୟବସ୍ଥା କରନ୍ତୁ।

**-ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିତିଦ୍ର ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଲାନ୍ତ କ୍ଷୀଣ ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ ଭାଲବେଳେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ!

-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସିମେଣ୍ଟ ପ୍ଲେଟ୍‌ରେ ଆବଦ୍ଧ ହେବ ମୁକୁଳା ଡ୍ରେନ୍


ବୈଠକରେ ଉପସ୍ଥିତ କର୍ପୋରେଟରମାନେ।

**ବିଏମ୍‌ସି ଷ୍ଟାଣ୍ଡିଂ କମିଟି ବୈଠକ**

- ବ୍ରଜନଗରଠାରୁ ସିଦ୍ଧାର୍ଥନଗର ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ
- ହୁଗୁଳାପଟାରେ ହେବ ଗୋଶାଳା ଓ କୁକୁର ବନ୍ଧ୍ୟାକରଣ

ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପରିସରରେ ଗୁରୁବାର ସ୍ୱାସ୍ଥ୍ୟ ଏବଂ ୱାର୍କସ କମିଟି (ପିଡବ୍ଲୁଡି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଏମ୍‌ସି କମିଶନର ଭବାନୀ ପ୍ରସାଦ ମିଶ୍ର, ମେୟର ସଂଘମିତ୍ରା ଦଳେଇ, ଡେପୁଟି କମିଶନର ଆଶୀର୍ବାଦ ପରିଡା ଓ ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ ତଥା କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା।

ସହରରେ ଥିବା ସମସ୍ତ ଖୋଲା ଡ୍ରେନକୁ ସିମେଣ୍ଟ ପ୍ଲେଟରେ ଆବଦ୍ଧ କରାଯିବ। ବର୍ଷା ଦିନ ପୂର୍ବରୁ ବଡ ଡ୍ରେନଗୁଡ଼ିକୁ ସଫେଇ କରାଯିବ। ଡ୍ରେନରୁ ଅଳିଆ ଆବର୍ଜନା, ପଙ୍କ ଓ ମାଟି ବାହାର କରାଯିବ। ଆବଶ୍ୟକ ସ୍ଥଳେ ନୂତନ କେନାଲ ନିର୍ମାଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ବର୍ଷା ଦିନରେ ସହରବାସୀ ଯେଭଳି ଜଳବନ୍ଦୀର ସମ୍ମୁଖୀନ ନ ହେବେ ସେ ନେଇ ନିଗମର ୪୨ଟି ୱାର୍ଡର ସଫେଇ ଦାୟିତ୍ୱ ନେଇଥିବା ଘରୋଇ ଏଜେନ୍ସି ପ୍ରତ୍ୟୁଷ, ପିଏମଆର ଓ ସଫେଇ ଅଭିଯାନକୁ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ନେଇ ଦାୟିତ୍ୱ ପ୍ରଦାନ କରାଯିବ। ହୁଗୁଳାପଟାରେ ଗୋଶାଳା ନିର୍ମାଣ କରାଯିବ। ସହରରେ ଅବାଧରେ ବିଚରଣ କରୁଥିବା ଗାଈଗୁଡ଼ିକୁ ଗୋଶାଳାରେ ରଖାଯିବ। ସହରର ରାସ୍ତା ଉପରେ ଗୋରୁ ଓ ମଇଁଷି ଛାଡୁଥିବା ମାଲିକଙ୍କ ବିରୋଧରେ ଅଧିକ ଜରିମାନା ଆଦାୟ ହେବ। ସେହିଭଳି ରାସ୍ତା ପାର୍ଶ୍ୱରେ ଅକସ୍ମାତ ମୃତ୍ୟୁ ହେଉଥିବା ଗୋରୁ ସମେତ ଅନ୍ୟାନ୍ୟ ପ୍ରାଣୀଙ୍କ ମୃତଦେହ ପୋତିବା ପାଇଁ ନିଗମ ନିକଟରେ ସ୍ଥାନ ନ ଥିବାରୁ ହୁଗୁଳାପଟାଠାରେ ମୃତ ପ୍ରାଣୀଙ୍କୁ ପୋତିବା ପାଇଁ ଶ୍ମଶାନ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଫଳରେ ଅଭିଭାବକ ଓ ଛୋଟ ଶିଶୁଙ୍କ ଜୀବନ ସୁରକ୍ଷିତ ନୁହେଁ। କୁକୁର ବନ୍ଧ୍ୟାକରଣ ଓ ନିୟନ୍ତ୍ରଣାଧୀନ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବ୍ରଜନଗର ଛକଠାରୁ ସିଦ୍ଧାର୍ଥ ନଗର ଛକ ଯାଏଁ ନୂତନ ରାସ୍ତା ନିର୍ମାଣ ପାଇଁ ଯେଉଁ ୬ ଟେଣ୍ଡର ନିର୍ବାଚନ ପୂର୍ବରୁ ହୋଇଥିଲା ତାହାର କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇ ନ ଥିବା ଅଧ୍ୟକ୍ଷ କହିଥିଲେ। ଏଥିମଧ୍ୟରୁ ଗୋଟିଏ ଟେଣ୍ଡର କାର୍ଯ୍ୟକାରୀ ହୋଇଛି। ଅନ୍ୟ ୩ ଟେଣ୍ଡର ଖୋଲାଯାଇ ନ ଥିବା ବେଳେ ଆଉ ୨ ଟେଣ୍ଡର କାର୍ଯ୍ୟ କରାଯାଇ ନ ଥିବା ନେଇ କମିଟି ଅଧ୍ୟକ୍ଷ ଉପସ୍ଥାପନ କରିଥିଲେ। ଏଣୁ ସମସ୍ତ ଟେଣ୍ଡର କାର୍ଯ୍ୟକାରୀ କରିବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ରାସ୍ତାର ଓସାର ଓ ବ୍ରଜନଗରଠାରୁ ସିଦ୍ଧାର୍ଥ ନଗର ଛକ ଯାଏଁ ଲମ୍ବ, ରାସ୍ତା ପାର୍ଶ୍ୱରେ ଡ୍ରେନ, ରାସ୍ତା ପ୍ରଶସ୍ତିକରଣ କରି ଯୁଦ୍ଧକାଳୀନ ଭିତ୍ତିରେ ପିଚୁ ରାସ୍ତା କରିବା ପାଇଁ ନିଗମର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ୫ଦିନ ମଧ୍ୟରେ ଉକ୍ତ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟ କମିଟିର ଅଧ୍ୟକ୍ଷା ଶ୍ୱେତାରେଖା ତ୍ରିପାଠୀଙ୍କ ସମେତ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ସୋନାଲୀ ଗନ୍ତାୟତ,ନିଗମର ସମସ୍ତ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# କର୍ପୋରେଟରଙ୍କ ଉପରେ ନଜର ରଖିଛି ବିଜେଡି

ବ୍ରହ୍ମପୁର,୨୦।୬(ନରସିଂହ ସାହୁ): ରାଜ୍ୟରେ ନୂଆ ସରକାର ଗଠନ ହୋଇଛି। ଗଞ୍ଜାମ ଜିଲାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ରାଜନୀତି ବଦଳିଛି । ବିଜେଡି ଗଡ଼ ପତନ ଯୋଗୁ ନେତା ଓ କର୍ମୀଙ୍କ ଚିନ୍ତା ବଢ଼ିଯାଇଛି। ମହାନଗର ନିଗମ (ବିଇଏମସି) ଆଗାମୀ ରାଜନୀତି ନେଇ ଅଙ୍କକଷା ଆରମ୍ଭ ହୋଇଛି। ନିଗମରେ ବ୍ରହ୍ମପୁର ବିଧାନସଭା ଆସନର ୩୬ ଏବଂ ଗୋପାଳପୁର ଆସନର ୬ଟି ୱାର୍ଡ ରହିଛି। ୨୦୨୨ ପୌର ନିର୍ବାଚନରେ ନିଗମର ମୋଟ ୪୨ ୱାର୍ଡ ମଧ୍ୟରୁ ବିଜେଡିର ୩୦ଜଣ କର୍ପୋରେଟର ଜିତିଥିଲେ। ଭାଜପାରୁ ୭, ଜଣେ କଂଗ୍ରେସ ଓ ୪ଜଣ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ଚଳିତବର୍ଷର ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାର ୪ ଓ ୨ ଜଣ ସ୍ୱାଧୀନ କର୍ପୋରେଟର ବିଜେଡିରେ ମିଶିଥିଲେ। ତେଣୁ ଏବେ ବିଜେଡି କର୍ପୋରେଟର ସଂଖ୍ୟା ୩୬କୁ ବୃଦ୍ଧି ପାଇଛି।

ସଦ୍ୟସମାପ୍ତ ନିର୍ବାଚନରେ ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ୧୮ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବାରୁ ବିଇଏମସି ରାଜନୀତି ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପୌର ନିର୍ବାଚନ ଏବଂ ପରିଷଦ ଗଠନର ଦୁଇ ବର୍ଷ ବିତିଯାଇଛି। ମ୍ୟୁନିସିପାଲ କର୍ପୋରେସନ ଆକ୍ଟ ଅନୁସାରେ ଦୁଇ ବର୍ଷ ପରେ ମେୟର ଓ ପରିଷଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବା ନିୟମ ରହିଛି। ଭାଜପାରୁ ବିଧାୟକ ହୋଇଥିବା ବେଳେ ରାଜ୍ୟରେ ଭାଜପା ସରକାର ଶାସନ ଚାଲିଛି। ତେଣୁ ନାନା ଆଶଙ୍କା କରାଯାଇଥିବା ପରାଜିତ ବିଜେଡି ପ୍ରାର୍ଥୀ ତଥା ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଆଗୁଆ ଅଙ୍କକଷା ଆରମ୍ଭ ହୋଇଛି। ୩୬ ବିଜେଡି କର୍ପୋରେଟରଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିବା ଆଲୋଚନା ପ୍ରସଙ୍ଗରେ ସେ ସୂଚାଇଛନ୍ତି।

ସୂଚନାଯୋଗ୍ୟ, ପୌର ନିର୍ବାଚନ ପୂର୍ବରୁ ଓ ପରେ ବିଜେଡି ବିରୋଧରେ ଭାଜପା ଗର୍ଜନ କରି ଆସୁଥିଲା। ବିଧାନସଭା ନିର୍ବାଚନ ପ୍ରଚାର ବେଳେ ଭାଜପା ପକ୍ଷରୁ ବିଇଏମସିର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରସଙ୍ଗ କରି ଭୋଟରଙ୍କୁ ଅବଗତ କରାଇଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ବିଇଏମସି ଆଗରେ ଭାଜପା ପକ୍ଷରୁ ବହୁବାର ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଥିଲା। ଯୋଗକୁ ବ୍ରହ୍ମପୁର ଏମପି ଓ ବିଧାୟକ ଭାଜପାରୁ ବିପୁଳ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ଫଳରେ ବିଜେଡି ନେତା ଓ କର୍ମୀ ଏବଂ ନିର୍ବାଚିତ ନିଗମର ଜନ ପ୍ରତିନିଧି ଆଶଙ୍କାରେ ଅଛନ୍ତି। ଭବିଷ୍ୟତ ରାଜନୀତି ନେଇ ସମୀକ୍ଷକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।






# ଛୁଟି ବଢ଼ାଇବାକୁ ସ୍ୱାଭିମାନ ଜାଗରଣ ଫେଡେରେଶନର ଦାବି


ସ୍ୱାଭିମାନ ଜାଗରଣ ଫେଡେରେସନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ବ୍ରହ୍ମପୁର, ୨୦।୬ (ସ୍ୱାଧୀନ ଶେଖର ପାଢ଼ୀ)

ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ହେତୁ ଆଉ ସପ୍ତାହେ ସ୍କୁଲ ଛୁଟି ବଳବତ୍ତର ରଖିବା ଦାବି ନେଇ ଗୁରୁବାର ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେଶନର ଏକ ପ୍ରତିନିଧି ମଣ୍ଡଳୀ ବ୍ରହ୍ମପୁର ଉପଜିଲାପାଳ ଧିନା ଦାସ୍ତୋଗିଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲାରେ ଅସହ୍ୟ ଗୁଳୁଗୁଳି, ଗ୍ରୀଷ୍ମ ପ୍ରବାହ ଓ ତାତି ଜାରି ରହିଛି। ମୌସୁମୀ ବର୍ଷା ଆସିବାରେ ବିଳମ୍ବ ଘଟୁଥିବାରୁ ଅସହ୍ୟ ତାତିରୁ ନିସ୍ତାର ମିଳି ପାରିନାହିଁ। ଏପରି ସ୍ଥଳେ କୋମଳମତି ବାଳକ ବାଳିକା ସ୍କୁଲ ଯିବା ଠିକ୍ ମନେ ହେଉନି। ଅଭିଭାବକମାନଙ୍କ ପାଇଁ ମଧ୍ୟ ପିଲାମାନଙ୍କୁ ଠିକ ସମୟରେ ସ୍କୁଲରେ ପହଞ୍ଚାଇବା ଓ ସ୍କୁଲରୁ ଘରକୁ ଆଣିବା ଦୁରୁହ ବ୍ୟାପାର ହୋଇଯିବ। ଏଭଳି ସ୍ଥିତିରେ ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ପ୍ରଶାସନ ଗ୍ରହଣ କରିବ କି ବୋଲି ଫେଡେରେସନ ପ୍ରଶ୍ନ କରିଛି। ସ୍ଥିତିକୁ ଅନୁଧ୍ୟାନ କରି ଜିଲାପାଳ ତୁରନ୍ତ ଛୁଟି ଆଉ ସପ୍ତାହେ ବୃଦ୍ଧି କରିବାକୁ ଦାବି ହୋଇଛି। ଆବାହକ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ ବେଳେ ପ୍ରତିନିଧି ମଣ୍ଡଳୀରେ ଉପସଭାପତି ଦେବୀ ପ୍ରସାଦ ଦାସ, ସହ ସମ୍ପାଦକ ବି ଭି ସାଗର, ଉପ ସଂଗଠନ ସମ୍ପାଦକ କାହ୍ନୁ ଚରଣ ପତି, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନା, ବିନୋଦ ପାତ୍ର ଓ ଅଶ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତଥିଲେ।

## ୨୧ରେ ସକାଳୁ ୨୨ରୁ ସ୍ୱାଭାବିକ ସ୍କୁଲ

ଶୁକ୍ରବାର ଠାରୁ ସକାଳୁଆ ସ୍କୁଲ। ପାଣିପାଗ ବିଭାଗର ସୂଚନାକୁ ଆଧାର କରି ଜିଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ସ୍କୁଲ ଶୁକ୍ରବାର ଠାରୁ ଖୋଲୁଛି। କେବଳ ୨୧ ତାରିଖରେ ସକାଳ ୬ଟା୩୦ରୁ ୧୦ଟା୩୦ଯାଏ ଏବଂ ୨୨ ତାରିଖରୁ ସମସ୍ତ ବିଦ୍ୟାଳୟ ସ୍ୱାଭାବିକ ଭାବେ ପରିଚାଳନା ହେବ ବୋଲି ବିଦ୍ୟାଳୟ ଗଣଶିକ୍ଷା ବିଭାଗରୁ ସୂଚନା ମିଳିଛି। ଗ୍ରୀଷ୍ମ ଅବକାଶ ନେଇ ସ୍କୁଲ ଛୁଟି ଥିଲା। ଏନେଇ ପୂର୍ବରୁ ୧୮ରେ ସ୍କୁଲ ଖୋଲିବାର ଥିଲା। ହେଲେ ୨୦ ଯାଏ ସ୍କୁଲ ବନ୍ଦ ରହିବା ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଥିଲା।

# ୫ ଲକ୍ଷ ଟଙ୍କା ନେଇଗଲେ ଅର୍ଥ ଲଗାଣକାରୀ ସଂସ୍ଥାର ୨ ମ୍ୟାନେଜର

ବ୍ରହ୍ମପୁର,୨୦।୬(ସୁବାସ ଚନ୍ଦ୍ର ପାଢ଼ୀ): ଋଣ ଗ୍ରହିତାଙ୍କଠାରୁ ସଂଗ୍ରହ ୫ ଲକ୍ଷରୁ ଅଧିକ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ଏକ ଅର୍ଥ ଲଗାଣକାରୀ ସଂସ୍ଥାର ମ୍ୟାନେଜର ଓ ସହକାରୀ ମ୍ୟାନେଜର। ଘଟଣାକୁ ନେଇ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭେକ୍ଟର ଫାଇନାନ୍ସ ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ବ୍ରହ୍ମପୁରରେ ଏକ ଶାଖା ରହିଛି। ଏହି ସଂସ୍ଥା ମହିଳାଙ୍କୁ ଋଣ ଦେଇ ପରବର୍ତ୍ତୀ ସମୟରେ ସୁଧ ଓ ମୂଳ ଟଙ୍କା ସଂଗ୍ରହ କରୁଛି। ସଂସ୍ଥାର ବ୍ରହ୍ମପୁର ଶାଖାରେ ଯାଜପୁର ଜିଲାର ପ୍ରଦୀପ ସାହୁ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ପୁରୀ ଜିଲା ନିମାପଡାର ମନୋଜ ନାୟକ ସହାକରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂସ୍ଥାରେ କାର୍ଯ୍ୟରତ ଫିଲ୍ଡ ଅଧିକାରୀମାନେ ମହିଳାଙ୍କୁ ଋଣ ଦେବା ସହ ଘରକୁ ଘର ବୁଲି ବୁଲି ମୂଳ ଟଙ୍କା ଓ ସୁଧ ଟଙ୍କା ସଂଗ୍ରହ କରୁଛନ୍ତି।

ଏହି କାର୍ଯ୍ୟାଳୟର ଉଭୟ ମ୍ୟାନେଜର ଓ ସହକାରୀ ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ ଚାଲିଆସୁଛି। ହେଲେ ଗତ ୧୩ ଓ ୧୪ ତାରିଖରେ ଉଭୟ ମ୍ୟାନେଜର ଓ ସହକାରୀ ମ୍ୟାନେଜର ଅନେକ ଋଣ ଗ୍ରହିତାଙ୍କଠାରୁ ୫ ଲକ୍ଷ ୧୫ ହଜାର ୪୩୪ ଟଙ୍କା ସଂଗ୍ରହ କରିଥିଲେ। ବ୍ୟାଙ୍କ ଛୁଟି ଥିବାରୁ ସେହି ଟଙ୍କା କମ୍ପାନୀ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା ନକରି ଶାଖା କାର୍ଯ୍ୟାଳୟର ଲକରେ ହିଁ ସମସ୍ତ ଟଙ୍କା ରଖିଥିଲେ। ଉଭୟଙ୍କ ଦାୟିତ୍ୱରେ ସମସ୍ତ ଟଙ୍କା ଲକରରେ ରହିଥିଲା। ୧୪ ତାରିଖ ରାତି ୨ଟା ୩୦ ବେଳେ ମ୍ୟାନେଜର ସାହୁ ଲକର ଚାବି ସହକାରୀ ମ୍ୟାନେଜରଙ୍କୁ ଦେଇଥିଲେ। ଆଉ ସହକାରୀ ମ୍ୟାନେଜର ଲକର ଖୋଲି ସମସ୍ତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଉଭୟ ମ୍ୟାନେଜର ଓ ସହକାରୀ ମ୍ୟାନେଜର ମିଳିତଭାବେ ଏହି ଟଙ୍କା ହଡପ କରି ନେଇଯାଇଛନ୍ତି ବୋଲି ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଶମ୍ଭୁପ୍ରସାଦ ସେଠୀ ଥାନାରେ ଅଭିଯୋଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

ସଂ.SDCM/KUR/ATVM Facilitator/III
ତା.13.06.2024ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ @3% ବୋନସ୍ ଆଧାରରେ ATVMs ମାଧ୍ୟମରେ ଅସଂରକ୍ଷିତ ଟିକଟ ଜାରି ନିମନ୍ତେ ATVM ଫ୍ୟାସିଲିଟେଟରଙ୍କ ନିଯୁକ୍ତି ନିମନ୍ତେ ରେଲୱେର ଅବସରପ୍ରାପ୍ତ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି। ଆବେଦନକାରୀ ସ୍ପଷ୍ଟ ଭାବରେ ତାଙ୍କ ପସନ୍ଦର ଷ୍ଟେସନ ନାମକୁ ଉଲ୍ଲେଖ କରିବା ଉଚିତ୍।

ଷ୍ଟେସନ ନାମ ଏବଂ ATVM ସଂଖ୍ୟା: (1) କଟକ-5 ଗୋଟି, (2) ବ୍ରହ୍ମପୁର-3 ଗୋଟି, (3) ଢେଙ୍କାନାଳ-2 ଗୋଟି, (4) ଯାଜପୁର କେନ୍ଦୁଝର ରୋଡ୍-1 ଗୋଟି, (5) ପାରାଦ୍ୱୀପ-1 ଗୋଟି, (6) ଖୋର୍ଦ୍ଧା ରୋଡ୍-3 ଗୋଟି, (7) ଅନୁଗୁଳ-1 ଗୋଟି, (8) ତାଳଚେର ରୋଡ୍-1 ଗୋଟି, (9) ତାଳଚେର-1 ଗୋଟି, (10) ପଲାସା-3 ଗୋଟି, (11) ସୋମ୍ପେଟା-1 ଗୋଟି, (12) ଇଚ୍ଛାପୁରମ୍-1 ଗୋଟି, (13) ଛତ୍ରପୁର(CAP)-1 ଗୋଟି, (14) ଖଲ୍ଲିକୋଟ-1 ଗୋଟି, (15) ବାଲୁଗାଁ-1 ଗୋଟି, (16) ଭୁବନେଶ୍ୱର-8 ଗୋଟି, (17) ଭଦ୍ରକ-1 ଗୋଟି, (18) ଡେଲାଙ୍ଗ-1 ଗୋଟି, (19) ପୁରୀ-5 ଗୋଟି।

ଫ୍ୟାସିଲିଟେଟରଙ୍କ ସଂଖ୍ୟା (ତିନି ଶିଫ୍ଟ): କ୍ରମ ସଂ. 1:14 ଗୋଟି, କ୍ରମ ସଂ. 2:9 ଗୋଟି, କ୍ରମ ସଂ. 3:5 ଗୋଟି, କ୍ରମ ସଂ. 4:3 ଗୋଟି, କ୍ରମ ସଂ. 5:3 ଗୋଟି, କ୍ରମ ସଂ. 6:7 ଗୋଟି, କ୍ରମ ସଂ. 7:3 ଗୋଟି, କ୍ରମ ସଂ. 8:2 ଗୋଟି, କ୍ରମ ସଂ. 9:1 ଗୋଟି, କ୍ରମ ସଂ. 10:5 ଗୋଟି, କ୍ରମ ସଂ. 11:2 ଗୋଟି, କ୍ରମ ସଂ. 12:1 ଗୋଟି, କ୍ରମ ସଂ. 13:2 ଗୋଟି, କ୍ରମ ସଂ. 14:2 ଗୋଟି, କ୍ରମ ସଂ. 15:1 ଗୋଟି, କ୍ରମ ସଂ. 16:15 ଗୋଟି, କ୍ରମ ସଂ. 17:1 ଗୋଟି, କ୍ରମ ସଂ. 18:3 ଗୋଟି, କ୍ରମ ସଂ. 19:10 ଗୋଟି।

ମୋଟ ATVM ସଂଖ୍ୟା: 41 ଗୋଟି, ମୋଟ ଫ୍ୟାସିଲିଟେଟରଙ୍କ ସଂଖ୍ୟା: 89 ଗୋଟି।

ଆବେଦନ ଫର୍ମ ଜମା କରିବାର ଶେଷ ତାରିଖ ଓ ସମୟ: ତା.04.07.2024 ରିଖ 1500 ଘଟିକା ପର୍ଯ୍ୟନ୍ତ, ଆବେଦନ ଫର୍ମ ଖୋଲାଯିବା ତାରିଖ ଓ ସମୟ: ତା.04.07.2024 ରିଖ 1530 ଘଟିକା।

ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ସହିତ ଆବେଦନ ଫର୍ମ ୱେବ୍‌ସାଇଟ୍ www.eastcoastrail.indianrailways.gov.in→Tendersରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ଙ୍କ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-224/P/24-25



**TENDER NOTICE**
**STATE INSTITUTE OF HOTEL MANAGEMENT**
**TITILAGARH ROAD, BALANGIR - 767001 (ODISHA)**

No.282/SIHM/2024-25/TENDER Date: 20-06-2024

Sealed tender are invited from the reputed dealers/manufacturers/distributors for supply of Student Uniform (readymade) for the Academic Session 2024-25.

Tenderers must be superscripted "Tender for supply of Student Uniform (Readymade) for the Academic Session 2024-25" on the top of the envelope which contains the tender documents and other required documents should reach the Office of the Principal, State Institute of Hotel Management, Titilagarh Road, Balangir - 767001 (Odisha) by Govt. Speed Post/Regd. Post/Courier on or before 01.07.2024 till 5.00 p.m.

For further details kindly visit our website **www.sihmbalangir.org**

Sd/-
Principal



पर्यटन मंत्रालय
MINISTRY OF TOURISM
NCHMCT

**Institute of Hotel Management**
**Veer Surendra Sai Nagar, Bhubaneswar-751010**
Tel: 0674-2589241, E-mail id: hospitality@ihmbbs.org
Website: www.ihmbbs.org

**ADMISSION-2024**

On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.

1. Candidate must have passed 12th Exam with minimum of **40% marks** (in aggregate, in 10+2 system from a recognized board, either of any stream (Science/Arts/Commerce/Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by **Jawaharlal Nehru University** to award the final degree.
5. Reservation as per government rules.

Interested candidate must apply to the Institute by attaching the copies of testimonials latest by **1st July, 2024** either in person/by posts or vide email at **hospitality@ihmbbs.org**. Admission form and other details are available on the website **www.ihmbbs.org**.

Admission helpline numbers: **9438810851 and 9937453823**
Name of contact person: **Gyana Ranjan Satapathy**
Mobile number of contact person: **9937453823**

Admission will be offered on the basis of a written test to be conducted shortly by NCHMCT for residual vacancies for which the dates will be intimated to the eligible applicants. Candidates may follow institute website for information on the written test schedule.

Sd/-
Principal



**OFFICE OF THE SUPERINTENDENT**
**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ, 757001**
**SUPERINTENDENT PRM MCH, BARIPADA, MAYURBHANJ**
**TENDER CALL NOTICE**

Notice No. 4305 Date : 19.06.2024

No.E-56: Sealed tenders are invited from interested / bonafied / registered agency for supply of Bike Ambulance to PRM Medical College & Hospital, Baripada. The details regarding specification, terms & conditions may be downloaded from district website www.mayurbhanj.nic.in. The bids in sealed envelope should reach the office of the undersigned by 10.07.2024 till 5.30 PM along with all relevant documents. The tender will be opened on Dt. 11.07.2024 at 11.30 AM in the presence of bidders or authorized representatives. In case of absence of any bidder then bid document will be opened by the committee members. The undersigned reserves the right to reject any or all the tenders without assigning any reason thereof.

Sd./- Superintendent PRM MCH
Baripada, Mayurbhanj
OIPR-10120/11/0001/2425



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**अति अल्पकालीन ई–निविदा आमंत्रण सूचना**
**PR.NO.-318742 REO(23-24):D**

पत्रांक:– दिनांक–
अति अल्पकालीन ई–निविदा संख्या:–19/RE/2023-24/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI/ 32/ STPKG/03/ 2023-24 | सोसो राहे रोड से बुन्दीयारू निश्चितपुर भाया दरहा तक पथ का सुदृढ़कीकरण कार्य। (ल0–4.200 कि0मी0)<br>नावाडीह से बसंतपुर भाया पोगड़ा तक पथ का सुदृढ़ीकरण कार्य। (ल0–3.100 कि0मी0)<br>सताकी रोड नावाटोली से सेरेंगडीह भाया रामडेरा तक पथ का सुदृढ़ीकरण कार्य। (ल0–4.800 कि0मी0)<br>हल्दीबेड़ा से सताकी तक पथ का सुदृढ़ीकरण कार्य। (ल0–3.500 कि0मी0)<br>सारूगोड़ी से खैरवाटिकरा तक पथ का सुदृढ़ीकरण कार्य। (ल0–5.000 कि0मी0) | 10,22,76,000.00 | दस करोड़ बाईस लाख छिहत्तर हजार रूपये मात्र। | 15 माह | द्वितीय |
| 2 | RWD/RANCHI/ 33/ STPKG/04/ 2023-24 | कोकरोडीह से सिरीडीह तक पथ का सुदृढ़ीकरण कार्य। (ल0–7.830 कि0मी0)<br>चन्दनडीह से सिरीडीह तक पथ का सुदृढ़ीकरण कार्य। (ल0–9.350 कि0मी0)<br>हापदबेड़ा गंगानाला पुल से कोयनारडीह तक पथ का सुदृढ़ीकरण कार्य। (ल0–2.350 कि0मी0) | 10,50,51,000.00 | दस करोड़ पचास लाख एक्यावन हजार रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि:–**24.06.2024**
2. ई–निविदा प्राप्ति की अंतिम तिथि एवं समय:–**03.07.2024** अपराह्न 5.00 बजे तक।
3. निविदा खोलने की तिथि एवं समय:–**05.07.2024** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 327105 (REO) 24-25 (D)



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**अति अल्पकालीन ई–पुर्ननिविदा आमंत्रण सूचना**
**(PR 322479 REO (23-24):D)**

पत्रांक:– दिनांक–
अति अल्पकालीन ई–पुर्ननिविदा संख्या:– 10/RE/2023-24/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राषि (रूपये में) अंक में | प्राक्कलित राषि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI/ 17/ STPKG/01/ 2023-24 | बरहे से कैम्बो पुल तक पथ का विशेष मरम्मति कार्य। (लं0–3.100 कि0मी0)<br>एन0एच0–23 भूतपूर्व सैनिक होटल से कटहल टोली मतला महतो के घर तक पथ का विशेष मरम्मति कार्य। (ल0–1.315 कि0मी0)<br>एन0एच0–23 बारेडीह से भसनंदा तक पथ का विशेष मरम्मति कार्य। (ल0–2.700 कि0मी0)<br>एन0एच0–75 से चौरेया पथ भाया करकट तक पथ का विशेष मरम्मति कार्य। (ल0–2.750 कि0मी0)<br>एन0एच0–75 से बुचीपुल तक पथ का विशेष मरम्मति कार्य। (ल0–1.200 कि0मी0)<br>एन0एच0–75 से मलटोटी तक पथ का विशेष मरम्मति कार्य। (ल0–2.500 कि0मी0)<br>एन0एच0–75 से पाटुक खखराटांड़ तक पथ का विशेष मरम्मति कार्य। (ल0–1.100 कि0मी0)<br>मुड़मा चौक से बरगड़ी तक पथ का विशेष मरम्मति कार्य। (ल0–1.200 कि0मी0)<br>बंझिला पंचायत अन्तर्गत बुढ़ाखुखरा से गोरे तक पथ का विशेष मरम्मति कार्य। (ल0–2.100 कि0मी0)<br>एस0एच0 खेलारी पथ चौरिया से तरंगा तक पथ का विशेष मरम्मति कार्य। (ल0–1.100 कि0मी0) | 10,25,64,000.00 | दस करोड़ पच्चीस लाख चौंसठ हजार रूपये मात्र। | 15 माह | चर्तुथ |

1. वेबसाईट में निविदा प्रकाशन की तिथि:–24.06.2024
2. ई–निविदा प्राप्ति की अंतिम तिथि एवं समय:–03.07.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–05.07.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग कार्य प्रमण्डल, राँची

PR 327118 REO(24-25)D

## ସଂକ୍ଷେପରେ

### ଅଂଶୁଘାତରେ ବାଟୋଇଙ୍କ ମୃତ୍ୟୁ ସନ୍ଦେହ

ଧରାକୋଟ,୨୦।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ପୁଟୁ-ମୁକ୍ତପୁଞ୍ଜି ରାସ୍ତା ପାର୍ଶ୍ୱରୁ ପୋଲିସ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ନିକଟସ୍ଥ କିଶୋର ଚନ୍ଦ୍ର ପଲି ଗ୍ରାମର କିଶୋର ମୁନି (୪୮)। ମହେନ୍ଦ୍ର ମୁନିଙ୍କ ୩ ପୁଅଙ୍କ ମଧ୍ୟରୁ କିଶୋର ମଝିଆ ପୁଅ। ସେ ଅବିବାହିତ ଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ଜାହାଡ଼ା ଗାଁ ପଟୁ ମୁକ୍ତାପୁଞ୍ଜି ଦେଇ ପୁଟୁ ଆଡ଼କୁ ଆସୁଥିବା ବେଳେ ରାସ୍ତାରେ ଅଂଶୁଘାତରେ ଟଳି ପଡ଼ିଥିବା ସନ୍ଦେହ କରାଯାଉଛି । ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଛନ୍ତି। ଏ ନେଇ ନଂ.୯/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

### ଯୋଗଦିବସ ଉପଲକ୍ଷେ ପ୍ରତିଯୋଗିତା

ଆସିକା,୨୦।୬
(ସୁରେନ୍ଦ୍ର ନାଥ ସାହୁ)

ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ବକ୍ତୃତାରେ ପୂଜା ନାହାକ, ନନ୍ଦିନୀ ପ୍ରଧାନ ଓ ସିମ୍ରନ ରାଣୀ, ପ୍ରବନ୍ଧରେ ମାମାଲି ମହାନ୍ତି, ପୂଜା ନାହାକ ଓ ଅଞ୍ଜଳି ସାହୁ ଏବଂ ଚିତ୍ରାଙ୍କନରେ ଜି. ନାଗେଶ୍ୱର ରେଡ଼ି, ମାମାଲି ମହାନ୍ତି ଓ ଲିଜାରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସନାତନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ମନୋରଞ୍ଜନ ସାହୁ, ଶିଶିର କୁମାର ମିଶ୍ର, କବିତା କୁମାରୀ ମିଶ୍ର ପ୍ରମୁଖ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।

### କାର୍ ଧକ୍କାରେ ଯୁବକ ମୃତ

ଦିଗପହଣ୍ଡି,୨୦।୬
(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ତପ୍ତପାଣି ୩୨୬ନଂ. ଜାତୀୟ ରାଜପଥର ମଳାଭଞ୍ଜା ଗ୍ରାମ ନିକଟରେ ଗୁରୁବାର ଏକ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଖଲିଙ୍ଗି ଗ୍ରାମର ନବଘନ ଗୌଡ଼ (୪୧)। ନବଘନ ବସରୁ ଓହ୍ଲାଇ ତାଙ୍କ ସାଙ୍ଗ ଘରକୁ ଯାଉଥିବା ବେଳେ ରାୟଗଡ଼ାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା କାର (ନଂ.ଓଡ଼ି ୧୮ ଜେ-୦୬୦୫) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ କଚାଡ଼ି ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ନବଘନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରାଯାଇଥିବା ବେଳେ ଚାଳକ ଫେରାର ଥିବା ପୋଲିସ କହିଛି।

# ସମୁଦ୍ରରେ ବୁଡ଼ି ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି



(ଇନ୍‌ସେଟ୍‌ରେ ହେମନସେନ ବେହେରା) ସମୁଦ୍ରରେ ଖୋଜା ଚାଲିଛି।



ସମୁଦ୍ର ନିକଟରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ଛତ୍ରପୁର,୨୦।୬
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ସମୁଦ୍ରରେ ବୁଡ଼ି ବୁଧବାର ସନ୍ଧ୍ୟାରୁ ଡିପ୍ଲୋମା ଛାତ୍ର ହେମନସେନ ବେହେରା (୨୨) ନିଖୋଜ ଅଛନ୍ତି। ଗୁରୁବାର ତଟରକ୍ଷା ବାହିନୀର ହେଲକାପ୍ଟର ଆକାଶମାର୍ଗରୁ ଓ ସମୁଦ୍ର ମଧ୍ୟରେ ଏକ ଲଞ୍ଚ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ସୁଦ୍ଧା ସନ୍ଧ୍ୟା ସୁଦ୍ଧା ନିଖୋଜ ଛାତ୍ରଙ୍କ ପତ୍ତା ମିଳିନାହିଁ। ସୂଚନାନୁଯାୟୀ, ଆର୍ଯ୍ୟପଲ୍ଲୀ ପଞ୍ଚାୟତ କେ. ଆର୍ଯ୍ୟପଲ୍ଲୀ ଗ୍ରାମର ହେମନ ବୁଧବାର ଅପରାହ୍ନରେ ୪ରୁ ୫ ଜଣ ସାଙ୍ଗଙ୍କ ସହ ସମୁଦ୍ରକୁ ଗାଧୋଇ ଆସିଥିଲେ। ଉଚ୍ଚ ଜୁଆର ଯୋଗୁ ଗାଧୋଇବା ବେଳେ ହେମନ ପାଣିରେ ଭାସି ଯାଇଥିଲେ। ତାଙ୍କର ଅନ୍ୟ ସାଙ୍ଗମାନେ ବର୍ତ୍ତି ଯାଇଥିଲେ। ଗୁରୁବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବବ୍ରତ ସାହୁ, ଉପଜିଲାପାଳ, ଛତ୍ରପୁର ତହସିଲଦାର, ଏସ୍‌ଡିପିଓ ଗୌରହରି ସାହୁ ସମୁଦ୍ର ନିକଟରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ଆର୍ଯ୍ୟପଲ୍ଲୀ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ଅଗ୍ନିଶମ ବାହିନୀ, ଓଡ୍ରାଫ୍, ପୋଲିସ ଓ ତଟ ସୁରକ୍ଷା ବାହିନୀ ଅନୁସନ୍ଧାନ ଜାରି ରଖିଛନ୍ତି।

ଅନ୍ୟପଟେ ହେମନଙ୍କ ନିଖୋଜକୁ ନେଇ ପରିବାରବର୍ଗଙ୍କ ବନ୍ଧୁବାନ୍ଧବଙ୍କ କାନ୍ଦବୋବାଳିରେ ଗାଁ ଫାଟିପଡୁଛି। ହେମନ ୩ ବର୍ଷ ତଳେ ଆପଦା ମିତ୍ର ଟ୍ରେନିଂ ନେଇଥିଲେ। କୌଣସି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କିପରି ଉଦ୍ଧାର କରାଯିବ କୌଶଳ ଶିଖିଥିଲେ। ଆର୍ଯ୍ୟପଲ୍ଲୀ ସମୁଦ୍ର ଅଞ୍ଚଳରେ ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ

#### ହେଲିକପ୍ଟର ନିୟୋଜିତ, ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

ସଚେତନତା କରାଯାଉ ନାହିଁ କି ସିଗନାଲ ବୋର୍ଡ ମଧ୍ୟ ଲଗାଯାଇନି। ସେହିପରି ସମୁଦ୍ର କୂଳ ଖାଇ ଗାଁ ନିକଟକୁ ଆସିଲାଣି। ଏହାର ପ୍ରତିକାର ବ୍ୟବସ୍ଥା କରିବା ନିମନ୍ତେ ଦାବି କରାଯାଉଥିଲେକେହି ଦୃଷ୍ଟି ଦେଉ ନ ଥିଲେ ବୋଲି ଏନ. ଦୀନବନ୍ଧୁ, ପି. ରାମବାବୁ ଓ ଲିଙ୍ଗରାଜ ବେହେରାଙ୍କ ସମେତ ସ୍ଥାନୀୟ ବାସିନ୍ଦା କହିଥିଲେ। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେବା ସହିତ ନିଖୋଜ ହେମନଙ୍କ ପରିବାରକୁ କ୍ଷତିପୂରଣ ଦେବା ନିମନ୍ତେ ସେମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ, ବର୍ଷକ ତଳେ ଆର୍ଯ୍ୟପଲ୍ଲୀ ସମୁଦ୍ରରେ ଗାଧେଇବା ବେଳେ ଦୁଇ ଛାତ୍ରୀ ଭାସି ଯାଇଥିଲେ । ଜଣଙ୍କୁ ଉଦ୍ଧାର କରାଯିବା ପରେ ଅନ୍ୟ ଜଣଙ୍କୁ ଉଦ୍ଧାର କରିବା ପାଇଁ ହେଲିକାପ୍ଟର ନିୟୋଜିତ ହୋଇ ଫେଲ ମାରିଥିଲା । ପରେ ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ଛାତ୍ରୀଙ୍କ ମୃତଦେହ ଠାବ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସମିତିସଭ୍ୟ ସଂଘ



ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ କର୍ମକର୍ତ୍ତା।

ଫୁଲବାଣୀ,୨୦।୬(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ସମିତିସଭ୍ୟ/ସଭ୍ୟା ମହାସଂଘର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସଂଘର ରହିଥିବା ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ଅନ୍ୟ ଦିନରେ ସଂଘର ରହିଥିବା ସମସ୍ୟା ଉପରେ ଆଲୋଚନା କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ସଂଘ ସଭାପତି ବୈଦ୍ୟନାଥ ବେହେରା କହିଛନ୍ତି, ସଂଘ ଦାବି ପୂରଣ ନେଇ ଭୁବନେଶ୍ୱରରେ ଧାରଣାରେ ବସିଥିବା ବେଳେ ସେତବେଳେ ମୋହନ ମାଝୀ ଆନ୍ଦୋଳନକୁ ଆସି ଆମ ସହ ସାମିଲ ହୋଇଥିଲେ। ଆମର ୧୨ଦଫା ଦାବି ଉପରେ ନିଜ ଅଭିଭାଷଣରେ ସରକରଙ୍କୁ ପ୍ରତିବାଦ କରିଥିଲେ। ଏହି ଦାବି ନେଇ ବିଧାନସଭାରେ ଉପସ୍ଥାପନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆମକୁ ଆଉ ଗୋଟିଏ ଦିନ ସ୍ୱତନ୍ତ୍ର ଭାବେ ଆସି ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବୋମାମାଡ଼ ଘଟଣା, ୩ ଯୁବକ କୋର୍ଟଚାଲାଣ



ଗିରଫ ଅଭିଯୁକ୍ତ ସହ ଜବତ ମାରଣାସ୍ତ୍ର ।

ବେଲଗୁଣ୍ଠା,୨୦।୬
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ଡି. ସିଙ୍ଗିପୁର ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ଗାଙ୍ଗପୁର ପୋଲିସ ତିନିଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କ୍ରିଷ୍ଣା ମୁନି, କୃଷ୍ଣ ମହାରଣା ଏବଂ ବିନାୟକ ଦାସ। ସେମାନଙ୍କ ନିକଟରୁ ତିନୋଟି ଖଣ୍ଡା, ଏକ ବୁଲେଟ୍ (ନଂଓଡି୦୫ବିକ୍ୟୁ୨୫୪୦) ଜବତ କରିବା ସହ ଘଟଣା ସ୍ଥଳରୁ ଏକ ଅଫୁଟା ବୋମା ଏବଂ ଫୁଟା ବୋମାର କ୍ଷତାଂଶ ମିଳିଛି।

ଗତ ସପ୍ତାହରେ ଡି.ସିଙ୍ଗିପୁର ଗ୍ରାମରେ ଶୀତଳ ଷଷ୍ଠୀ ଯାତ୍ରା ଚାଲିଥିବା ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ସୋମବାର ବିଳମ୍ବିତ ରାତିରେ ଗ୍ରାମର ପ୍ରମିଳା ମୁନୀଙ୍କ ଘରକୁ ବୋମାମାଡ଼

#### ୩ ଖଣ୍ଡା, ବୋମା ଏବଂ ବୁଲେଟ୍ ଜବତ

କରିଥିଲେ। ଅଭିଯୁକ୍ତମାନେ ପ୍ରମିଳାଙ୍କ ଘର ଉପରକୁ ଦୁଇଟି ବୋମା ଫିଙ୍ଗିଥିବା ବେଳେ ସେଥିରୁ ଗୋଟିଏ ବୋମା ଫୁଟି ପ୍ରମିଳାଙ୍କ ଘରର ଆସବାବପତ୍ର ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ବୋମାଟି ଫୁଟି ନଥିଲା। ଘଟଣା ସମ୍ପର୍କରେ ଗାଙ୍ଗପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗନମୋହନ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ବୋମା ନିଷ୍କ୍ରିୟକାରୀ ଦଳ ଡି.ସିଙ୍ଗିପୁର ଗ୍ରାମରେ ପହଞ୍ଚି ଅଫୁଟା ବୋମାକୁ ନିଷ୍କ୍ରିୟ କରିଥିଲେ। ଏ ନେଇ ପ୍ରମିଳାଙ୍କ ଅଭିଯୋଗକୁ ଭିତ୍ତିକରି ଗାଙ୍ଗପୁର ପୋଲିସ ନଂ.୩୨୬/୨୪ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ କ୍ରିଷ୍ଣା, କୃଷ୍ଣ ଏବଂ ବିନାୟକକୁ ଆସିକା କୋର୍ଟଚାଲାଣ କରିଥିଲା।

### ଜଙ୍ଗଲରୁ ୯ କୁଇଣ୍ଟାଲ ଗଞ୍ଜେଇ ଜବତ

ମୋହନା,୨୦।୬(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ଵା ଥାନା ପୋଲିସ ଅରୁମପେଟା ଜଙ୍ଗଲରୁ ୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ହେଲେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଜଙ୍ଗଲର ଏକ ଜାଗାରେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ପୋଲିସ ଖବର ପାଇଥିଲା। ମୋହନା ତହସିଲଦାର ଓ ପୋଲିସର ମିଳିତ ଉଦ୍ୟମରେ ସେଠାରେ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ କରାଯାଇଥିଲା। ତାହାକୁ ଓଜନ କରିବାରେ ୯ କୁଇଣ୍ଟାଲରୁ ଅଧିକା ହୋଇଥିଲା। ଉକ୍ତ ଗଞ୍ଜେଇର ଆନୁମାନିକ ଦର ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅଡ଼ଵା ଥାନାଧିକାରୀ କହିଛନ୍ତି। ବ୍ୟବସାୟୀ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ ପାଇଁ ରଖିଥିବା ବେଳେ ପୋଲିସ ଉକ୍ତ ଯୋଜନାକୁ ପଣ୍ଡ କରିଛି। ଚାଲାଣରେ ସମ୍ପୃକ୍ତ ଥିବା କେତେଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବେଳେ ନାମ ଗୁପ୍ତ ରଖାଯାଇଥିବା ପୋଲିସ କହିଛି।

# ସପ୍ତ ଠାକୁରାଣୀଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ



ପୂଜାର୍ଚ୍ଚନା ଚାଲିଛି।

ଆସିକା,୨୦।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ଲାଲାଗୋର୍ଜି ଛକଠାରେ ମଙ୍ଗଳବାରଠାରୁ ମା' ଫୁଲକେଶିନୀ ଠାକୁରାଣୀଙ୍କ ତୌୟବାର୍ଷିକ ଯାତ୍ରା ଆରମ୍ଭ ହୋଇଛି । ବୁଧବାର ମା' ଫୁଲକେଶିନୀଙ୍କ ସମେତ ଆରାଧ୍ୟା ଦେବୀ ମା ଖମ୍ବେଶ୍ୱରୀ, କାଳିମୁଖୀ, ବୁଢୀ ଠାକୁରାଣୀ, ମାଣିକେଶ୍ୱରୀ, ଗ୍ରାମଦେବତୀ ଓ ବିମଳାଙ୍କ ବିଜେ ପ୍ରତିମା ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଛି। ଗୁରୁବାର ସେଠାରେ ସପ୍ତ ଠାକୁରାଣୀଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ମଣ୍ଡପ ସମ୍ମୁଖ ଯଜ୍ଞ ମଣ୍ଡପରେ ହୋମଯଜ୍ଞ ଚାଲିଛି । ଭୋରରୁ ସୁପ୍ରଭାତମ, ଆଳତୀ, ଦେବୀଶୁକ୍ତ, ଶ୍ରୀଶୁକ୍ତ ସ୍ନାନ ଏବଂ ବିଭିନ୍ନ ପ୍ରକାର ଉପଚାରରେ ଶୃଙ୍ଗାର କରାଯାଇଥିଲା । ତା'ପରେ ଚଣ୍ଡୀପାଠ. ନ୍ୟାସ, ମଣ୍ଡପ ପୂଜା, ସୂର୍ଯ୍ୟ ପୂଜା ପରେ ଦେବୀଙ୍କ ବିଶ୍ରାମ ହୋଇଥିଲା । ଅପରାହ୍ନ ୨ଟାରେ ଯଜ୍ଞ ମଣ୍ଡପରେ ଷୋଡଶ ଉପଚାର ପୂଜା ପରେ ସପ୍ତ ମହାଶକ୍ତିଙ୍କ

#### ମା' ଫୁଲକେଶିନୀଙ୍କ ଯାତ୍ରାର ତୃତୀୟ ଦିନ

ବୈଦିକ ମନ୍ତ୍ରରେ ହୋମ କରାଯାଇଥିବା ପୂଜା ଓ ଯଜ୍ଞ ନିୟୋଜିତ ବିଶିଷ୍ଟ ପଣ୍ଡିତ ରାମକୃଷ୍ଣ ନନ୍ଦ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଦେବୀଙ୍କ ଆଳତୀ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା । ଶନିବାରଠାରୁ ପ୍ରଚଳିତ ପୂଜା ଓ ହୋମ ସହ ୫ ଦିନ ବ୍ୟାପୀ ସପ୍ତ ଠାକୁରାଣୀଙ୍କ ନଗର ପରିକ୍ରମା ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ପ୍ରତ୍ୟେହ ସନ୍ଧ୍ୟା ଆଳତୀ ପରେ ରାତି ୧୧ଟା ସପ୍ତଦେବୀ ପଟୁଆରରେ ଲାଲାଗୋର୍ଜି ଅସ୍ଥାୟୀ ମଣ୍ଡପରୁ ବାହାରି ଯାତ୍ରା ପରିସରଭୁକ୍ତ ସାହି ବସ୍ତିରେ ପରିକ୍ରମା କରିବେ । ଏଥିପାଇଁ ବିଭିନ୍ନ ସାହି ବସ୍ତି ତୋରଣ ଓ ଆଲୋକ ମାଳାରେ ସୁସଜ୍ଜିତ ହୋଇଥିଲେ ମଧ୍ୟ ମେଢ ସବୁ ଶନିବାରଠାରୁ ଖୋଲାଯିବା ଲାଗି ପ୍ରସ୍ତୁତି ଚାଲିଛି।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର

ଫିରିଙ୍ଗିଆ,୨୦।୬(ବିକ୍ରମ ଦିଗାଲ/ ଫୁଲବାଣୀ(ରାକେଶ କୁମାର ରାଉତ)

ଦୁଇ ବର୍ଷ ହେବ ବାଙ୍ଗାଲୋର ସ୍ଥିତ ବେସିକ ନିଡ୍ସ ଇଣ୍ଡିଆ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ସହଯୋଗରେ ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର ୩୦ ଗ୍ରମପଞ୍ଚାୟତରେ ଗୋଷ୍ଠୀସ୍ତରରେ ମାନସିକ ସ୍ୱାସ୍ଥ୍ୟ ପରିଚାଳନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ବନ୍ଧଗଡ ସ୍ଥିତ ତାଲିମ କେନ୍ଦ୍ରଠାରେ ସମସ୍ତ ଷ୍ଟେକ୍‌ହୋଲଡର ମାନଙ୍କୁ ନେଇ ଏକ ଦିନିକିଆ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେସିକ ନିଡ୍ସ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ ଯୋଗ ଦେଇ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଯତ୍ନକାରୀମାନଙ୍କର ଅଧିକ ଦାୟିତ୍ୱ ଅଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

ଡାକ୍ତର ପ୍ରବୋଧ କୁମାର ପ୍ରଧାନ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଦୁଇଟି ବ୍ଲକରୁ ୫୦ରୁ ଅଧିକ ଅଙ୍ଗନଓ୍ୱାଡି ଓ ଆଶାକର୍ମୀଙ୍କ ସହ ଏମ୍‌ବିକେ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱୟଂସହାୟକ ଦଳର ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଗୋଷ୍ଠୀ ସହାୟତା ଦଳର ପ୍ରତିନିଧିମାନେ ଯୋଗ ଦେଇ ସେମାନଙ୍କର ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାସ, କ୍ଷେତ୍ର କର୍ମୀ ଆଲୋକ ସାମନ୍ତରାୟ ଏବଂ ସ୍ୱେଚ୍ଛାସେବୀ ପତନା ଦିଗାଲ, ମାନିନୀ ଦିଗାଲ, ଲକ୍ଷ୍ମୀ ଦିଗାଲ, ସୁଶାନ୍ତି ଦିଗାଲ, ଅନନ୍ତ କହଁର ଓ ମମତା କହଁର ପମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧନେଇ ଡ୍ୟାମ୍‌ରୁ ବୃଦ୍ଧାଙ୍କ ମୃତଦେହ ଜବତ

ପୋଲସରା,୨୦।୬(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ କସିପଡା ଗ୍ରାମ ଫାଣ୍ଡି ଧନେଇ ଜଳ ଭଣ୍ଡାରରୁ ପୋଲିସ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ଯୋକବନ୍ଧ ଗ୍ରାମର ଅନୁଛାୟା ଡାକୁଆ (୭୦)। ଡ୍ୟାମରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି କସିପଡା ଗ୍ରାମରେ ଥିବା ଫାଣ୍ଡି ଅଧିକାରୀଙ୍କୁ ଖବର ଦେଇଥିଲେ। କସିପଡା ଫାଣ୍ଡି ଓ ପୋଲସରା ଥାନା ପୋଲିସ୍ ସେଠାରେ ପହଞ୍ଚିଥିଲା। ପୋଲସରା ଅଗ୍ନିଶମ କର୍ମଚାରୀ ବୃଦ୍ଧାଙ୍କ ମୃତଦେହକୁ ପାଣିରୁ ବାହାରକୁ ଆଣିବା ପରେ ତାଙ୍କ ପରିଚୟ ଜଣାପଡିଥିଲା। ବୃଦ୍ଧାଙ୍କ ବଡ଼ ପୁଅ ବସନ୍ତ ଡାକୁଆଙ୍କ ଅଭିଯୋଗ କରିଛନ୍ତି ଯେ, ମା' ବୁଧବାର ମଧ୍ୟାହ୍ନରେ ଘରୁ ବାହାରି ବଡ଼ ଝିଅ ଘରକୁ ମଧୂପଲ୍ଲି ଗ୍ରାମକୁ ଯିବାପାଇଁ ବାହାରି ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ବହୁ ଖୋଜା ଖୋଜି ପରେ ବି ପରିବାର ଲୋକେ ପାଇନଥିଲେ। ଗୁରୁବାର ସକାଳେ ଡ୍ୟାମରେ ମୃତଦେହ ଭାସୁଥିବା ଦେଖାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିଲା। ଏ ନେଇ ନଂ.୧୫/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ହଙ୍ଗାମା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, କର୍ଚ୍ଚବାଡି ଚାମ୍ପିୟନ

ମୋହନା,୨୦।୬(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ମିନି ଷ୍ଟାଡିୟମରେ ଚାଲିଥିବା ୬ ଓଭରବିଶିଷ୍ଟ ହଙ୍ଗାମା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗତ ୩ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ସ୍ଥାନରୁ ୧୬ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ବୁଧବାର କର୍ଚ୍ଚବାଡି ଓ ପଲ୍ଲୀ ଗଜପତି କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଫାଇନାଲ ମ୍ୟାଚ୍‌ଟି ୩ ଗେମ୍‌ବିଶିଷ୍ଟ ହୋଇଥିବା ବେଳେ କର୍ଚ୍ଚବାଡି ଟିମ୍ ଲଗାତର ୨ଟି ଗେମ୍ ଜିତି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଫାଷ୍ଟ ମନି ବ୍ୟାଙ୍କ ମ୍ୟାନେଜର ଅନସଲାମ ନାୟକ, ଖବରଦାତା ତଥା ପୂର୍ବତନ କ୍ରିକେଟ ଖେଳାଳି ବାବୁଲା ସେଠୀ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ଚାମ୍ପିୟନ କର୍ଚ୍ଚବାଡି ଟିମ୍‌କୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନରଅପ୍ ପଲୀ ଗଜପତି ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଟୁର୍ନାମେଣ୍ଟକୁ ମୋହନା କ୍ରିକେଟ ଟିମ୍‌ର କୁନା ବିଷୋୟୀ, କେଦାର ଗୌଡ, ଲୁନା, ନିଲୁ, ସରୋଜ, ସିଡୁ, ରୋନି ଓ ରୋହିତ ପ୍ରମୁଖ ପରିଚାଳନା କରିଥିଲେ।




ରନର୍ ଅପ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

### ମୁମ୍ବାଇରୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

ପାତ୍ରପୁର,୨୦।୬
(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ କନିରି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ରହୁଥିବା ଘରୁ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ତ୍ରିନାଥ ନାଇକଙ୍କ ପୁଅ ମିଥୁନ(୨୬) । ଗତ ୧୬ ତାରିଖରୁ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବେକ କଟା ଯାଇଥିବା ଅବସ୍ଥାରେ ମୃତଦେହ ଜବତ ହୋଇଥିବା ବେଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଗୁରୁବାର ମିଥୁନଙ୍କ ମୃତଦେ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ମଶାଣିରେ ଦାହ କରାଯାଇଛି ।

# ବିଦ୍ୟୁତ୍ କାଟ୍‌ରେ ରୋକ ନ ଲାଗିଲେ ଆନ୍ଦୋଳନ

ପାରଳାଖେମୁଣ୍ଡି,୨୦।୬
(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିରେ ଗଜପତି ବିକାଶ ସୁରକ୍ଷା ମଞ୍ଚର ଆବାହକ ଆମୋଦ କୁମାର ବର୍ଦ୍ଧନଙ୍କ ନେତୃତ୍ୱରେ ଗଜପତି ବିକାଶ ସୁରକ୍ଷା ମଞ୍ଚର ସଦସ୍ୟମାନେ ବାରମ୍ବାର ବିଦ୍ୟୁତ୍ କାଟ୍‌ରେ ରୋକ ଲଗାଇବା ପାଇଁ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପଦ୍ମପୁର ବିଭାଗ ତଥା ତାରଙ୍ଗ ଓ ଜିଭା ପଞ୍ଚାୟତ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ବ୍ୟକ୍ତି ଓ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଗଜପତି ବିକାଶ ସୁରକ୍ଷା ମଞ୍ଚର ସଦସ୍ୟମାନେ।

ତେଣୁ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରାଯାଉଛି ଯେ ବାରମ୍ବାର ବିଦ୍ୟୁତ୍ କାଟ ହେବାରେ ରୋକ ଲଗାଇବା ପାଇଁ ଶୀଘ୍ର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ, ନଚେତ ଆଗାମୀ ଦିନରେ ଗଜପତି ଜିଲା ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀ ବାଧ୍ୟ ହୋଇ ଧାରଣା ଦେବେ ବୋଲି ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି ।

# ବାଇକ୍ ଚୋରି ଘଟଣାରେ ୨ ଗିରଫ

ବ୍ରହ୍ମପୁର,୨୦।୬
(ସୁବାସ ଚନ୍ଦ୍ର ପାଢ଼ୀ)

ବାସୁଦେବନଗର ଅଞ୍ଚଳରୁ ୨ ଜଣଙ୍କ ବାଇକ ଚୋରି କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଟାଉନ ଥାନା ମିତ୍ର ସାହିର କାହ୍ନା ମହାଙ୍କୁଡ(୨୨) ଓ ଲୋଚାପଡା ବଢେଇ ଗୋର୍ଜି ବିଶ୍ୱକର୍ମା ସାହିର ସହଦେବ ବେହେରା(୨୦) । ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଲୋଚାପଡା ନିକଟ ବାସୁଦେବନଗର ୧ମ ଗଳିରେ ରହୁଥିବା ମନୋଜ କୁମାର ପଣ୍ଡା ଗତ ୧୭ ତାରିଖରେ ନିଜ ଘର ପାଖରେ ବାଇକ ରଖିଥିଲେ। ତାଙ୍କ ବାଇକ ପାଖରେ ମୁନା ସାହୁ ନାମକ ଜଣେ ବ୍ୟକ୍ତିଙ୍କ ମଧ୍ୟ ବାଇକ ଥିଲା। ହେଲେ ୧୮ ତାରିଖ ସକାଳୁ ଦେଖିବା ବେଳେ ୨ଟି ଯାକ ବାଇକ ଗାଏବ ହୋଇଯାଇଥିଲା। ମନୋଜ ଓ ମୁନା ନିଜ ବାଇକକୁ ଖୋଜାଖୋଜି କରିବା ପରେ ନପାଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଉପରୋକ୍ତ ୨ ଅଭିଯୁକ୍ତଙ୍କ ସଂପୃକ୍ତି ଜଣାପଡିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା ବୋଲି କହିଛି।

# ରାସ୍ତା ଅଧା କରି ଛାଡ଼ିଦେଲା ବିଏମ୍‌ସି


ଅଧପନ୍ତରିଆ କଙ୍କ୍ରିଟ ରାସ୍ତା।

ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୩୦ ନଂ. ୱାର୍ଡ ଅନ୍ତର୍ଗତ ନେହେରୁ ନଗର-୪-ଏ ଅଂଚଳରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଯାତାୟାତ ସୁଗମ କରିବା ଲକ୍ଷ୍ୟରେ ରାସ୍ତାକୁ ଅଧା କଂକ୍ରିଟ କରି ବିଏମସି ଛାଡିଦେଇଛି। ଫଳରେ ୪ ମାସ ହେଲା ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏନେଇ ଅଞ୍ଚଳରେ ଅସନ୍ତୋଷ ବି ବଢୁଛି।

ଭୂତଳ ଜଳସ୍ତର ବୃଦ୍ଧି ଲକ୍ଷ୍ୟରେ ବିଏମସି ପକ୍ଷରୁ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସାହିଗୁଡ଼ିକରେ ପେଭର ରାସ୍ତା ନିର୍ମାଣ କରାଯାଇଛି। ଫୁଟପାଥରେ ବି ପେଭର ପଡ଼ିଛି। କିନ୍ତୁ ପେଭର କେଉଁଠି ଦବି ଯାଉଛି ତ ଆଉ କେଉଁଠି ଖାଲ ହୋଇ ପାଣି ଜମୁଛି। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ପରେ ବି ନିଗମ ପେଭର ରାସ୍ତା ନିର୍ମାଣ ଜାରି ରଖିଛି। ବର୍ତ୍ତମାନ ଅନେକ ସାହିରେ ପେଭର ରାସ୍ତା ପାଇଁ ବିରୋଧ ପରେ ପୂର୍ବ ଭଳି କଙ୍କ୍ରିଟ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ଏହି କଙ୍କ୍ରିଟ ରାସ୍ତା ଦୀର୍ଘ ଦିନ ଧରି ଅଧପନ୍ତରିଆ ଥିବା ନେହେରୁ ନଗର-୪-ଏ ଅଂଚଳରେ ଦେଖାଯାଇଛି। ସାହି ବାସିନ୍ଦାଙ୍କ କହିବା ମୁତାବକ, ଏହି ଅଂଚଳରେ ପ୍ରଥମେ ପେଭର ରାସ୍ତା ପାଇଁ ଯୋଜନା ଥିଲା। କିନ୍ତୁ ଏହା ଠିକ ହେଉନଥିବାରୁ କଙ୍କ୍ରିଟ ରାସ୍ତା ପାଇଁ ଦାବି ହୋଇଥିଲା। କଙ୍କ୍ରିକରଣ ପାଇଁ ରାସ୍ତା ଖୋଳା ଯାଇ ମେଟାଲ ଓ ସିମେଣ୍ଟ ପକାଯାଇ ସମତୁଲ ପରେ କାମ ଆରମ୍ଭ ହୋଇଥିଲା। କିନ୍ତୁ ରାସ୍ତା କାର୍ଯ୍ୟ ଅଧା ସଂପୂର୍ଣ୍ଣ ହେବା ପରେ ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହିଥିଲା। ଫଳରେ ରାସ୍ତାକୁ ପୁଣି ଖୋଳାଯାଇଥିଲା। କିନ୍ତୁ ରାସ୍ତା ଖୋଳା ହେବାର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ମରାମତି ହୋଇନାହିଁ। ଯାତାୟାତରେ ଅସୁବିଧା ହେଉଛି। ରାସ୍ତା ଉପରେ ମେଟାଲ ପଡି ରହିବା କାରଣରୁ ରାତ୍ରିରେ ଯିବା ଆସିବା ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ପାଣି ଜମୁଛି। ୪ ମାସ ହେଲା ସାହିବାସୀ ହଇରାଣ ହରକତ ହେଉଥିଲେ ବି ବିଏମସିର ଦୃଷ୍ଟିନାହିଁ। ଫଳରେ ନିଗମର ଉକ୍ତ ଯୋଜନା ବିଫଳ ହେବାରେ ଲାଗିଥିବା ଏଥିରୁ ସ୍ୱଷ୍ଟ ହେଉଛି। ଅନ୍ୟପଟେ ରାସ୍ତା ଉଚ୍ଚା ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏ ବାବଦରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ କର୍ପୋରେଟର ମମତା ପାତ୍ରଙ୍କୁ ପଚାରିବାରୁ ସମସ୍ୟା ସଂପର୍କରେ ପଚାରି ବୁଝି କହିବି ବୋଲି କହିଛନ୍ତି।

# ଏମ୍‌କେସିଜିରେ ଆର୍‌ଏମ୍‌ଆର୍‌ସି ଟିମ୍

ବ୍ରହ୍ମପୁର, ୨୦।୬ (ସୁବାସ ଚନ୍ଦ୍ର ପାଢ଼ୀ)

## ଡିପ୍‌ଥେରିଆ ରୋଗୀଙ୍କ ନମୁନା ସଂଗ୍ରହ

ଭୁବନେଶ୍ୱରସ୍ଥିତ ଆର୍‌ଏମଆରସି (ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର୍)ର ଏକ ଟିମ୍ ଗୁରୁବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲକୁ ଆସିଥିଲେ। ସେମାନେ ଡିପ୍‌ଥେରିଆ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରିଥିବା ଶିଶୁରୋଗ ବିଭାଗ ମୁଖ୍ୟ ପ୍ରଫେସର ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବର୍ତ୍ତମାନ ଏମ୍‌କେସିଜିରେ ୩ ଶିଶୁ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ଅବସ୍ଥା ଭଲ ଥିବା ପ୍ରଫେସର ବେହେରା କହିଛନ୍ତି। ଦକ୍ଷିଣାଞ୍ଚଳ କୋରାପୁଟ ଓ ରାୟଗଡା ଜିଲାରେ ଡିପ୍‌ଥେରିଆ ବ୍ୟାପିଛି। ଏହା ବାୟୁବାହିତ ରୋଗ ହୋଇଥିବାରୁ ରୋଗୀଙ୍କ ପାଖରେ ରହୁଥିବା ଲୋକେ ସଂକ୍ରମିତ ହେବାର ଭୟ ରହିଛି। ଗତ ୧୨ତାରିଖରୁ ଏ ପର୍ଯ୍ୟନ୍ତ ୫ ଡିପ୍‌ଥେରିଆ ଶିଶୁ ରୋଗୀ ଏମକେସିଜିକୁ ରେଫର୍ ହୋଇ ଆସିଛନ୍ତି। ୧୩ତାରିଖରେ ଜଣେ ୧୨ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ସନ୍ଧ୍ୟାରେ ଆଉ ଜଣେ ନାବାଳକ ରୋଗୀଙ୍କ ମୃତ୍ୟୁ ଘଟିଛି। ଏମ୍‌କେସିଜି ମେଡିକାଲ ଶିଶୁରୋଗ ବିଭାଗ ଅଧୀନରେ ରହିଥିବା ସଙ୍ଗରୋଧ ଗୃହରେ ୩ ଶିଶୁ ରୋଗୀମାନେ ଚିକିତ୍ସାଧୀନ ଅଛନ୍ତି। ୪ଜଣ ଶିଶୁ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ନମୁନା ଡିପ୍‌ଥେରିଆ ପଜିଟିଭ ରହିଥିବା ପ୍ରଫେସର ବେହେରା କହିଛନ୍ତି। ତେବେ ଶିଶୁଙ୍କ ରକ୍ତ ନମୁନାରେ ଡିପଥେରିଆ ସଂକ୍ରମଣର ପରିମାଣ କେତେ ରହିଛି ତାହା ଜାଣିବା ପାଇଁ ଭୁବନେଶ୍ୱର ସ୍ଥିତ ଆର୍‌ଏମଆରସିରେ ପରୀକ୍ଷା ପରେ ସ୍ୱଷ୍ଟ ହେବ। ତେଣୁ ଆର୍‌ଏମଆରସିର ଏକ ଟିମ ଏମକେସିଜି ମେଡିକାଲର ମାଇକ୍ରୋବାୟୋଲୋଜି ବିଭାଗରୁ ୪ଜଣ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ଏହା ସହିତ କେଉଁ କାରଣରୁ ଶିଶୁମାନେ ଡିପ୍‌ଥେରିଆରେ ପୀଡିତ ହେଲେ ତାହା ପରୀକ୍ଷା ପରେ ସ୍ୱଷ୍ଟ ହେବ।

# ବିପଦକୁ ଡାକୁଛି ରାସ୍ତା ଉପରେ ନଳକୂପ

ବୁଗୁଡ଼ା,୨୦।୬(କାଳିଚରଣ ଦାଶ)

ବୁଗୁଡା ବ୍ଲକ କୁଆଁନଳା ଗାଁ ଛକ ନିକଟରେ ରାସ୍ତା ଉପରେ ଏକ ନଳକୂପ ରହିଛି। ବୁଗୁଡା-ପୋଲସରା ମୁଖ୍ୟ ରାସ୍ତାରେ ଥିବା ଏହି ନଳକୂପ ବିପଦକୁ ଡାକୁଛି। ଅନ୍ଧାର ରାତିରେ ସାଇକେଲ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖୁଛନ୍ତି। ବୁଗୁଡ଼ା ଅଭିମୁଖେ ଆସୁଥିବା ଯାନବାହାନ ସାମାନ୍ୟ ଭାରସାମ୍ୟ ହରାଇଲେ ଦୁର୍ଘଟଣା ନିଶ୍ଚିତ। ଏପରିକି ବିଗତ ଦିନଗୁଡ଼ିକରେ ମଧ୍ୟ ଛୋଟ ଛୋଟ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହୋଇଥିବା ନଜିର ରହିଛି। ତେଣୁ, ରାସ୍ତା ଉପରୁ ଉକ୍ତ ନଳକୂପଟିକୁ ତୁରନ୍ତ ହଟାଇବା ନିମନ୍ତେ ପ୍ରଶାସନିକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



# ସୂଚନା କର୍ମୀ ହତ୍ୟା ମାମଲାରେ ୨ ଗିରଫ, ୩ ଫେରାର

ବାଲିଗୁଡ଼ା,୨୦।୬
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାର ବହୁ ଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲାରେ ପୁଣି ୨ଜଣ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲିଗୁଡ଼ାର ଶ୍ୟାମସୁନ୍ଦର ପାତ୍ର ଓ ବିଶ୍ୱନାଥ ପାତ୍ର। ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଅନ୍ନଦା ପ୍ରସାଦ ଆଚାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଜଣାପଡ଼ିଛି। ୨୦୧୯ ଡିସେମ୍ବର ୧୦ ତାରିଖରେ ବାଲିଗୁଡ଼ା ଅଞ୍ଚଳର ଜଣାଶୁଣା ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବା ବେଳେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ଏ ନେଇ ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ପୋଲିସ ନଂ. ୧୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡକୁ ଗଞ୍ଜାମ ଜିଲା ଆସିକାରୁ ଗିରଫ କରାଯିବା ସହିତ ସମୁଦାୟ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ। ତେବେ ଉପରୋକ୍ତ ଅଭିଯୁକ୍ତ ମାନଙ୍କ ନାମ ଏତାଲାରେ ଥିଲେ ମଧ୍ୟ ପୋଲିସ ସେମାନଙ୍କ ନାମକୁ ଚାର୍ଜସିଟରୁ ବାଦ ଦେଇଥିଲା । ପରେ ବ୍ରହ୍ମପୁର ସେସନ୍ସ ଜଜଙ୍କ ଅଦାଲତରେ ଘଟଣାର ଶୁଣାଣି ବେଳେ ସାକ୍ଷୀ ମାନଙ୍କ ବୟାନକୁ ନେଇ ହତ୍ୟା ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିବା ଅନୁଭବ କରି ଏମାନଙ୍କୁ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଭିଯୁକ୍ତମାନେ ଅଦାଲତରେ ହାଜର ହୋଇନଥିଲେ। ପରେ ଅଭିଯୁକ୍ତ ଅନ୍ନଦା ଉଚ୍ଚ ନ୍ୟାୟାଳୟରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିଲେ। ତେବେ ଉଚ୍ଚ ଅଦାଲତ ଏହାର ବିଚାର କରି ଆବେଦନ ଖାରଜ କରିଛି। କୋର୍ଟର ଆଦେଶକୁ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ୱାରେଣ୍ଟ ବଳରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ବାବା ଆଖଣ୍ଡଳମଣିଙ୍କ ବାର୍ଷିକୋତ୍ସବ ଉଦଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

ରମ୍ଭା,୧୯।୬(ବନବାସୀ ସେଠୀ)

ମିଞ୍ଜିଣିପାଟଣା ବାବା ଆଖଣ୍ଡଳମଣିଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହରି ନାମଯଜ୍ଞ ପଣ୍ଡିତ ଅଶୋକ କୁମାର ଶତପଥୀଙ୍କ ପୌରହିତ୍ୟରେ ଉଦଯାପିତ ହୋଇଯାଇଛି। କର୍ତ୍ତା ଭାବେ ଜେ. ଗଙ୍ଗାଧର ପାତ୍ର, ତାଙ୍କ ସହଧର୍ମିଣୀ ଜେ. ସୁଭଦ୍ରା ପାତ୍ର, ଏ ମୋଚିରାମ ପାତ୍ର, ସହଧର୍ମିଣୀ ଏ ସୀତାମା ପାତ୍ର ରହିଥିଲେ। ମହନ୍ତ ହରମୋହନ ଦାସ ରହିଥିବା ବେଳେ ପୁରୋହିତ ପଣ୍ଡିତ ଜଗନ୍ନାଥ ଦାଶ, ପ୍ରତାପ ତ୍ରିପାଠୀ ସହଯୋଗୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଶେଷଦିନ ଦହି ହାଣ୍ଡି ଭଙ୍ଗା, ନଗର ପରିକ୍ରମା, ଯମୁନା ସ୍ନାନ ସହ ବହୁ ଭକ୍ତଙ୍କ ମେଳିରେ ପ୍ରସାଦ ସେବନ ହୋଇଥିଲା। କାର୍ଯ୍ୟକ୍ରମରେ ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଉପ ନଗରପାଳ କାଳିଆ ତରେଇ, ମଣ୍ଡଳ ସଭାପତି ସୀମାଞ୍ଚଳ ବାଡ଼ତୀୟା, ସୁଦର୍ଶନ ସେନାପତି, ରମେଶ ବେହେରା,ବିବେକାନନ୍ଦ ପଟ୍ଟନାୟକ, ପିଙ୍କୁ ଗୌଡ଼ ପ୍ରମୁଖ ସାମିଲ ହୋଇଥିଲେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ମିଞ୍ଜିଣିପାଟଣା ଗ୍ରାମ୍ୟ କମିଟି ସଭାପତି ଆର.ସୋମନାଥ ରେଡି, ଉପସଭାପତି ଏସ ସାକିଲ ପାତ୍ର, ସମ୍ପାଦକ ବି ଦଣ୍ଡପାଣି ପାତ୍ର, ସହ ସମ୍ପାଦକ ଏସ ଗଙ୍ଗାଧର ପାତ୍ର, କୋଷାଧ୍ୟକ୍ଷ ଜେ ଲୋକନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ଗୁରୁବାର ମାନସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଟିନାରୀ ଶ୍ୟାମ ମୂର୍ତ୍ତି ଅଧ୍ୟକ୍ଷତା କରିଥିଲେ। ସଂଘ ସଂପାଦକ ଲକ୍ଷ୍ମୀ ଚରଣ ଦାଶ ଗତ ମାସର ନିର୍ଦ୍ଧାରିତ ପ୍ରସ୍ତାବ ପାଠ କରିଥିଲେ। ଏଥିସହ ସଂଘର ଆୟ ବ୍ୟୟର ହିସାବ ବିବରଣୀ ସଭାପତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇ ସର୍ବ ସମ୍ମତିକ୍ରମେ ମଞ୍ଜୁର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପସଭାପତି ସୀମାଞ୍ଚଳ ବେହେରା ଓ ନୀଳମ୍ବର ସାହୁ, ଯୁଗ୍ମ ସଂପାଦକ ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜନ୍ମଦିନରେ ସାଙ୍ଗଙ୍କ ସହ ମିଶି ରକ୍ତଦାନ



ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଞ୍ଜନଗର,୨୦।୬(ବାବୁଲା ପ୍ରଧାନ)

ସୋରଡ଼ା ବ୍ଲକ ଖପରାଗଣ୍ଡା ଗ୍ରାମର ସାମାଜିକ କର୍ମୀ ସୁଧୀର କୁମାର ପ୍ରଧାନ ଗୁରୁବାର ନିଜର ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ସୁଧୀର ଏବଂ ତାଙ୍କର ସାଙ୍ଗମାନେ ମିଶି ଭଞ୍ଜନଗର ବ୍ଲଡ ବ୍ୟାଙ୍କରେ ପହଞ୍ଚି ରକ୍ତଦାନ କରିଥିଲେ। ଗ୍ରାମର ସୁଦାମ ଭୂୟାଁ, ଟୁଟୁ ପ୍ରଧାନ ଏବଂ ସୁମିତ୍ରା ପ୍ରଧାନ ପ୍ରମୁଖ ପ୍ରଥମ ଥର ରକ୍ତଦାନ କରି ଖୁସି ବ୍ୟକ୍ତ କରିଛନ୍ତି। ଭଞ୍ଜନଗର ରକ୍ତଭଣ୍ଡାର କର୍ମଚାରୀ ଅବିନାଶ ପ୍ରଧାନ, ନାରାୟଣ ବେହେରା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସୁଧୀର ଆଗାମୀ ଦିନରେ ଗ୍ରାମରେ ରକ୍ତଦାନ ଶିବିର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ମଦ ଜବତ, ପୋଚ ନଷ୍ଟ: ୨ ଗିରଫ

ବୁଗୁଡା,୨୦।୬(କାଳିଚରଣ ଦାଶ)

ବୁଗୁଡ଼ା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪,୮୦୦ ଲିଟର ପୋଚ ନଷ୍ଟ କରାଯିବା ସହ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଶ୍ରୀକରପୁର ଗ୍ରାମର ବୁଲୁ ବିଷୋୟୀ ଓ ଆସିକା ଥାନା ଅନ୍ତର୍ଗତ କାଳକ୍ଷଣ୍ଡପୁର ଗାଁର ସୁବାସ ନାୟକ। ଏ ନେଇ ବୁଗୁଡା ଅବକାରୀ ଥାନାରେ ପୃଥକ ୨ ମାମଲା (ନଂ ୧୩୨/୨୪-୨୫ ଓ ୧୩୩/୨୪-୨୫) ରୁଜୁ କରାଯାଇଥିବା ଥାନାଧିକାରୀ ମୋଜି ଶବର କହିଛନ୍ତି। ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ବେଲଗୁଣ୍ଠା ଅଞ୍ଚଳର ନଈକୂଳିଆ ଗ୍ରାମ ନୂଆଗାଁର ମହାନ୍ତି ସାହି ଓ ଉଡ୍ରା ଗାଁର ହରିଜନ ବସ୍ତିରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ନେଇ ବୁଗୁଡା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ବେଲଗୁଣ୍ଠା ପୋଲିସ ଓ ଭଞ୍ଜନଗର ଅବକାରୀ ପୋଲିସ ସହାୟତାରେ ଗୁରୁବାର ସେଠାରେ ଚଢ଼ାଉ କରାଯାଇଥିଲା।

# ବଜ୍ରପାତରେ ଜଣେ ମୃତ | ସମବେଦନା ଜଣାଇଲେ ମନ୍ତ୍ରୀ, ଏମ୍‌ପି

ପୋଲସରା,୨୦।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ପଞ୍ଚାୟତ ଡଙ୍ଗୋରୀ ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଛାଇ ଗ୍ରାମର ସନ୍ତୋଷ ପ୍ରଧାନ (୫୦)। ସନ୍ତୋଷ ସନ୍ଧ୍ୟାରେ ନିଜ ଚାଷ ଜମିରେ କାମ କରୁଥିବା ବେଳେ ହଠାତ୍ ବର୍ଷା ପବନ ଆସିଥିଲା। ଏହି ସମୟରେ ବଜ୍ରପାତ ହେବାରୁ ସନ୍ତୋଷ ଚାଷ ଜମିରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରିଥଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲସରା ବିଧାୟକ ତଥା ରାଜ୍ୟ ମତ୍ସ୍ୟ, ପଶୁ ସମ୍ପଦ ବିକାଶ ଓ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ୍ ସହାୟତା ପ୍ରଦାନ କରିଛନ୍ତ। ତହସିଲଦାରଙ୍କୁ ମଧ୍ୟ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରିବାକୁ ଫୋନ୍ ମାଧ୍ୟମରେ କହିଥିଲେ। ପରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନି ପଟ୍ଟନାୟକ ପହଞ୍ଚି ସମବେଦନା ଜଣାଇଛନ୍ତି। ସେଠାରେ ଘୁମୁସର ସାଂଗଠାନିକ ଜିଲା ଉପ ସଭାପତି ପ୍ରଭାକର ପଣ୍ଡା, ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଯୁବନେତା ମନୋଜ କୁମାର ଖଟୁଆ ଉପସ୍ଥିତ ରହି ଦୁଃଖ ପ୍ରକାଶ କରିଥିଲେ।

# ଗହଣ ଦଳ ପକ୍ଷରୁ ବ୍ରହ୍ମ ଏକାକ୍ଷର ମେଳା

ବାଲିପଦର/ବୁଗୁଡ଼ା,୨୦।୬
(ବିଶିକେଶନ ସ୍ୱାଇଁ/କାଳିଚରଣ ଦାଶ)

ସନାତନ ଧର୍ମଭିତ୍ତିକ ଆଧ୍ୟାତ୍ମିକ ତତ୍ତ୍ୱ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରବଚନ କାର୍ଯ୍ୟକ୍ରମ ଅନ୍ତରପଡା ନିକଟ କଞ୍ଚୁରୁ-ପାଟଣାସ୍ଥିତ ଶ୍ରୀନୃସିଂହନାଥ ସ୍ୱାମୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗହଣଦଳ ଗଞ୍ଜା-ବ୍ରହ୍ମପୁର ମଣ୍ଡଳ (ଉତ୍ତର ଇଲାକା) ପକ୍ଷରୁ କଳ୍କୀ ସେନାବାହିନୀର ସେନାପତି ସର୍ଦ୍ଦାର ଲିଙ୍ଗରାଜ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ରବୀନ୍ଦ୍ର ବରାଡ, ଭିମ ପାତ୍ର, ଖଲି ଗୌଡ, ଶିଶିର କାନ୍ତ ନାୟକ ଯୋଗଦେଇ ପଞ୍ଚଦଶ ଶତାବ୍ଦୀର ସାଧୁସନ୍ଥଙ୍କ ଅମୂଲ୍ୟ ଆଧ୍ୟାତ୍ମିକ ଗ୍ରନ୍ଥର ଲିଖିତ ତତ୍ତ୍ୱକୁ ପର୍ଯ୍ୟାଲୋଚନା କରି ବ୍ରହ୍ମ ଏକାକ୍ଷର ମେଳା ସମାଜର ବିପଥଗାମୀ ମଣିଷକୁ ସତ୍ ମାର୍ଗରେ ପରିଚାଳିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଲିପଦର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଇଂ. ବିପ୍ର ଚରଣ ପାତ୍ର, ଡି.ଗୋପାଳ କୃଷ୍ଣ ଆଚାରୀ, ବାଲିପଦର କଲେଜର ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ର, ଭଞ୍ଜମାଟି ସମ୍ପାଦକ କାମରାଜୁ ସାହାଣୀ, ସାହିତ୍ୟିକ ରାମେଶ୍ୱର ପଟ୍ଟନାୟକ, ସଭାପତି ସ୍ନେହଲତା ବିଷୋୟୀ, ଡି.ପ୍ରଜ୍ଞାଶ୍ରୀ ଆଚାରୀ, ଡକ୍ଟର ବ୍ରଜକିଶୋର ପାଢ଼ୀ, ରବିନାରାୟଣ ପଟ୍ଟନାୟକ, ସୁରେନ୍ଦ୍ରନାଥ ପ୍ରଧାନଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରବଚନ ଶ୍ରବଣ କରିଥିଲେ। ଟ୍ରଷ୍ଟି ସୁଶାନ୍ତ କୁମାର ଆପଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରବଚକ।

# ଅସୁସ୍ଥ ଯବାନଙ୍କ ମୃତ୍ୟୁ

ଗୋପାଳପୁର,୨୦।୬
(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ଗୋଳାବନ୍ଧ ସ୍ଥିତ ଆର୍ମି ଏଡ଼ି କଲେଜ ପରିସର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯବାନ ତାମିଲନାଡୁର ରାଜ୍ୟ ତୁତୁକୁଡ଼ି ଜିଲ୍ଲାର ରାଜାରାମ କେ (୪୨)ଙ୍କ ମୃତ୍ୟୁ ଘଟିଛି। ରାଜାରାମ ରାଜସ୍ଥାନ ଆର୍ମି ରେଜିମେଣ୍ଟରେ କିରାଣି ଭାବେ କାର୍ଯ୍ୟରତ ଥିଲେ। ସେ କିଛି ଦିନ ହେଲା ବକ୍ସିପଲ୍ଲୀରେ ରହୁଥିବା ତାଙ୍କ ସ୍ତ୍ରୀ ପାଖକୁ ଆସିଥିଲେ। ଗତ ସୋମବାର ଅସୁସ୍ଥତାରୁ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୋଳାବନ୍ଧ ଆର୍ମିଏଡ଼ି କଲେଜ ପରିସରରେ ଥିବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୃତ୍ୟୁ ଖବର ପାଇ ପୋଲିସ ଆର୍ମି ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ପରେ ସ୍ୱତନ୍ତ୍ର ଗାଡ଼ି କରି ମୃତଦେହକୁ ପରିବାର ଲୋକେ ନିଜ ଗ୍ରାମକୁ ନେଇଛନ୍ତି।

# ବାରମ୍ବାର ନୋଟିସ ପରେ ବି ହାଜର ହେଲେନି ଆଇଓ

ବ୍ରହ୍ମପୁର,୨୦।୬ (ସୁବାସ ଚନ୍ଦ୍ର ପାଢ଼ୀ)

## ସୌରା ପାହାଡ଼ ଡବଲ ମର୍ଡର ମାମଲା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ପାଳଝାଡ଼ି ଗ୍ରାମର ବିଜେଡି ନେତା ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କୁ ୨୦୨୨ ଏପ୍ରିଲ ୨୩ ତାରିଖରେ ସୌରା ପାହାଡ଼ ନିକଟରେ ସଂଘବଦ୍ଧ ଭାବେ ହତ୍ୟା ହୋଇଥିଲା। ଉକ୍ତ ଡବଲ ମର୍ଡର ମାମଲା ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍ -୩ କୋର୍ଟରେ ବିଚାରଣା ଚାଲିଛି। ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଥିବା ବେଳେ କେବଳ ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କ ବୟାନ ବାକି ରହିଛି। ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ବସନ୍ତ ସେଠୀଙ୍କୁ କୋର୍ଟ ବାରମ୍ବାର ନୋଟିସ କରିବା ପରେ ବି ସେ କୋର୍ଟରେ ହାଜର ହେଉନାହାନ୍ତି। ଗତ ଏପ୍ରିଲ ୧୯ ଓ ୨୦ ଦୁଇଦିନ ସେ କୋର୍ଟରେ ହାଜର ହୋଇ ବୟାନ ଦେବାକୁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ସେ କୋର୍ଟରେ ହାଜର ହୋଇନଥିଲେ। କୋର୍ଟ ପୁଣି ଗତ ମଇ ୬, ୭, ୨୭ ଓ ୨୮ ଏପରି ୪ ଦିନ ଦିନ ଧାର୍ଯ୍ୟ କରିଥିଲେ। ହେଲେ ସେ କୋର୍ଟରେ ବିଭିନ୍ନ କାମ ଥିବା ଦର୍ଶାଇ କୋର୍ଟରେ ହାଜର ହୋଇନଥିଲେ। ସେହିପରି ଜୁଲାଇ ୨୦ ତାରିଖ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସେ କୋର୍ଟରେ ହାଜର ହୋଇନାହାନ୍ତି। ଏଥିରେ କୋର୍ଟ କ୍ଷୁବ୍ଧ ହୋଇଥିବା ଜଣାପଡିଛି। ସେହିପରି ଆସନ୍ତା ଜୁଲାଇ ୯ ତାରିଖରେ ଆଇଓଙ୍କୁ କୋର୍ଟରେ ହାଜର ପାଇଁ ନୋଟିସ ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି। ସେପଟେ ମମାଲ ଶୁଣାଣିର ତାରିଖ ପରେ ତାରିଖ ଗଡିଚାଲୁଥିବା ବେଳେ ରାୟ ପ୍ରକାଶରେ ଅହେତୁକ ବିଳମ୍ବ ଘଟୁଛି। ଫଳରେ ହତ୍ୟାର ଶିକାର ହୋଇଥିବା ପରିବାର ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଉକ୍ତ ଗ୍ରାମର ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କ ବିରୋଧ ଯୋଗୁଁ ତାଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ ବୋଲି ସେ ସନ୍ଦେହ କରିଥିଲେ। ଉଭୟଙ୍କୁ ହତ୍ୟା କରିବା ପାଇଁ ସେ କେତେକ ସୁପାରି କିଲର ସହାୟତା ନେଇ ସେମାନଙ୍କୁ ହତ୍ୟା କରାଯାଇଥିଲା। ମୃତ ସୁଦର୍ଶନ ଙ୍କ ସ୍ତ୍ରୀ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୫/୨୩ ରେ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ , ସୁମନ୍ତ ନାହାକ, କୃଷ୍ଣଚନ୍ଦ୍ର ଗୌଡ଼, ବସନ୍ତ କୁମାର ଗୌଡ଼, ସିଦ୍ଧାନ୍ତ ଗୌଡ଼, ସନ୍ତୋଷ କୁମାର ପ୍ରଧାନ, ଚମାଖଣ୍ଡି ଥାନା ଜଗନ୍ନାଥପୁରର ବି. ଦେବରାଜ ରେଡ୍ଡୀ, ସଦର ଥାନା ଲାଠୀ ଗ୍ରାମର କୁନା ଗୌଡ଼ ଓ କୁକୁ ବୁଢୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଏଯାବତ ଉପରୋକ୍ତ ଅଭିଯୁକ୍ତ ମାନେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

# ପରାଜୟ ପାଇଁ ଦଳୀୟ ଗୋଷ୍ଠୀ କନ୍ଦଳ ଦାୟୀ



ବୈଠକରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀ।

## କୋରେଇ ବିଜେଡିର ସମୀକ୍ଷା ବୈଠକ

ରସୁଲପୁର,୨୦।୬(ରଞ୍ଜିତ ରାଉତ)

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଜେଡିର ଛାମୁଆ କର୍ମୀଙ୍କୁ ନେଇ ଗୁରୁବାର କୁଆଖିଆ ଏସ୍‌କେ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣ ନିର୍ବାଚନରେ କୋରେଇ ବିଜେଡି ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ପରାଜୟ ବରଣ କରିଛନ୍ତି। ନିର୍ବାଚନ ଫଳ ପ୍ରକାଶର ୧୫ଦିନ ପରେ ଦଳ ପକ୍ଷରୁ ପ୍ରଥମଥର ପାଇଁ ବୈଠକ କରାଯାଇଛି। ପରାଜୟର କାରଣ ପାଇଁ ଦଳୀୟ ଗୋଷ୍ଠୀ କନ୍ଦଳକୁ ଦାୟୀ କରାଯାଇଛି। ଆଗକୁ ଭାଜପାର ସାଂଗଠନିକ ସ୍ଥିତିକୁ କିପରି ବଳ ନ ମିଳିବ, ସେଥିପ୍ରତି ଦଳର ପ୍ରତିଟି କର୍ମୀ ଧ୍ୟାନ ଦେବାକୁ ଆହ୍ୱାନ ଦିଆଯାଇଛି।

ଉକ୍ତ ୯ ପଞ୍ଚାୟତରେ ସମସ୍ୟା, ସାଂଗଠନିକ ସ୍ଥିତି ସଜାଡ଼ିବା, ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆସନ୍ତା ଦିନରେ ସମସ୍ତ ନିର୍ବାଚନକୁ ସଫଳତାର ସହ ସମ୍ମୁଖୀନ ହେବା ପାଇଁ ଯାହାସବୁ ପଦକ୍ଷେପ ଆବଶ୍ୟକ ତାର ଦାୟିତ୍ୱ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନେବେ ବୋଲି ବୈଠକରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଣବଙ୍କ ସାନଭାଇ ଭବପ୍ରକାଶ ଦାସ ଏକଥା ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ଦିନରେ ପଞ୍ଚାୟତୱାରୀ ରହିଆସୁଥିବା ସମସ୍ୟାକୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ। କୁଆଖିଆ ବଜାରରେ ଦଳୀୟ କାର୍ଯ୍ୟାଳୟ ଖୋଲାଯିବା ସହ ପ୍ରତ୍ୟେକ ସପ୍ତାହରେ ବିଭିନ୍ନ ପଞ୍ଚାୟତର ସମସ୍ୟାକୁ ନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ବ୍ଲକ, ତହସିଲ, ଥାନା ଆଦି କାର୍ଯ୍ୟାଳୟରେ ବିଭିନ୍ନ ସମସ୍ୟାକୁ କିଭଳି ସୂଚାରୁରୂପେ ନିର୍ବାହ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦାସ ପ୍ରକାଶ କରିଛନ୍ତି। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ବିଜେଡି ସମର୍ଥିତ ହୋଇଥିବାରୁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବୈଠକରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ନିବେଦନ କରିଛନ୍ତି। ବୈଠକରେ ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ବିଜେଡି ନେତା ଆଲେକଜାଣ୍ଡର ଦାସ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ଛାତ୍ର ବିଜେଡି ସଭାପତି ଚନ୍ଦ୍ରଶେଖର ସାମଲ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦାସ ଓ ପରମାନନ୍ଦ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବନେତା ପ୍ରଶାନ୍ତ ପଣ୍ଡା ବୈଠକ ପରିଚାଳନା କରିଥିଲେ।

# 'ବାଚସ୍ପତି ହେବି ବୋଲି କେବେ କଳ୍ପନା କରି ନ ଥିଲି'

## ସୁରମା ପାଢ଼ୀ ବାଚସ୍ପତି

ଭୁବନେଶ୍ୱର,୨୦।୬(ଅନିଲ ଦାସ)

ରଣପୁର ବିଧାୟିକା ସୁରମା ପାଢ଼ୀ ଗୁରୁବାର ସପ୍ତଦଶ ବିଧାନସଭାର ବାଚସ୍ପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ସେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବାଚସ୍ପତି ନିର୍ବାଚନ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗୃହରେ ଏକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଏ ନେଇ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ବାଚନିକ ମତରେ ଗୃହୀତ ହୋଇଥିଲା। କାମଚଳା ବାଚସ୍ପତି ସୁରମା ପାଢ଼ୀଙ୍କୁ ଆନୁଷ୍ଠାନିକ ଭାବେ ବିଧାନସଭାର ବାଚସ୍ପତି ଭାବେ ଘୋଷଣା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ତାଙ୍କୁ ବାଚସ୍ପତିଙ୍କ ଆସନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଗୃହର ପରମ୍ପରା ଅନୁଯାୟୀ ସୁରମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ଦଳ ନେତା ତାରା ପ୍ରସାଦ ବାହିନୀପତି, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ କଂଗ୍ରେସ, ଭାଜପା ଓ ବିଜେଡିର ନେତାମାନେ ବାଚସ୍ପତିଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ।

ନୂଆ ବାଚସ୍ପତିଙ୍କୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ପ୍ରଭାତୀ ପରିଡ଼ା ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ, ସିପିଆଇ(ଏମ୍) ସଦସ୍ୟ ଏବଂ ବିଜେଡି ବିଧାୟକମାନେ ମଧ୍ୟ ନୂଆ ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ଗୃହର ନେତା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଚସ୍ପତି ଏ ପବିତ୍ର ଗୃହର ଗରିମା,ପଦମର୍ଯ୍ୟାଦା ରଖିବା ସହ ନିରପେକ୍ଷ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଆଶା। ଓଡ଼ିଶାର ବିକାଶ ଆମ ସମସ୍ତଙ୍କ ଲକ୍ଷ୍ୟ। ଆମେ ସମସ୍ତେ ବାଚସ୍ପତିଙ୍କୁ ସହଯୋଗ କରିବା ଓ ଗୃହର ପଦମର୍ଯ୍ୟାଦା ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ୨ ଉପ ମୁଖ୍ୟମନ୍ତ୍ରୀ ମଧ୍ୟ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଅଭିଜ୍ଞତାକୁ ଭିତ୍ତିକରି ଗୃହକୁ ଠିକ୍ ଭାବେ ଚଳାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ନିଜର ଦାୟିତ୍ୱକୁ ଉତ୍ତମ ରୂପେ ସମ୍ପାଦନ କରିବେ ବୋଲି ଆଶାପ୍ରକଟ କରିଛନ୍ତି। ସେହିପରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଗୃହର ପରମ୍ପରା ଓ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ପଦର ସଦ୍‌ବ୍ୟବହାର କରିବେ ବୋଲି କହିଛନ୍ତି। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ନୂଆ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ଅଭିଜ୍ଞତାକୁ ଉପଯୋଗ କରି ଏ ଗୃହର ଗରିମା ରକ୍ଷା କରିବେ ବୋଲି କହିଛନ୍ତି।

ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସୁରମା କହିଛନ୍ତି ଯେ ସେ ଜଣେ ସାଧାରଣ ପରିବାରର ଝିଅ। ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରିବା ଅବସରରେ ଏହି ପଦରେ ବସିବେ ବୋଲି ସେ କେବେ କଳ୍ପନା କରି ନ ଥିଲେ। ଏହା କହିବା ବେଳକୁ କଣ୍ଠରୋଧ ହୋଇଯାଉଛି। ଗୃହର ପଦମର୍ଯ୍ୟାଦା, ଗରିମା ରକ୍ଷା କରିବା ସହ ନିରପେକ୍ଷତା ଅବଲମ୍ବନ କରିବେ ସେ ବୋଲି କହିଛନ୍ତି। ଗୃହ ପରିଚାଳନା ପାଇଁ ସେ ସବୁ ଦଳର ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

ବୁଧବାର ବାଚସ୍ପତି ନିର୍ବାଚନ ପାଇଁ ସୁରମା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କୁ ନିୟମିତ ତାଲିମ,ବୀମା ସୁବିଧା ଯୋଗାଇଦିଅ: ଉପମୁଖ୍ୟମନ୍ତ୍ରୀ



ମହିଳା ଶିଶୁ ବିକାଶ ବିଭାଗ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଭୁବନେଶ୍ୱର,୨୦।୬(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଶିଶୁ ବିକାଶ ବିଭାଗ ପରିଦର୍ଶନକରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗୀୟ କାର୍ଯ୍ୟର ସଫଳତା, ଯୋଜନା ଓ ଆହ୍ୱାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତୃଣମୂଳସ୍ତରର ସମସ୍ୟା ପୁଙ୍ଖାନୁପୁଙ୍ଖ ଭାବେ ବୁଝିବା ସହ ବିଭିନ୍ନ ବିଭାଗର ସହଭାଗିତାରେ ସମସ୍ୟାର ସମାଧାନ ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ସେନେଇ ଆଲୋଚନା କରିଛନ୍ତି। ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ଅଙ୍ଗନୱାଡି କର୍ମୀଙ୍କୁ ନିୟମିତ ତାଲିମ ଓ ବୀମା ସୁବିଧା ଯୋଗାଇଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡିରେ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତିକୁ ନିୟମିତ ଯାଞ୍ଚ କରିବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା 'ଯୋଗ'କୁ ମହିଳାମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ମହିଳା ହେଲ୍‌ପଲାଇନର କାର୍ଯ୍ୟକାରିତାକୁ ଯାଞ୍ଚ କରିଛନ୍ତି। କର୍ମଜୀବୀ ମହିଳା ହଷ୍ଟେଲର ସଂଖ୍ୟାକୁ ତ୍ୱରାନ୍ୱିତକରି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କ୍ରେଚ୍‌ର ସୁବିଧା ଯୋଗାଇଦେବାକୁ ସେ ପରାମର୍ଶ ଦେଇଛନ୍ତି। ସୁଭଦ୍ରା ଯୋଜନାରେ ମାର୍ଗଦର୍ଶିକା ପ୍ରସ୍ତୁତକରି ୧୦୦ ଦିନରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗଦେବେ କନକବର୍ଦ୍ଧନ



ନୂଆଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକ ବସିବା ପୂର୍ବରୁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ।

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜ୍ୟ ଅର୍ଥମନ୍ତ୍ରୀଙ୍କର ପ୍ରାକ୍ ବଜେଟ ଓ ଜିଏସ୍‌ଟି କାଉନସିଲ ବୈଠକରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ତାଙ୍କ ପରାମର୍ଶ ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଏହି ବୈଠକରେ ଯୋଗଦେବେ। ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏହି ବୈଠକ ହେବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ନୂଆଦିଲ୍ଲୀରେ ବୈଠକ ବସିବା ପୂର୍ବରୁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

# ନବନିର୍ବାଚିତ ବାଚସ୍ପତିଙ୍କୁ ଭାଜପା ରାଜ୍ୟ ସଭାପତିଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୦।୬(ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିଛି। ବିଧାନସଭାରେ ବରିଷ୍ଠ ନେତ୍ରୀ ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଗୁରୁବାର ସର୍ବସମ୍ମତିକ୍ରମେ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି । ଭାଜପା ବିଧାନସଭାରେ ପ୍ରଥମ ଥର ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଏହି ଅବସରରେ ଦଳ ତରଫରୁ ଜଣେ ମହିଳାଙ୍କୁ ବାଚସ୍ପତି ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଦିଆଯାଇଥିଲା। ତେଣୁ ରାଜ୍ୟ ସଭାପତି ମନମୋହନ ସାମଲ ନବନିର୍ବାଚିତ ବାଚସ୍ପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଭୁବନେଶ୍ୱରରେ ଜଳ ନିଷ୍କାସନ ସମସ୍ୟା ଦୂର କର: ମନ୍ତ୍ରୀ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)



ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ବର୍ଷାଋତୁରେ ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ କୃତ୍ରିମ ବନ୍ୟାକୁ ପ୍ରତିହତ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ସମୟରେ ମନ୍ତ୍ରୀ ମହାପାତ୍ର ଏହି ମର୍ମରେ ସହରାଞ୍ଚଳ ବିକାଶ ଉପରେ ପ୍ରାଥମିକତା ଦେବାକୁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବର୍ଷାଋତୁରେ ଭୁବନେଶ୍ୱର ପରି ସହରରେ ପାଣି ଜମିବା, ଜଳ ନିଷ୍କାସନରେ ଅବ୍ୟବସ୍ଥା ପରି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଦୂରକରିବା ଦରକାର। ସହରାଞ୍ଚଳରେ ବର୍ଷା/ବନ୍ୟା ଜଳ ପରିଚାଳନା ସମ୍ପର୍କରେ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇ ରାଜ୍ୟର ସମସ୍ତ ପୌର ଅଧିକାରୀଙ୍କୁ କଡ଼ାକଡ଼ି ଅନୁପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି। ସମ୍ପ୍ରତି ସମ୍ବଲପୁରରେ କାମଳ ରୋଗ ଦେଖାଦେଇଥିବା ପରିପ୍ରେକ୍ଷୀରେ ସେଠାକାର ପାନୀୟ ଜଳର ଗୁଣବତ୍ତା ଆଦି ସମ୍ପର୍କରେ ତଦନ୍ତ କରିବାକୁ ୱାଟ୍‌କୋର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ବିକଶିତ ଓଡ଼ିଶା ପାଇଁ ମଧ୍ୟ ସହରାଞ୍ଚଳ ବିକାଶ ତାତ୍ପର୍ଯ୍ୟପୂର୍ଣ୍ଣ। ତେଣୁ ରାଜ୍ୟର ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ନିଗମ ଓ ମହାନଗର ନିଗମଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ହେବ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ମଡେଲ ଭାବରେ ଗଢି ତୋଳିବା ସହ ସମଗ୍ର ରାଜ୍ୟର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ଓ ପାର୍ଶ୍ୱାଞ୍ଚଳ ଉନ୍ନତି ଉପରେ ଧ୍ୟାନଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିକାଶମୂଳକ କାର୍ଯ୍ୟ ସହ ଜନସାଧାରଣଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଅଯଥା ବ୍ୟୟ ନ କରି ଯଥାର୍ଥ ଭାବେ ଅର୍ଥବ୍ୟୟ କରାଯିବ। ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ ହେବ। ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ 'ସହରାଞ୍ଚଳ ବିକାଶରେ ସଫଳ ଯାତ୍ରା' ସମ୍ପର୍କରେ ଉପସ୍ଥାପନା କରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାର ବିବରଣୀ ଦେଇଛନ୍ତି।

# କେନ୍ଦ୍ରୀୟ ପର୍ଯ୍ୟଟନ ଯୋଜନା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

## ପର୍ଯ୍ୟଟନ ବିଭାଗର କାର୍ଯ୍ୟଧାରା ସମୀକ୍ଷା କଲେ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୨୦।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ପର୍ଯ୍ୟଟନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ପହଞ୍ଚିବା ପରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସହ ଅନ୍ୟ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଶ୍ରୀଜଗନ୍ନାଥଙ୍କ ପଟଚିତ୍ର ଦେଇ ସ୍ୱାଗତ କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ବିଭାଗର ବିଭିନ୍ନ ରୂପରେଖ ଓ କାର୍ଯ୍ୟଧାରା ସମ୍ପର୍କରେ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଶେଷକରି ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଦିଗରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଜାରି ରହିଥିବା ସ୍ୱତନ୍ତ୍ର ପ୍ରକଳ୍ପ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ କେନ୍ଦ୍ରୀୟ ଯୋଜନାରେ ପରିଚାଳିତ 'ପ୍ରସାଦ' ଏବଂ ସ୍ୱଦେଶ ଦର୍ଶନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ସମୀକ୍ଷା କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି, ଗାଇଡ୍ ଓ ପର୍ଯ୍ୟଟନ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକ ତାଲିମ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଓଡ଼ିଆ ଖାଦ୍ୟ ପରମ୍ପରାର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପରିଚାଳିତ ବିଭିନ୍ନ ଆଉଟ୍‌ଲେଟ୍‌ରେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନୂଆ ସ୍ଥାନ ଯୋଡ଼ିବା, ଅବହେଳିତ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ ସାଂସ୍କୃତିକ-ଐତିହାସିକ ଗୌରବ ବହନ କରୁଥିବା ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପର୍ଯ୍ୟଟନ ସମ୍ଭାବନାର ଅଭିବୃଦ୍ଧି କରି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମନ୍ତ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ଓ ଅନନ୍ତ ନାରାୟଣ ସିଂ ଲାଗୁରୀ, ଯୁଗ୍ମ ଶାସନସଚିବ ସରୋଜ କୁମାର ସ୍ୱାଇଁ, ବିତ୍ତ ପରାମର୍ଶଦାତା ରାଜକିଶୋର ପଲେଇ, ଓଟିଡିସିର ସାଧାରଣ ପରିଚାଳକ ଡ. ଲଲାଟେନ୍ଦୁ ସାହୁ, ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ କୁଇଣ୍ଟାଲ ୩୧ଶହ ଟଙ୍କା, ଚାଷୀଙ୍କ ମନରେ ଆଣିଲା ଖୁସି

**ଭୁବନେଶ୍ୱର,୨୦।୬ (ଅନିଲ ଦାସ): ରାଜ୍ୟ ସରକାର ନିର୍ବାଚନ ସମୟରେ ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ୨୦୨୪-୨୫ ଖରିଫ୍ ଋତୁରୁ ଧାନ କୁଇଣ୍ଟାଲ ପିଛା ରାଜ୍ୟ ସରକାର ୩୧ଶହ ଟଙ୍କାରେ କିଣିବେ ବୋଲି ଗୁରୁବାର ଖାଉଟି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ଏପରି କି ଧାନ ଦେବାର ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବ ବୋଲି କୁହାଯାଇଛି। କେନ୍ଦ୍ର ସରକାର ବୁଧବାର ଖରିଫ୍ ଋତୁ ପାଇଁ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୧୭ ଟଙ୍କା ବୃଦ୍ଧି କରି ୨୩ଶହ ଟଙ୍କା ଘୋଷଣା କରିବାର ଦିନକ ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣା ଚାଷୀ ମହଲରେ ଖୁସି ଆଣି ଦେଇଛି। ସରକାରଙ୍କ ଏଭଳି ପ୍ରୋତ୍ସାହନ ଚାଷୀମାନଙ୍କୁ ଆଗାମୀ ଦିନରେ ଚାଷ ପ୍ରତି ଅଧିକ ଆକୃଷ୍ଟ କରିବ ବୋଲି ମତ ପ୍ରକାଶ ପାଇଛି।**

## ନୂଆ ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ

ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ହେବା ନୂଆ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଧାନର ଅଭାବୀ ବିକ୍ରି ଦୂର ହେବା ସହ ଧାନ କୁଇଣ୍ଟାଲର ମୂଲ୍ୟ ଆହୁରି ଅଧିକ ହେବା ଆବଶ୍ୟକ। ଯେଉଁ ପରିମାଣରେ ରାସାୟନିକ ସାର, କୀଟନାଶକ ଔଷଧର ଦର ବୃଦ୍ଧି ହେଉଛି ଏବଂ ଚାଷରେ ରୋଗ ପୋକ ବୃଦ୍ଧି ପାଉଛି, ସେଥିପାଇଁ ଚାଷରେ ଆଗ ଅପେକ୍ଷା ଚାଷୀଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଧାନର ଦର ବୃଦ୍ଧି ହେବା ସହ ରବି ଚାଷର ସୁବିଧା କରାଗଲେ ଚାଷୀ ଘରର ପିଲାମାନଙ୍କୁ ରୋଜଗାର ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ।

**- ରାଜେନ୍ଦ୍ର ଗିରି(ଚାଷୀ), ବନ୍ତ, ଭଦ୍ରକ**

## ଚାଷ କାର୍ଯ୍ୟ ପାଇଁ ଆଗ୍ରହ ବଢ଼ିବ

ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ଖରିଫ ଧାନ କୁଇଣ୍ଟାଲ ୩୧୦୦ ଟଙ୍କାରେ କିଣିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଚାଷୀମାନେ ବିଶେଷ ଲାଭବାନ ହୋଇପାରିବେ। ଚାଷ କାର୍ଯ୍ୟପାଇଁ ମଧ୍ୟ ଆଗ୍ରହ ବଢ଼ିବ।

**- ସୁରେଶ ଚନ୍ଦ୍ର ପତି(ଚାଷୀ), ବଡ଼ସାହି ବ୍ଲକ ମାଣତ୍ରୀ, ମୟୂରଭଞ୍ଜ**

## ତଥାପି ଆଶଙ୍କା ରହିଛି

ଚାଷୀମାନେ ଏଣିକି ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ପାଇବେ ବୋଲି ରାଜ୍ୟର ଭାଜପା ସରକାର କହୁଛନ୍ତି। ଭାଜପା ତାର ନିର୍ବାଚନୀ ଇସ୍ତାହାରରେ ମଧ୍ୟ ରଖିଥିଲା। କିନ୍ତୁ ବାସ୍ତବରେ ସମସ୍ତ ଚାଷୀ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ପାଇବେ କି ନାହିଁ, ସେ ନେଇ ଏବେ ମଧ୍ୟ ଆଶଙ୍କା ରହିଛି। ବର୍ତ୍ତମାନ ଭାଗଚାଷୀ ଆଇନ ନାହିଁ। ସେହିପରି ରାଜ୍ୟରେ ଉଷୁନା-ଅରୁଆ ବିବାଦ ରହି ଆସିଛି। ମଣ୍ଡି ବ୍ୟବସ୍ଥା ମଧ୍ୟ ଠିକ୍ ନାହିଁ କିମ୍ବା ମଣ୍ଡିରେ ଦଲାଲରାଜ୍ ଏବଂ କଟ୍‌ନିଛଟ୍‌ନି ଉପରେ ରୋକ୍ ଲଗାଯାଇ ପାରୁ ନାହିଁ। ଏହି ସବୁ କାରଣରୁ ଆଗକୁ ମଧ୍ୟ ଅଭାବି ବିକ୍ରି ଲାଗି ରହିବାର ସମ୍ଭାବନା ରହିଛି।

**- ରମେଶ ମହାପାତ୍ର, ଉପଦେଷ୍ଟା, ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼**

## ଧାନଦର ବୃଦ୍ଧି ସ୍ୱାଗତଯୋଗ୍ୟ

ସାଧାରଣ ନିର୍ବାଚନରେ ଭାଜପା ଧାନଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ଚାଷୀମାନେ ସେହି ନିର୍ବାଚନୀ ପ୍ରତିଶ୍ରୁତିକୁ ଭରସା ରଖି ଭାଜପା ସପକ୍ଷରେ ଭୋଟ୍ ଦେଇଛନ୍ତି ଏବଂ ରାଜ୍ୟରେ ଭାଜପା ମଧ୍ୟ ପ୍ରଥମଥର ଶାସନକୁ ଆସିଛି। ଶାସନକୁ ଆସିବା ପରେ ରାଜ୍ୟର ଭାଜପା ସରକାର ଏଣିକି ଚାଷୀମାନେ କୁଇଣ୍ଟାଲ ପ୍ରତି ଧାନଦର ବାବଦକୁ ୩୧୦୦ ଟଙ୍କା ଲେଖାଏଁ ପାଇବେ ବୋଲି ଘୋଷଣା କରିଛନ୍ତି। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହାକୁ ନେଇ ଚାଷୀମାନେ ଉତ୍ସାହିତ ମଧ୍ୟ ଅଛନ୍ତି। ତେବେ ଧାନବିକ୍ରି ସମୟରେ ଯେଭଳି କଟ୍‌ନି ଛଟ୍‌ନି ନ ହେବ, ସେଥିପ୍ରତି ମଧ୍ୟ ସରକାର ଦୃଷ୍ଟି ଦେବା ଦରକାର।

**- ସୁଶିଲ ସାହୁ, ଚାଷୀ, ବରାହଗୋଡ଼ା, ବରଗଡ଼**

## ପ୍ରତିଶ୍ରୁତି ରକ୍ଷା କରିଛନ୍ତି ସରକାର

ଭାଜପା ପକ୍ଷରୁ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କା କରିବାକୁ ନିର୍ବାଚନ ଇସ୍ତାହାରରେ ଘୋଷଣା କରାଯାଇଥିଲା। ରାଜ୍ୟ ସରକାର ସେହି ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ଏହାକୁ ନେଇ ଚାଷୀମାନେ ଖୁସି ହେବା ସହିତ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲା କୃଷି ଅର୍ଥନୀତିଭିତ୍ତିକ ହୋଇଥିଲେ ମଧ୍ୟ କ୍ଷେତକୁ ଜଳ ପରିଚାଳନା ଏକ ସମସ୍ୟା ହୋଇ ରହିଛି। ଜଳ ସେଚନ ଓ ନିଷ୍କାସନ ସମସ୍ୟା ରହିଥିବାରୁ ଧାନ ଉତ୍ପାଦନ ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ବଳକା ଧାନ ବିକି ଚାଷୀ ଲାଭବାନ ହୋଇପାରିବେ।

**-ନିରଞ୍ଜନ ପରିଡ଼ା, ଚାଷୀ, କଂସାର, କେନ୍ଦ୍ରାପଡ଼ା**

## ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୩୧ଶହ ଟଙ୍କା ହେବା ପରେ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ। ଚାଷ ପ୍ରତି ବିମୁଖ ହୋଇଥିବା ଚାଷୀମାନେ ଏବେ ପୁଣି ଧାନଚାଷ ପ୍ରତି ମନ ବଳାଇବେ। ଚାଷୀମାନେ ଲାଭବାନ୍ ହେବେ। ହେଲେ ସରକାର ଘୋଷଣା କରିଥିବା ଅର୍ଥ ରାଶି ଉପଯୁକ୍ତ ଭାବେ ବଣ୍ଟନ ହେବାର ଆବଶ୍ୟକତା ରହିଛି। ମଣ୍ଡି ଖୋଲିବା ପରେ କଟ୍‌ନୀଛଟ୍‌ନୀ ସଂକ୍ରାନ୍ତରେ ଥିବା ସମସ୍ୟା କେତେ ସୁଧୁରିବ ତାହା ଜଣାପଡ଼ିବ।

**- ତୁଷାର ରଞ୍ଜନ ଦାସ, ଚାଷୀ, ସୁକିନ୍ଦାଗଡ଼, ଯାଜପୁର**

## ଚାଷୀଙ୍କ ଆନ୍ଦୋଳନ ସଫଳ ହେଲା

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୩୧ଶହ ଟଙ୍କା ହେବା ଓ କଟ୍‌ନୀ ଛଟ୍‌ନୀ ବନ୍ଦ କରାଯିବ ବୋଲି ସରକାର ଘୋଷଣା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପାଇଁ ସରକାର ଧନ୍ୟବାଦର ପାତ୍ର। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ କଟ୍‌ନୀଛଟ୍‌ନୀ ବନ୍ଦ ନେଇ ନୟାଗଡ଼ ଚାଷୀମାନେ ପ୍ରତିବର୍ଷ ଆନ୍ଦୋଳନ କରି ଆସୁଥିଲେ। ସରକାର ଉପରୋକ୍ତ ଦୁଇଟି ଦାବି ମାନି ନେବା ପରେ ଚାଷୀ ଉପକୃତ ହେବେ।

-ରଣଜିତ ଦଳବେହେରା, ଚାଷୀ, ନୟାଗଡ଼

## ଯୁବ ଚାଷୀଙ୍କୁ ଚାଷ ପାଇଁ ପ୍ରେରଣା ଦେବ

ଚାଷୀମାନଙ୍କର ଦୀର୍ଘଦିନର ଦାବି ଆଜି ଫଳପ୍ରଦ ହୋଇଛି। ଧାନର ମୂଲ୍ୟ ବୃଦ୍ଧି ହେତୁ ଚାଷୀମାନଙ୍କ ଆର୍ଥିକ ବିକାଶ ହୋଇପାରିବ। ନୂଆ ସରକାର ଚାଷୀମାନଙ୍କ ପାଇଁ ଏଭଳି ଦ୍ୱରିତ ଜନକଲ୍ୟାଣ ପଦକ୍ଷେପ ଚାଷୀମାନଙ୍କୁ ପ୍ରେରଣା ଦେବ। ଆମ ଭଳି ବଡ଼ଚାଷୀମାନେ ଯେଉଁମାନେ ଚାଷ ପ୍ରତି ବିମୁଖ ହେଉଥିଲେ ଏବେ ଚାଷପ୍ରତି ଆଗ୍ରହ ବଢ଼ାଇବେ। ଧାନ ଚାଷପ୍ରତି ଗ୍ରାମାଞ୍ଚଳରେ ଏବେ ଚାଷୀମାନଙ୍କ ସ୍ପୃହା ବଢ଼ିବ। ସରକାରଙ୍କୁ ଧନ୍ୟବାଦ। ଆଗାମୀଦିନରେ ନୂଆ ସରକାର ଶୀତଳଭଣ୍ଡାର ସହ ଚାଷୀମାନଙ୍କ ଅନ୍ୟ ଉପାର୍ଜିତ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଓ ସ୍ୱତନ୍ତ୍ର ମାର୍କେଟର ବ୍ୟବସ୍ଥା କରିବା ଦରକାର। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦେବା କେବଳ ଡବଲ ଇଞ୍ଜିନ ସରକାର ଯୋଗୁ ହୋଇପାରିଛି।

**- ଯତିନ୍ଦ୍ରନାଥ ଜେନା,ବରିଷ୍ଠ ଚାଷୀ, କୋଲଣପୁର, କଟକ**

## ଚାଷୀ କୃଷି କାର୍ଯ୍ୟ ପ୍ରତି ଅଧିକ ଆକୃଷ୍ଟ ହେବେ

ଧାନର ଏମ୍‌ଏସ୍‌ପି ବୃଦ୍ଧି ପାଇଁ ଭାଜପା ସରକାର ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ। ଏବେ ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ଏହା ଆମ ଭଳି ଛୋଟ ଚାଷୀଙ୍କ ପାଇଁ ସହାୟକ ହେବ। ରବି ଫସଲ ମଣ୍ଡି ଆରମ୍ଭ ହୋଇଛି। ଏହି ମଣ୍ଡିରେ ଧାନ ଦେଇଥିବା ଚାଷୀ ଯଦି ଏମ୍‌ଏସ୍‌ପି ୩୧୦୦ ଟଙ୍କା ପାଇବେ ତାହାହେଲେ ସରକାରଙ୍କ ପାଇଁ ଶୁଭଙ୍କର ହେବ। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ଉନ୍ନତି ହେବ। ଚାଷୀ କୃଷି କାର୍ଯ୍ୟ ପ୍ରତି ଅଧିକ ଆକୃଷ୍ଟ ହେବେ।

**– ଆଦିତ୍ୟ ସାହୁ, ଚାଷୀ, ନବରଙ୍ଗପୁର**

## ଚାଷୀ ତା'ର ପରିଶ୍ରମର ଉଚିତ ମୂଲ୍ୟ ପାଇବ

ଧାନର ସହାୟକ ମୂଲ୍ୟ ବୃଦ୍ଧି କରି ଭାଜପା ସରକାର କଥା ରଖିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଚାଷୀ ତାର ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରିବେ। ଚାଷ ପାଇଁ ଚାଷୀଙ୍କ ମନୋବଳ ବୃଦ୍ଧି ପାଇବ। ମିଲ୍ ମାଲିକମାନେ କଟ୍‌ନୀଛଟ୍‌ନି ଆଳରେ ଚାଷୀଙ୍କୁ ଅଯଥା ହଇରାଣ ନ କରନ୍ତି ସେ ଦିଗରେ ରାଜ୍ୟ ସରକାରଙ୍କ ଘୋଷିତ ନିର୍ଦ୍ଦେଶନାମାକୁ କଡ଼ାକଡ଼ି କରାଯିବା ଆବଶ୍ୟକ।

**– ରଘୁ ମୁଦୁଲି, ରୁଢ଼ିଆନ୍ଧ, କୋରାପୁଟ**

## ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଆବଶ୍ୟକ

ଭାଜପା ନିର୍ବାଚନୀ ଘୋଷଣାପତ୍ରରେ ଧାନ ଦର କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା କରିବାକୁ ଘୋଷଣା କରିଥିଲା। ସରକାରକୁ ଆସିବା ପରେ ଏହା ଉପରେ ପଦକ୍ଷେପ ନେବା ଆରମ୍ଭ କରିଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଖରିଫ୍ ଧାନ ଚାଷ କାମ ଏବେ ଆରମ୍ଭ ହୋଇଥିବାବେଳେ ଚାଷୀଙ୍କୁ ଏହାର ଲାଭ ପାଇବାକୁ ୬ମାସ ଅପେକ୍ଷା କରିବାକୁ ପଡ଼ିବ। ଏହାସହ କଟ୍‌ନି ଛଟ୍‌ନି ଏବଂ ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ନେଇ ସରକାର କରୁଥିବା ଘୋଷଣା କେତେ କାର୍ଯ୍ୟକାରୀ ହୋଇପାରିବ ତାକୁ ଅପେକ୍ଷା କରିବାକୁ ପଡ଼ିବ। ଏହାସହିତ ରବି ସିଜିନରେ ପ୍ରତି ଏକର ୨୬ କୁଇଣ୍ଟାଲ, ଖରିଫରେ ଜଳସେଚିତ ଜମି ପାଇଁ ଏକର ପ୍ରତି ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମି ପାଇଁ ଚାଷୀ ୧୩ କୁଇଣ୍ଟାଲ ଧାନ ବିକ୍ରି ପରିମାଣ ବୃଦ୍ଧି କରିବା ଜରୁରୀ। ଚାଷୀଙ୍କୁ ଉନ୍ନତି ପାଇଁ ସବୁ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଆବଶ୍ୟକ।

**– ଦେବେନ୍ଦ୍ର ପ୍ରଧାନ, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ**

---

ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରକୁ ଜବାବ...

ପ୍ରାୟ ୨୪ ଲକ୍ଷ ଛାତ୍ରୀଛାତ୍ର ୪,୭୫୦ ସେଣ୍ଟରରେ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ଏହାର ରେଜଲ୍ଟ ଜୁନ୍ ୧୪ରେ ପ୍ରକାଶ ପାଇବାର ଥିଲା। କିନ୍ତୁ ଲୋକସଭା ନିର୍ବାଚନର ଭୋଟ ଗଣତି ଦିନ ଅର୍ଥାତ୍ ଜୁନ୍ ୪ରେ ତରବରିଆ ଭାବେ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇ ର୍‍ୟାଙ୍କ ୱାନ୍‌ରେ ସ୍ଥାନିତ କରାଯାଇଥିଲା। ହରିୟାଣା ଫରିଦାବାଦର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅତ୍ୟଧିକ ଗ୍ରେସ୍‌ମାର୍କ ଦିଆଯିବା ପରେ ସେମାନଙ୍କ ନମ୍ବର ୧୦୦% ରହିଥିଲା, ଯାହାକୁ ନେଇ ପ୍ରଶ୍ନ ଉଠିଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି, କୁପରିଚାଳନା, ପ୍ରଶ୍ନପତ୍ର ଲିକ୍ ବିରୋଧରେ ଓ ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରୀକ୍ଷା ପରିଚାଳନାରେ ହୋଇଥିବା ଭୁଲ୍ ମାନିଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଥିବାବେଳେ ଟେଷ୍ଟିଂ ଏଜେନ୍ସି ବିଭିନ୍ନ ହାଇକୋର୍ଟରେ ଦାଖଲ ହୋଇଥିବା ପିଟିଶନଗୁଡ଼ିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ୪ଟି ପୃଥକ୍ ଆବେଦନ କରିଛି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏହି ଆବେଦନଗୁଡ଼ିକର ଶୁଣାଣି କରି ହାଇକୋର୍ଟଗୁଡ଼ିକର ବିଚାର ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ୨୦ ପରୀକ୍ଷାର୍ଥୀ ପିଟିଶନ ଦାଖଲ କରିଛନ୍ତି। ସେମାନଙ୍କ ପକ୍ଷରୁ ଆଇନଜୀବୀ ଧୀରଜ ସିଂ ମାମଲା ପରିଚାଳନା କରି ନୂଆ ପରୀକ୍ଷା କରାଇବା ପାଇଁ ଏନ୍‌ଟିଏକୁ ନିର୍ଦ୍ଦେଶ ଦେବା ସକାଶେ ନିବେଦନ କରିଛନ୍ତି। ଶିକ୍ଷା ସେବା ପ୍ରଦାନକାରୀ ଅନ୍‌ଆକାଡେମିର ପରିଚାଳକ ଶର୍ଟିଂ ହ୍ୟାଟ୍ ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିମିଟେଡ୍ ଏକ ନିରପେକ୍ଷ କମିଟି ଗଠନ କରି ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ଏନ୍‌ଇଇଟି-ୟୁଜି ୨୦୨୪ ଫଳାଫଳ ବିଭ୍ରାଟର ତଦନ୍ତ କରାଯାଉ ବୋଲି ଯୁକ୍ତି ବାଢ଼ିଛି। ସୁପ୍ରିମକୋର୍ଟ ଏହାର ଆବେଦନର ଶୁଣାଣି କରି କେନ୍ଦ୍ର ଏବଂ ଏନ୍‌ଟିଏ ଜବାବ ତଲବ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆସନ୍ତା ୮ରେ ସବୁ ପିଟିଶନର ଶୁଣାଣି କରାଯିବ।

## ଶିକ୍ଷାମନ୍ତ୍ରୀଙ୍କ ବାସଭବନ...

ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏଶନ୍ (ଏଆଇଏସ୍‌ଏ), ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ସ ଫ୍ରଣ୍ଟ (ଡିଏସ୍‌ଏଫ୍), କ୍ରାନ୍ତିକାରୀ ଯୁବ ସଙ୍ଗଠନ (କେୱାଇଏସ୍) ଏବଂ କଂଗ୍ରେସ ସମର୍ଥିତ ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ବୋଲି ଜଣାପଡ଼ିଛି। ଭାରତୀୟ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ 'ଆସିଷ୍ଟାଣ୍ଟ ପ୍ରଫେସର' ଏବଂ 'ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ଓ ଆସିଷ୍ଟାଣ୍ଟ ପ୍ରଫେସର' ପଦରେ ନିଯୁକ୍ତି ପାଇଁ ୟୁଜିସି-ନେଟ୍ ପରୀକ୍ଷା ଜୁନ୍ ୧୮ରେ ଅନୁଷ୍ଠିତ ହୋଇଥିଲା। ଦେଶର ୩୧୭ ସହରରେ ୧୧.୨୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଏମ୍‌ଆର୍ (ପେନ୍ ଆଣ୍ଡ ପେପର୍)ରେ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ରାତିରେ ପରୀକ୍ଷା ଆୟୋଜକ ଏନ୍‌ଟିଏ ଏହାକୁ ରଦ୍ଦ କରିଦେଇଥିଲା। ପରୀକ୍ଷାରେ ସାଲିସ କରାଯାଇଥିବାରୁ ଏହାକୁ ରଦ୍ଦ କରାଯାଇଥିବା ଏନ୍‌ଟିଏ ଦର୍ଶାଇଛି। ଫଳରେ ପିଏଚ୍.ଡି. ଆଶାୟୀ ଛାତ୍ରୀଛାତ୍ର ନିରାଶ ହୋଇଯାଇଛନ୍ତି। ବିକ୍ଷୋଭରତ ଛାତ୍ରୀଛାତ୍ର ଏନ୍‌ଟିଏ ଉପରେ ନିଷେଧାଦେଶ ଜାରି କରିବାକୁ ଦାବି କରିଛନ୍ତି।

## ୨୨ରୁ ସ୍ୱାଭାବିକ...

ସମସ୍ତ ବିଦ୍ୟାଳୟ ସ୍ୱାଭାବିକ ଭାବେ ପରିଚାଳନା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

ଗ୍ରୀଷ୍ମଛୁଟି ସରିବା ପରେ ଗତ ୧୮ ତାରିଖରୁ ସ୍କୁଲ୍ ଖୋଲିଥିଲା। ହେଲେ ଗରମ ଓ ଗୁଳୁଗୁଳି ଜାରି ରହିଥିବାରୁ ରାଜ୍ୟ ସରକାର ସ୍କୁଲ୍ ଖୋଲିବା ନିଷ୍ପତ୍ତି ସ୍ଥାନୀୟ ଜିଲାପାଳଙ୍କ ଉପରେ ଛାଡ଼ି ଦେଇଥିଲେ। ଜିଲାପାଳମାନେ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବେ କିମ୍ବା ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିବେ ବୋଲି କୁହାଯାଇଥିଲା। ତେବେ ଅନୁକୂଳ ପାଣିପାଗ ଥିବା ଜିଲାରେ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁସାରେ କେତେକ ଜିଲାରେ ସକାଳୁଆ ସ୍କୁଲ୍ ହୋଇଥିବାବେଳେ ଆଉ କିଛି ଜିଲାରେ ସ୍କୁଲ୍ ଛୁଟି ଘୋଷଣା କରିଥିଲେ ସ୍ଥାନୀୟ ଜିଲାପାଳ।

## ଫେବୃଆରୀ ୯ରେ...

ଓ ମୁମ୍ବାଇରେ ଜାନୁଆରୀ ୨୨ରୁ ଫେବୃଆରୀ ୨ ମଧ୍ୟରେ ଅନୁଷ୍ଠିତ ହେବ। ଇତିହାସ ଦେଖିବାକୁ ଗଲେ ବାରବାଟୀ ଷ୍ଟାଡିୟମରେ ଶେଷଥର ପାଇଁ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ୨୦୧୯ ଡିସେମ୍ବର ୨୨ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୪ ଉଇକେଟରେ ବିଜୟୀ ହୋଇଥିଲା। ସମସ୍ତ ଫର୍ମାଟକୁ ବିଚାରକୁ ନେଲେ ବାରବାଟୀରେ ୨ ବର୍ଷ ବ୍ୟବଧାନରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ହେବାକୁ ଯାଉଛି। କାରଣ ଏଠାରେ ଶେଷଥରପାଇଁ ୨୦୨୨ ଜୁନ୍ ୧୨ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟୀ ହୋଇଥିଲା।

ରେକର୍ଡ ଦୃଷ୍ଟିରୁ ଭାରତର ତୃତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଏହି ବାରବାଟୀ ଷ୍ଟାଡିୟମରେ ହିଁ ଆୟୋଜିତ ହୋଇଥିଲା। ୧୯୮୨ ଜାନୁୟାରୀ ୨୭ରେ ଏହି ମ୍ୟାଚ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଏହି ଷ୍ଟାଡିୟମରେ ମୋଟ ୧୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ଟି ମ୍ୟାଚ ସାମିଲ। ଏଥିରୁ ୩ଟିରେ ଭାରତ ଓ ୨ଟିରେ ଇଂଲଣ୍ଡ ବିଜୟୀ ହୋଇଛି। ଏହା ବ୍ୟତୀତ ଇଂଲଣ୍ଡ ଏହି ଷ୍ଟାଡିୟମରେ ୧୯୮୯ ଅକ୍ଟୋବର ୨୨ରେ ଏମ୍‌ଆରଏଫ୍ ୱାର୍ଲ୍ଡ ସିରିଜ(ନେହେରୁ କପ୍)ରେ ପାକିସ୍ତାନ ବିପକ୍ଷରେ ଖେଳିଥିଲା। ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା। ୨ଟି ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚ ଆୟୋଜନ କରି ବାରବାଟୀ ଏହାର ଇତିହାସକୁ ଋଦ୍ଧିମନ୍ତ କରିଛି। ୧୯୮୭ରେ ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମଧ୍ୟରେ ରିଲାଏନ୍ସ ବିଶ୍ୱକପ୍ ଏବଂ ୧୯୯୬ରେ ଭାରତ ଓ କେନିୟା ମଧ୍ୟରେ ୱିଲ୍ସ ବିଶ୍ୱକପ୍‌ର ଗୋଟିଏ ଲେଖାଏ ମ୍ୟାଚ ଏଠାରେ ଅନୁଷ୍ଠିତ ହୋଇଛି। ଦିନିକିଆ ବ୍ୟତୀତ ବାରବାଟୀରେ ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ମଧ୍ୟ ଅନୁଷ୍ଠିତ ହୋଇଛି। ସେହିପରି ଏଠାରେ ଗୋଟିଏ ମହିଳା ଟେଷ୍ଟ, ୨୦୧୩ରେ ମହିଳା କ୍ରିକେଟ ବିଶ୍ୱକପ୍‌ରେ ୮ଟି ଏକଦିବସୀୟ ଅନ୍ତର୍ଜାତୀୟ ଏବଂ ୧୯ ବର୍ଷରୁ କମ୍ ବର୍ଗରେ ଗୋଟିଏ ଯୁଥ୍ ଓଡିଆଇ ଅନୁଷ୍ଠିତ ହୋଇଛି।

## କେଜ୍‌ରିୱାଲଙ୍କୁ ମିଳିଲା...

ପ୍ରଥମ ଦିନରୁ ହିଁ ସମ୍ପୂର୍ଣ୍ଣ ମାମଲା ମିଛ ବୋଲି ଆମେ କହିଆସୁଥିଲୁ ବୋଲି ଆପ୍ ବିଧାୟକ ଦିଲୀପ ପାଣ୍ଡେ କହିଛନ୍ତି। ଅବକାରୀ ଦୁର୍ନୀତି ମାମଲାରେ ଜାମିନ ପାଇବାରେ କେଜ୍‌ରିୱାଲ ଦ୍ୱିତୀୟ ନେତା। ପୂର୍ବରୁ ସଞ୍ଜୟ ସିଂଙ୍କୁ ଜାମିନ ମିଳିଥିଲା। ତେବେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏହି ମାମଲାରେ ଦୀର୍ଘଦିନ ହେଲା ତିହାର ଜେଲରେ ରହିଛନ୍ତି।

ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନ ପୂର୍ବରୁ ଇଡି ଗତ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ନାଟକୀୟ ଢଙ୍ଗରେ ଗିରଫ କରିଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ମେ'୧୦ରେ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ସର୍ତ୍ତ ଅନୁଯାୟୀ ଜୁନ୍ ୨ରେ କେଜ୍‌ରିୱାଲ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜେଲ ପଠାଇଦିଆଯାଇଥିଲା। ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିୱାଲ ୧୦୦ କୋଟି ଟଙ୍କା ଲାଞ୍ଚ ଦାବି କରିଥିବାର ପ୍ରମାଣ ରହିଛି ବୋଲି ଶୁଣାଣି ବେଳେ ଇଡି ଅଦାଲତଙ୍କୁ ଜଣାଇଥିଲା। ଉକ୍ତ ଲାଞ୍ଚ ଟଙ୍କାକୁ ଗୋଆରେ ଆପ୍ ନିର୍ବାଚନ ପ୍ରଚାରରେ ବ୍ୟୟ କରିଥିବା ତଦନ୍ତକାରୀ ସଂସ୍ଥା କହିଥିଲା। ଇଡି ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ସାଉଥ୍ ଗ୍ରୁପ୍ ସିଧାସଳଖ ଆପ୍‌କୁ ଟଙ୍କା ପଠାଇଥିବାବେଳେ ଭାରତ ରାଷ୍ଟ୍ର ସମିତି ନେତ୍ରୀ କେ. କବିତା ସେଥିରେ ସମ୍ପୃକ୍ତ ଥିଲେ। ତଦନ୍ତ ବେଳେ ଫୋନ୍ ପାସ୍‌ୱାର୍ଡ ଦେବାକୁ କେଜ୍‌ରିୱାଲ ମନା କରିଥିଲେ ବୋଲି ରାଜୁ କହିଥିଲେ। ଏହି କାରଣରୁ ସାଧାରଣ ଜାମିନ ଆଇନ ଅନୁଯାୟୀ କେଜ୍‌ରିୱାଲଙ୍କୁ ଜାମିନ ନ ଦେବାକୁ ରାଜୁ ଯୁକ୍ତି ଦର୍ଶାଇଥିଲେ। ଅନ୍ୟ ପକ୍ଷରେ ଇଡିର ଅଭିଯୋଗ ପଛରେ କୌଣସି ପ୍ରମାଣ ନ ଥିବା କେଜ୍‌ରିୱାଲଙ୍କ ଓକିଲ ବିକ୍ରମ ଚୌଧରୀ କହିଥିଲେ।

## ସୁଧୁରୁଛି ବାଲେଶ୍ୱର...

କରାଯାଇଛି। ଉଲ୍ଲେଖଯୋଗ୍ୟ, ସୋମବାର ସହରର ଭୁଜାଖିଆ ପୀର ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏହାପରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଫୋର୍ସ ଉପରକୁ ପଥର ମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଲାଠିଚାର୍ଜ କରିଥିଲା। ଗଣ୍ଡଗୋଳରେ ୪ରୁ ୫ ଜଣ ଆହତ ହୋଇଥିବା ବେଳେ ୧୫ରୁ ୨୦ଟି ଗାଡ଼ି ଭଙ୍ଗାରୁଜା ହୋଇଥିଲା। ବିଳମ୍ବିତ ରାତିରେ ସୁଏଲପୁର ଓ ଦପ୍ତରସାହିର ଅଞ୍ଚଳର କିଛି ସ୍ଥାନରେ ଗାଡ଼ି ଭଙ୍ଗାରୁଜା ଓ ଦୋକାନ ଆସବାବପତ୍ରରେ ନିଆଁ ଲଗାଯିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ପୋଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲାପଥର ମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ବାଲେଶ୍ୱର ପୌରାଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା।

# ଗଣ୍ଡଗୋଳକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ: ଡିଜିପି

ବାଲେଶ୍ୱର, ୨୦।୬(ମାନସ ବିଶ୍ୱାଳ)


ବାଲେଶ୍ୱର ସହରରେ ସୃଷ୍ଟି ହୋଇଥିବା ଉତ୍ତେଜନା ଓ କର୍ଫ୍ୟୁ ସମ୍ପର୍କରେ ଡିଜିପି ଅରୁଣ ଷଡଙ୍ଗୀ ସମୀକ୍ଷା କରିଛନ୍ତି। ଗୁରୁବାର ସନ୍ଧ୍ୟା ସାଢେ ୭ଟାରେ ସେ ବାଲେଶ୍ୱରରେ ପହଞ୍ଚି ସର୍କିଟ ହାଉସ ପରିସରରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତାଙ୍କ ସହ ଆଇଜି ଦୀପକ କୁମାର, ଏଡିଆଇଜି ବି. ଯୁଗଳ କିଶୋର, ମୁଖ୍ୟାଳୟ ଏସ୍‌ପି ବି. ଗଙ୍ଗାଧର , ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଘର୍ଷ ମାମଲା, ଗିରଫ ବ୍ୟକ୍ତି, ଅଟକ ବ୍ୟକ୍ତି ସହ ବିଭିନ୍ନ ବିଷୟ ଉପରେ ଡିଜିପି ପଚାରି ବୁଝିଥିଲେ। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଥିଲେ। କେନ୍ଦ୍ରୀୟ ସୁରକ୍ଷା ଫୋର୍ସର ୩ ଟିମ୍ ନିୟୋଜିତ ଥିବା ବେଳେ ଅବଶିଷ୍ଟ ୩ଟି ଟିମ୍ ପହଞ୍ଚିଛନ୍ତି। ବର୍ତ୍ତମାନ ପୋଲିସର ୪୫ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି। ଶାନ୍ତିଶୃଙ୍ଖଳା ଖୁବ୍‌ଶୀଘ୍ର ଫେରି ଆସିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ପରିସ୍ଥିତି ଦେଖି ଖୁବ୍‌ଶୀଘ୍ର ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ ବୋଲି ଡିଜିପି ଗଣମାଧ୍ୟମକୁ କହିଛନ୍ତି।

**GOVERNMENT OF ODISHA** No.A-58:
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION,**
**At/PO-Kamakhyanagar, Dist-Dhenkanal, Odisha, Pin-759018**
**Ph:06769-270771, Email Id:eerlbcdivision@gmail.com**
**e-PROCUREMENT NOTICE No.RLBCD-P-02/2024-25**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | 04 (Four) Nos. |
| 3 | Estimated Cost | Varies from Rs.19.84 Lakhs to Rs.16.82 Lakhs |
| 4 | Period of Completion | 60 days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document/ Mode of Payment | Rs.6000/- (Non-refundable)/ Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 7 | EMD/ Bid Security Amount/Mode of Payment | Varies from **Rs.19,840/- to Rs.16,820/-** /Online through Electronic Payment Mode (Internet Banking/NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid Documents for Online Bidding | 21.06.2024 from 10.00 Hours to 05.07.2024 upto 17.00 Hours. |
| | (iii) Date, Time & Venue of Bid Opening (Online) | On 06.07.2024 at 11.00 hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, Time & Venue of Transparent lottery for finalization of Bids, if Required | On 11.07.2024 at 11.00 Hours in the O/o. the Superintending Engineer, Rengali Left Bank Canal Division, Kamakhyanagar. |

*** Further details can be seen from the Government of Odisha website https://tendersodisha.gov.in.**

Sd./- Superintending Engineer
R.L.B. Canal Division, Kamakhyanagar
OIPR-32298/11/0002/2425




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ଚୋରକୁ ପଲଙ୍କ ସୁପାତି**
**ଧନ ଚୋରକୁ ଧକ୍କା**
**ଚମ ଚୋରକୁ ଦି'ଗାଲରେ କଳା**
**ଅଜଣା ଚୋରକୁ ବକା।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମନକୁ ଆସେ**
**କଥା ପଦିକରେ ଛ' ଥର ରୁଷେ**
**ଅଘଷା ପାଟିରେ ପାନ**
**ସବୁବେଳେ ହୁଏ ଚବର ଚବର**
**ନ ମାନଇ ବଡ଼ ସାନ।**

କିଛି ବ୍ୟକ୍ତି ନ ଡାକିଲେ ମଧ୍ୟ ମନକୁ ମନ ଆସି ନିଜ ଉପସ୍ଥିତି ଜାହିର କରିଥାନ୍ତି। ସାମାନ୍ୟ କଥାରେ ରୁଷା ଅଭିମାନ କରିବସିଥାନ୍ତି। ସେଭଳି କିଛି କଥା ନ ଥିଲେ ମଧ୍ୟ ଅଯଥାରେ ବକର ବକର ହେଉଥାନ୍ତି, ଏପରିକି ବଡ଼ ସାନ କିଛି ମାନି ନ ଥାନ୍ତି। ବଦପ୍ରକୃତି ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

**NOTIFIED AREA COUNCIL, PATNAGARH**
**Ph. No. 06658-222247, e-mail: nac_ptg@yahoo.co.in**
**Website: www.nacpatnagarh.in**
**Letter No. 1206** **Dt.18.06.2024**

**QUOTATION CALL NOTICE**

No. C-59: Sealed quotations are invited from the Travel Agency/Tour Operator/Private Individual who are interested to provide four wheeler A/C Vehicle i.e. BOLERO/BOLERO NEO/ERTIGA/SCORPIO, Petrol/ Diesel having seven seated vehicle on monthly rental basis to N.A.C., Patnagarh as per the detailed terms and condition mentioned in quotation papers. The quotation should reach at NAC Office on or before Dt.30.06.2024 upto 1.00 P.M. by Speed Post/Registered Post and it will be opened on same day at 4.00 P.M. in presence of the quotationers or their authorized representatives. The quotation papers will be available from the N.A.C. Office website i.e. **www.nacpatnagarh.in** from Dt.19.06.2024 to Dt.30.06.2024 upto 12.00 Noon. The quotationer will deposit non-refundable cost of quotation paper of Rs.1,000/- (Rupees one thousand) only in shape of B.D. of any Nationalized Bank in favour of the Executive Officer, N.A.C., Patnagarh, payable at Patnagarh. The quotationer have to submit quotation papers duly filled up along with the attested photo copies of qualifying documents as indicated in terms and conditions. The authority reserves the right to accept/reject any or all quotation without assigning any reason thereof.

**Sd./- Executive Officer, N.A.C., Patnagarh**
**OIPR-13102/11/0001/2425**

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल, बोकारो**

ई-प्रोक्युरमेंट सूचना
(एफ 2 फॉर्म ऑफ कॉन्ट्रेक्ट आधारित ई-निविदा)
ई-निविदा प्रसंग संख्या- RCD/BOKARO/794/F.Y. 2024-2025
दिनांक- 19.06.2024

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत बहादुरपुर – कसमार – पेटरवार – पश्चिम बंगाल बोर्डर पथ के चैनेज 22.050 किमी0 में अवस्थित गवई नदी पर उच्चस्तरीय सेतु निर्माण (पहुँच पथ निर्माण सहित) का अवशेष कार्य, वर्ष 2024-25. |
| 2. | प्राक्कलित राशि (रूपये में) | 1,24,08,745.00 (एक करोड़ चौबीस लाख आठ हजार सात सौ पैंतालीस) रूपये मात्र |
| 3. | कार्य पूर्ण होने की अवधि | 4(चार) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 05.07.2024, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 26.07.2024, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यालय, कार्यपालक अभियंता, पथ निर्माण विभाग, पथ प्रमण्डल, बोकारो |
| 7. | प्रोक्युरमेंट पदाधिकारी का सम्पर्क संख्या | 06542-265569 |
| 8. | ई-प्रोक्युरमेंट सेल का हेल्पलाईन संख्या | 0651-2403007 |

विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता हैं।

कार्यपालक अभियंता,
**PR 326947 Road(24-25).D** पथ निर्माण विभाग,पथ प्रमण्डल, बोकारो

**OFFICE OF THE DISTRICT FISHERIES OFFICER**
**KANDHAMAL, PHULBANI**
**Phone:-06842-253683** **Mail Id:-dfokandhamal@gmail.com**

**TENDER CALL NOTICE**
**No.1245, Date:18.06.24**

**No.M-7:**Sealed quotations/tenders are invited from interested reputed Travel Agencies/ Tour Operators / Private individuals for providing 1 (One) No. of AC diesel/petrol driven vehicles (Tiago/Celerio/Bolt etc) having sitting capacity not more than 5 persons including driver, which shall conform to terms and conditions (Appendix-A) for official use in the Office of the District Fisheries Officer, Kandhamal, Phulbani on monthly rent basis. 1. The service provider shall have a valid OGST registration to participate in the tendering. 2.The service provider, participating in the bidding process under the jurisdiction of Kandhamal District, shall be registered on GeM platform. 3.The vehicle must be in road worthy condition, shall not be more than 3 years old from date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid Contract Carriage Permit, Proof of up-to-date tax payment etc. mandatory for plying of vehicle. 4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle. 5. The Driver should be well behaved, gentle and obedient in nature. 6. A sum of Rs. 5000/-(Rupees Five Thousand) only shall be deposited by the Intending Bidders in shape of Account Payee Bank Draft drawn in favour of the District Fisheries Officer, Kandhamal, Phulbani payable at SBI, Phulbani and submitted along with the tender as security deposit. After completion of tender process, the amount will be refunded to unsuccessful bidders. 7.The monthly rate of hire charge be quoted separately in the general bid Information (excluding fuel and lubricants). 8. The Vehicle must achieve a fuel efficiency of 17 Kms per liter. 9. The details of the make and year of manufacture of the vehicle, registration No., mileage (Km, covered per liter) and name of the Driver with Driving License No. and period of validity should be specifically provided in the bid information to be furnished with the Quotation/ Tender (Appendix-B). 10. The quotation completed in all respect should reach the undersigned on or before Dt-26.06.2024 by 1:00 PM and shall be opened on the same day at 3:30 PM in presence of the bidders or their authorized representatives in the office chamber of the undersigned. 11.The application form of Quotation/ Tender containing general bid information, terms and conditions for hiring of vehicles etc. will be available with Establishment Section of District Fisheries Office, Kandhamal, Phulbani on payment of Rs.1000/- from Dt-20.06.2024 to Dt-26.06.2024.

**Sd./- District Fisheries Officer**
**Kandhamal, Phulbani**
**OIPR-06067/11/0004/2425**

# ମହିଳା ସଶକ୍ତୀକରଣ ଓ ଯୋଗ

ଯୋଗ ହେଉଛି ଏକଧରଣର ଐତିହ୍ୟବାହୀ ଶାରୀରବୃତ୍ତ ମାନସିକ ସାଧନ ପ୍ରଣାଳୀ। ଆମ ଦେଶ ଭାରତ ହିଁ ଯୋଗର ଜନ୍ମଭୂମି। 'ଯୋଗ' ଶବ୍ଦଟିର ଆକ୍ଷରିକ ଅର୍ଥ 'ଯୁକ୍ତ କରିବା' ବା ଐକବଦ୍ଧ କରିବା'।

ସମ୍ପ୍ରତି ଯୋଗ ସାରା ବିଶ୍ୱରେ ବେଶ୍ ଜନପ୍ରିୟ ହୋଇଉଠିଛି। ଯୋଗକୁ ଆହୁରି ବ୍ୟାପକ ଭାବରେ ବିଶ୍ୱରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଡିସେମ୍ବରରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ୧୭୭ ରାଷ୍ଟ୍ର। ତେବେ ଏଥିପାଇଁ ଜୁନ୍ ୨୧କୁ ଚୟନ କରିବାର କାରଣ ହେଲା ଏହି ଦିନ ସୂର୍ଯ୍ୟ ଆକାଶରେ ସବୁଠାରୁ ଉତ୍ତରରେ କର୍କଟକ୍ରାନ୍ତି ଉପରେ ପହଞ୍ଚିଥାନ୍ତି ଓ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଏହି ଦିବସଟି ବର୍ଷରେ ଦୀର୍ଘତମ। ୨୦୧୫ରୁ ଜୁନ୍ ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ। ମହିଳାମାନଙ୍କର ରହିଛି କେତେକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମସ୍ୟା ଓ ସେହିସବୁ ସମସ୍ୟାର ଉପଶମ ପାଇଁ ଯୋଗ ବେଶ୍ ସହାୟକ ହୋଇପାରିବ।

### ଏ ବର୍ଷର ବାର୍ତ୍ତା

ଚଳିତ ବର୍ଷ ଉକ୍ତ ଦିବସର ବାର୍ତ୍ତା ରହିଛି 'ମହିଳା ସଶକ୍ତୀକରଣ ପାଇଁ ଯୋଗ'। ଏହି ବାର୍ତ୍ତାର ତାତ୍ପର୍ଯ୍ୟ ହେଉଛି ଯୋଗ ମାଧ୍ୟମରେ ମହିଳାମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ଲାଭ। ସେମାନଙ୍କର ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ।






ମହିଳାମାନେ ପରିବାରର ମେରୁଦଣ୍ଡ ସଦୃଶ। ସେମାନଙ୍କର ସାମୂହିକ ଶକ୍ତି ମଧ୍ୟ ରାଷ୍ଟ୍ର ତଥା ବିଶ୍ୱର ମେରୁଦଣ୍ଡ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ମହିଳାମାନେ ସମାଜରେ ଅବହେଳିତ ହେଲେ ପରିବାରରେ ଶିଶୁ ବୃଦ୍ଧାବୃଦ୍ଧ, ରୋଗୀ ଓ ଅତିଥିମାନେ ଅବ ହେଳିତ ହୋଇପଡିବେ। ସୁତରାଂ ମହିଳାମାନେ ସୁସ୍ଥ ଏବଂ ସଶକ୍ତ ରହିବା ସମାଜ ତଥା ରାଷ୍ଟ୍ରର ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ।

ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ ହେଲା ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରେଇବା ଏବଂ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ ବ୍ୟାୟାମ କରିବା ନିମିତ୍ତ ସେମାନଙ୍କୁ ଅନୁପ୍ରେରଣା ଦେବା।

ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ଆଧ୍ୟାତ୍ମିକତାର ବିକାଶ କରେଇବାରେ ଯୋଗର ଭୂମିକା ଅତୁଳନୀୟ ବୋଲି କୁହାଯାଇ ଆସୁଅଛି। କିନ୍ତୁ ଯୋଗ ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି, ଏହା ଶାରୀରିକ ଓ ମନସ୍ତାତ୍ତ୍ୱିକ ଉଭୟ ସ୍ତରରେ ସନ୍ତୁଳନ ରକ୍ଷା କରିବା ପାଇଁ ସମର୍ଥ। ପୃଥିବୀରେ ସମ୍ପ୍ରତି ପରିଲକ୍ଷିତ ହେଉଛି ଦ୍ରୁତ ସାମାଜିକ ରୂପାନ୍ତର। ଫଳରେ ମାନବ ସମାଜ ଏବେ ଅସାଧାରଣ ଭାବେ ବିଭ୍ରାନ୍ତ। ମାତ୍ର ମାନସିକ ଓ ଶାରୀରିକ ସନ୍ତୁଳନ ଉପଭୋଗ କରିପାରିଲେ ଜୀବନର ଯାବତୀୟ ଝଡଝଞ୍ଜା ଅତିକ୍ରମ କରିଯିବା ସହଜସାଧ୍ୟ ହୋଇଥାଏ। ଏହି ଉଦ୍ଦେଶ୍ୟ ଚରିତାର୍ଥ କରିଥାଏ ଯୋଗ। ସମ୍ପ୍ରତି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବିଗ୍ନତା। ହେଲେ ହରମୋନଗୁଡିକର କ୍ଷରଣକୁ ପ୍ରଭାବିତ କରି ଯୋଗ ମନ ଓ ଶରୀର ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ। ନିୟନ୍ତ୍ରିତ ହୋଇ ରହେ ରକ୍ତଚାପ। ଅନୁକୂଳ ଭାବରେ ପ୍ରଭାବିତ ହୁଏ ମସ୍ତିଷ୍କ କାର୍ଯ୍ୟ ଏବଂ ଶରୀରର ପ୍ରତିରକ୍ଷା ତନ୍ତ୍ର ଉପରେ ପଡେ ସନ୍ତୋଷଜନକ ପ୍ରଭାବ। ନିଜ ଦୈନନ୍ଦିନ ଜୀବନଶୈଳୀରେ ଯୋଗକୁ ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଗ୍ରହଣ କରିନେଲେ ସମସ୍ତଙ୍କର ସ୍ୱାସ୍ଥ୍ୟ ଯେ ଅତୁଟ ରହିପାରିବ, ଏହା ନିଃସନ୍ଦେହ।



**–ଡା. ନିତ୍ୟାନନ୍ଦ ସ୍ୱାଇଁ,**
'ଅଭୀପ୍‌ସା', ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡାନାସୀ, କଟକ, ମୋ: ୮୩୨୮୯୭୫୧୧୮

## ଯୋଗ ଏକ କଳା

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ବିକଳ୍ପ। ଜଣଙ୍କର ଯେତେ ଶାରୀରିକ ସାମର୍ଥ୍ୟ ଥିଲେ ମଧ୍ୟ ମାନସିକ ସ୍ତରରେ ସେ ସୁସ୍ଥ ରହିବା ନିହାତି ଜରୁରୀ। ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ନିଜକୁ ସୁସ୍ଥ ରଖିବା ପାଇଁ ଏକ ସହଜ ତଥା ସରଳ ଉପାୟ ଅବଲମ୍ବନ କରିପାରନ୍ତି। କାରଣ ଏହି ଉପାୟଟି ବର୍ତ୍ତମାନ ବେଶ୍ ଆଦୃତ ହୋଇସାରିଛି। ତାହା ହେଲା ଯୋଗ। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରିଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।



## ସକାରାତ୍ମକ ମାନସିକତା ଓ ଯୋଗ

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ନୀରୋଗ ରହିବାର ସହଜ ଉପାୟ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



# ସଙ୍ଗୀତର ଲୋକପ୍ରିୟତା ବଢ଼ାଉଛି ସୋସିଆଲ ମିଡିଆ

ଏବେ ଓଡ଼ିଆ ସଙ୍ଗୀତ କେବଳ ଓଡ଼ିଶାରେ ସୀମିତ ହୋଇନାହିଁ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବା ସହ ଲୋକଙ୍କ ହୃଦୟ ଜିଣୁଛି। ଗୀତକୁ ନ ବୁଝିଲେ ବି ଉପଭୋଗ କରୁଛନ୍ତି। ଏ କ୍ଷେତ୍ରରେ ସୋସିଆଲ ମିଡିଆ ବଡ଼ ଭୂମିକା ନେଉଛି। ବିଶେଷକରି ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ରିଲ୍ସ ମାଧ୍ୟମରେ ରାଜ୍ୟ ତଥା ଦେଶବିଦେଶର ପ୍ରତିଷ୍ଠିତ ଇନଫ୍ଲୁଏନ୍ସରମାନେ ଓଡ଼ିଆ ଗୀତକୁ ଭିନ୍ନଭିନ୍ନ ଢଙ୍ଗରେ ପରିବେଷଣ କରୁଛନ୍ତି। ଫଳରେ ଏହାର ଲୋକପ୍ରିୟତା ବଢ଼ିବା ସହ ଓଡ଼ିଶାର ଗୌରବ ବୃଦ୍ଧି ପାଉଛି। ସେହିପରି ଏବେ ଅନେକ ଓଡ଼ିଆ ଗୀତରେ ହିନ୍ଦୀ ଭାଷାର ପ୍ରୟୋଗ ବହୁତ କମ୍ ହେଉଛି। ଖାଣ୍ଟି ଓଡ଼ିଆ ଭାଷାରେ ପ୍ରସ୍ତୁତ ଗୀତ ବେଶି ଲୋକପ୍ରିୟତା ହାସଲ କରୁଛି। କହିବାକୁ ଗଲେ, ସୋସିଆଲ ମିଡିଆ ପାଇଁ ଓଡ଼ିଆ ସଙ୍ଗୀତ ଦୁନିଆରେ ପରିବର୍ତ୍ତନ ଆସିଛି। ମାତ୍ର ଏହାକୁ ନେଇ ବେଳେବେଳେ ବିତର୍କ ବି ହେଉଛି। ଶୁକ୍ରବାର ବିଶ୍ୱ ସଙ୍ଗୀତ ଦିବସ ପରିପ୍ରେକ୍ଷୀରେ ବର୍ତ୍ତମାନ ଓଡ଼ିଆ ସଙ୍ଗୀତର ସ୍ଥିତି ଓ ସୋସିଆଲ ମିଡିଆର ଭୂମିକାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

**– ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ**

### ଆଜି ବିଶ୍ୱ ସଙ୍ଗୀତ ଦିବସ



### ଭଲ ଗୀତର ତର୍ଜମା ହେଲେ ସଙ୍ଗୀତର ମାନ ଆହୁରି ବଢ଼ିବ



ପ୍ରତି ୨୫ବର୍ଷରେ ଥରେ ଟେକ୍ନୋଲୋଜିର ଆଖିଦୃଶିଆ ପରିବର୍ତ୍ତନ ଆସିଥାଏ। ତେଣୁ ଖୁସିର କଥା, ବର୍ତ୍ତମାନର ଟେକ୍ନୋଲୋଜି ପାଇଁ ଅନ୍ତତଃ ପକ୍ଷେ ଗୀତକୁ ସଂଗୃହୀତ କରି ରଖି ହେଉଛି, ଯାହା ଆଗରୁ ହୋଇପାରୁ ନ ଥିଲା। ସବୁ ଗୀତ ବାହାରେ ପହଞ୍ଚି ପାରୁନି। କେତେକ ପହଞ୍ଚୁଛି, ଯାହାର ଅଧିକ ଲୋକପ୍ରିୟତା ରହୁଛି ବୋଲି ଧରି ନେବାକୁ ହେବ। ମାତ୍ର ଅକ୍ଷୟ ମହାନ୍ତିଙ୍କ ପରେ ଓଡ଼ିଆ ସଙ୍ଗୀତ ଜଗତରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବା ଆଜି ବି ସମ୍ଭବ ହୋଇପାରିନି। ଏହାର ଅର୍ଥ ଆମ ସଙ୍ଗୀତ ଜଗତ କହିଲେ, ସେହି ୮୦ ଦଶକକୁ ବୁଝାଉଛି। ସୋସିଆଲ ମିଡିଆରେ ଗୀତଟି ଖରାପ ହେଲେ ଯେତିକି ବିଶ୍ଳେଷଣ ହେଉଛି, ଭଲ ଲାଗିଲେ ଯଦି ତାହାର ତର୍ଜମା କରାଯାଆନ୍ତା ତା'ହେଲେ ସଙ୍ଗୀତର ମାନ ଆହୁରି ବୃଦ୍ଧି ପାଆନ୍ତା। ଆଜିକାଲିର ଗୀତ କହିଲେ, ଯୁବପିଢ଼ି ଇନ୍‌ଷ୍ଟାଗ୍ରାମ ରିଲ୍ସରେ ୩୦ରୁ ୯୦ ସେକେଣ୍ଡ ଭିତରେ ଆସୁଥିବା ଧାଡ଼ିଗୁଡ଼ିକୁ ବୁଝନ୍ତି। ମାତ୍ର ପୂରା ଗୀତ କେହି ଶୁଣିଥିବେ କି ନାହିଁ ସନ୍ଦେହ। ତେଣୁ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମ ପରିପ୍ରେକ୍ଷୀ ନ ହୋଇ ଭାଷା, ସାହିତ୍ୟ ସହ ଜଡ଼ିତ ହେବା ସହ ସହଜ ଓ ସରଳ ହେଲେ ଶ୍ରୋତାଙ୍କ ମନକୁ ଆହୁରି ଛୁଇଁ ପାରିବ।

**- ସୁମିତ ପଣ୍ଡା, ଗୀତିକାର**

### ନବାଗତଙ୍କୁ ପ୍ଲାଟ୍‌ଫର୍ମ ଦେଇଛି ସୋସିଆଲ ମିଡିଆ



ସୋସିଆଲ ମିଡିଆର ପାୱାର୍ ବହୁତ ବଢ଼ିଯାଇଛି। ପୂର୍ବଠାରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ହିଟ୍ ନ ହେବା ଗୀତ ବି ହିଟ୍ ହେଉଛି। ତେବେ ଏ କ୍ଷେତ୍ରରେ ନୂଆ ପିଢ଼ିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି। ତା' ହେଲେ ଯାଇ ଓଡ଼ିଆ ଗୀତ ଆହୁରି ଭଲ ହୋଇପାରିବ। ସେମାନେ ଏବେ ଭଲ କାମ କରୁଛନ୍ତି। ସୋସିଆଲ ମିଡିଆ ସେମାନଙ୍କୁ ଏକ ପ୍ଲାଟଫର୍ମ ଦେଇଛି, ଯାହାର ଲାଭ ସେମାନେ ଉଠାଉଛନ୍ତି ଏବଂ ଓଡ଼ିଆ ସଙ୍ଗୀତ ଶିଳ୍ପ ମଧ୍ୟ ପରିବ୍ୟାପ୍ତ ହେଉଛି।

**- ପ୍ରଶାନ୍ତ ପାଢ଼ୀ, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ**

### ଲୋକପ୍ରିୟତା ମିଳୁଛି, କିନ୍ତୁ ରିଲ୍ସ ଗୀତ ନିର୍ଦ୍ଦିଷ୍ଟ ସମୟସୀମାରେ ରହିଯାଉଛି



ସଙ୍ଗୀତର କିଛି ଭାଷାଗତ ପ୍ରତିବନ୍ଧକ ନ ଥାଏ। ଓଡ଼ିଆ ଗୀତର ସକ୍ଷମତା ସେତିକି ଅଛି ଯେ, ତାହା ଅନ୍ତର୍ଜାତୀୟ ସ୍ତରରେ ଶ୍ରୋତାଙ୍କୁ ବାନ୍ଧି ରଖିପାରିବ। ଇନ୍‌ଷ୍ଟାଗ୍ରାମରେ ଲାର୍ଜର ଅଡିଏନ୍ସ ରହୁଥିବାରୁ ଯେଉଁଗୀତ ଭଲ ଲାଗୁଛି, ତାହା ବାହାରେ ଭଲ ଲୋକପ୍ରିୟତା ପାଇପାରୁଛି। ମୋର ମଧ୍ୟ ବ୍ୟକ୍ତିଗତ ଅନୁଭବ କି ମୋତେ ଇନ୍‌ଷ୍ଟାଗ୍ରାମ ହିଁ ଗୋଟେ ପ୍ଲାଟଫର୍ମ ଦେଲା, ଯେଉଁଥିପାଇଁ ଆଜି ଶ୍ରୋତାଙ୍କୁ ମୋ ଗୀତ ଶୁଣାଇବାର ସୁଯୋଗ ପାଇପାରିଲି। ସାମାଜିକ ଗଣମାଧ୍ୟମ ହିଁ ଆଜି ଲୋକଙ୍କ ପାଖରେ ମୋତେ ପହଞ୍ଚାଇଛି। ଗୋଟେ କ୍ରିଏଟର୍ ସବୁବେଳେ ଚାହେଁ, ତା'ର କାମକୁ ପରିଶ୍ରମ ଅନୁସାରେ ଫଳ ମିଳୁ। ମାତ୍ର ରିଲ୍ସ ଦ୍ୱାରା ଅନେକ ସମୟରେ ଗୀତଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରହିଯାଉଛି।

**- ମୃଣ୍ମୟ ମନୋରଞ୍ଜନ ସୁନ୍ଦରରାୟ, କଣ୍ଠଶିଳ୍ପୀ**

### ଭବିଷ୍ୟତରେ ବଡ଼ ସମସ୍ୟା ଉପୁଜିପାରେ



ଯୁଗ ସହ ବଦଳୁଛି ସଙ୍ଗୀତ ଦୁନିଆ। ସୋସିଆଲ ମିଡିଆ ଆସିବା ପରେ ମ୍ୟୁଜିକର ଅନେକ ପରିବର୍ତ୍ତନ ଆସିଛି। ଏବେ ଶ୍ରୋତାଙ୍କ ପାଖେ ଗୀତ ପହଞ୍ଚାଇବା ବହୁତ ସହଜ ହୋଇଯାଇଛି। ଅନେକ ନୂଆ ପିଲା ସୁଯୋଗ ପାଉଛନ୍ତି। ଏଥିସହ ଯେଉଁ ଓଡ଼ିଆ ଗୀତ ରିଲ୍ସରେ ପପୁଲାର ହୋଇଯାଉଛି, ଶ୍ରୋତା ତା'ର ୟୁଟ୍ୟୁବ୍ ଲିଙ୍କକୁ ଯାଇ ବହୁତ ଭଲ ପାଇବା ଦେଉଛନ୍ତି। କିନ୍ତୁ ଏହା ଦ୍ୱାରା ଗୀତିକାରଙ୍କ ଉପରେ ପ୍ରଭାବ ପଡୁଛି। ଏଥିସହ ପ୍ରଯୋଜକ ବା ନିର୍ଦ୍ଦେଶକଙ୍କୁ ସେମିତି ଗୀତ ଅର୍ଡର ଆସୁଛି, ଯାହା ଭାଇରାଲ ହୋଇପାରୁଥିବ। ଫଳରେ ଭଲ ଗୀତଗୁଡ଼ିକର ଚାହିଦା କମିଯାଉଛି। ଏହା ଭବିଷ୍ୟତରେ ଏକ ବଡ଼ ସମସ୍ୟା ସାଜିପାରେ।

**- ସ୍ମିତ ପଟ୍ଟନାୟକ, ଗୀତିକାର**

# ଚିପ୍ସ ପ୍ୟାକେଟ୍‌ରେ ମଲା ବେଙ୍ଗ

**ଜାମନଗର:** ମୁମ୍ବାଇରେ ଏକ ଆଇସ୍‌କ୍ରିମରୁ ମଣିଷର ଆଙ୍ଗୁଠି ମିଳିବାର କିଛି ଦିନ ପରେ ଏକ ସମାନ ମାମଲା ଗୁଜରାଟରେ ଦେଖିବାକୁ ମିଳିଛି। ଜାମନଗର ସହରର ଏକ ଦୋକାନରୁ ଜସ୍ମିନ ପଟେଲ(୨୩) ନାମ୍ନୀ ଜଣେ ଯୁବତୀ ଓ ତାଙ୍କ ପୁତୁରା(୪) ବୁଧବାର ଏକ ଚିପ୍ସ ପ୍ୟାକେଟ୍ କିଣିଥିଲେ। ତେବେ ଘରକୁ ଯାଇ ଦେଖିବା ପରେ ଏହି ଚିପ୍ସ ପ୍ୟାକେଟ ମଧ୍ୟରେ ସେମାନେ ଏକ ମଲା ବେଙ୍ଗ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଉକ୍ତ ମଲା ବେଙ୍ଗଟି ପ୍ୟାକେଟ ମଧ୍ୟରେ ସମ୍ପୂର୍ଣ୍ଣ ପଚି ଯାଇଥିବା ଜସ୍ମିନ କହିଛନ୍ତି। ପରେ ଯୁବତୀଙ୍କ ଅଭିଯୋଗ ପରେ ଗୁରୁବାର ଜାମନଗର ନଗର ନିଗମ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି ଓ ଜାମନଗର ନଗର ନିଗମ କମିଶନରଙ୍କ ପକ୍ଷରୁ ଉକ୍ତ ଆଳୁ ଚିପ୍ସ ଉତ୍ପାଦନକାରୀ କମ୍ପାନୀକୁ ନୋଟିସ ଜାରି ହୋଇଥିବା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଡି.ବି. ପରମାର ସୂଚନା ଦେଇଛନ୍ତି।



# 'ମିର୍ଜାପୁର ୩'ର ଟ୍ରେଲର ରିଲିଜ୍




**ମୁମ୍ବାଇ:** ଅଭିନେତା ପଙ୍କଜ ତ୍ରିପାଠୀଙ୍କ ପ୍ରସିଦ୍ଧ ୱେବ୍ ସିରିଜ୍ 'ମିର୍ଜାପୁର ୩'କୁ ପ୍ରଶଂସକମାନେ ଅନେକ ଦିନ ଧରି ଅପେକ୍ଷା କରି ରହିଛନ୍ତି। ଗୁରୁବାର ଏହି ୱେବ୍ ସିରିଜ୍‌ର ଟ୍ରେଲର ରିଲିଜ୍ ହୋଇଛି। ଗତ ସିଜନ ଭଳି ଚଳିତ ସିଜନ୍‌ରେ ମଧ୍ୟ ମିର୍ଜାପୁରର ଚୌକି ପାଇଁ ଲଢ଼େଇ ଦେଖିବାକୁ ମିଳିବ ବୋଲି ଏହି ଟ୍ରେଲରରୁ ଜଣାପଡ଼ିଛି। ତେବେ ପୂରା ଟ୍ରେଲରରେ ପଙ୍କଜ ତ୍ରିପାଠୀ ଶେଷ କିଛି ସେକେଣ୍ଡ୍‌ରେ ନଜର ଆସିଛନ୍ତି। ଟ୍ରେଲରରେ ପଙ୍କଜଙ୍କ ଜବରଦସ୍ତ ଏଣ୍ଟ୍ରି ପ୍ରଶଂସକଙ୍କୁ ମତୁଆଲା କରିବାକୁ ସକ୍ଷମ ହୋଇଛି। ସେହିପରି ଏହି ଟ୍ରେଲରରେ ଜବରଦସ୍ତ ସଂଳାପ ମଧ୍ୟ ରହିଥିବା ଅନେକ ସିନେ ସମୀକ୍ଷକ କହିଛନ୍ତି।

'ମିର୍ଜାପୁର ୩'ରେ ଅଭିନେତା ଅଲି ଫଜଲଙ୍କୁ ଗତ ସିଜନଠାରୁ ଆହୁରି ଅଧିକ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ସେହିପରି ଚଳିତ ସିଜନରେ ଇଶା ତଲୱାର ଏବଂ ଅଞ୍ଜୁମ ଶର୍ମାଙ୍କ ଚରିତ୍ର ମଧ୍ୟ ଗତ ସିଜନଠାରୁ ଶକ୍ତିଶାଳୀ ରହିବ। ସେହିପରି ରସିକା ଦୁଗ୍ଗଲଙ୍କ ଚରିତ୍ର ମଧ୍ୟ ଏହି ସିରିଜର କାହାଣୀରେ ଅନେକ ମୋଡ଼ ଆଣିବାକୁ ଯାଉଛି। ଟ୍ରେଲର ଦେଖିବା ପରେ ଏହି ସିରିଜର କାହାଣୀରେ ଦେଖିବା ଅତ୍ୟନ୍ତ ମଜାଦାର ହେବ ବୋଲି ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।

ପୂର୍ବରୁ ମିର୍ଜାପୁରର ଉଭୟ ସିଜନକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି। ଉଭୟ ସିଜନରେ ଅଭିନେତା ଦିବ୍ୟେନ୍ଦୁ ଶର୍ମା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଥିଲେ। ତାଙ୍କ ଚରିତ୍ର ମୁନ୍ନା ଭୈୟା ପ୍ରଶଂସକଙ୍କୁ ଅପାର ମନୋରଞ୍ଜନର ଖୋରାକ ଯୋଗାଇଥିଲା। ତେବେ ମିର୍ଜାପୁରର ଦ୍ୱିତୀୟ ସିଜନର ଶେଷରେ ମୁନ୍ନା ଭୈୟାଙ୍କ ହତ୍ୟା ହୋଇଯାଇଥିବାରୁ ତୃତୀୟ ସିଜନରେ ଆଉ ଦିବ୍ୟେନ୍ଦୁ ଶର୍ମାଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଏହି ସିରିଜ୍‌ରେ ପ୍ରଶଂସକମାନେ ତାଙ୍କର ଅନୁପସ୍ଥିତିକୁ ଅନୁଭବ କରିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅଭିନେତା ପଙ୍କଜ ତ୍ରିପାଠୀ ଚଳିତ ସିଜନରେ ଗତ ସିଜନ ଭଳି କାଲିନ୍ ଭୈୟା ଭୂମିକାରେ ନଜର ଆସିବେ। ପୁଣି ଥରେ ତାଙ୍କର ନିଖୁଣ ଅଭିନୟ ଦେଖିବାକୁ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଜୁଲାଇ ୫ରେ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେବାକୁ ଥିବା 'ମିର୍ଜାପୁର ୩' ୱେବ୍ ସିରିଜରେ ପଙ୍କଜ ତ୍ରିପାଠୀଙ୍କ ବ୍ୟତୀତ ଅଲି ଫଜଲ, ରସିକା ଦୁଗ୍ଗଲ, ଶିବ୍ ଚଢ଼ା, ରାଜେଶ ତୈଲାଙ୍ଗ, ବିଜୟ ବର୍ମା, ଶ୍ୱେତା ତ୍ରିପାଠୀ, ଇଶା ତଲୱାର ଏବଂ ଅଞ୍ଜୁ ଶର୍ମା ଭଳି ତାରକା ନଜର ଆସିବେ।


# ଜାତୀୟ ସନ୍ତରଣରେ ଓଡ଼ିଶାର ଚମକ

ଓଡ଼ିଶାରେ ଏବେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ଏହାର ଫଳ ସ୍ୱରୂପ ଏଠାରେ କ୍ରମାଗତଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ମାନ ଆୟୋଜନ ହେଉଛି। କେବଳ ସେତିକି ନୁହେଁ ଏହି ଅତ୍ୟାଧୁନିକ ଭିତ୍ତିଭୂମିରେ ଅଭ୍ୟାସ କରିବାଦ୍ୱାରା ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିଛି। ନିକଟରେ ଅନୁଷ୍ଠିତ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରୁ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ୨ୟ ସଂସ୍କରଣ ୩ ଦିନଧରି ଜୁନ୍ ୧୦ରୁ ୧୨ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାର ଅନେକ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ବାହାର ରାଜ୍ୟର ସନ୍ତରଣକାରୀଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ। ଏଥିରୁ କେତେକରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିଲେ ଓଡ଼ିଶା କ୍ରୀଡ଼ାବିତ୍। ପ୍ରତିଯୋଗିତାରେ ଓଡ଼ିଶା ସନ୍ତରଣ ପ୍ରତିଭାଙ୍କୁ ମୋଟ ୧୭ଟି ପଦକ ମିଳିଥିଲା। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସାମିଲ। କେବଳ ମହିଳା ସୁଇମରମାନେ ୧୫ଟି ପଦକ ଜିତି ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ। ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରୁ ଅଭିନବ ସିଂଙ୍କୁ ୨ଟି ବ୍ରୋଞ୍ଜ ପଦକ ମିଳିଥିଲା।

ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ସ୍ୱର୍ଣ୍ଣ ପଦକ ଦୃଷ୍ଟିରୁ ଅଧିକ ସଫଳ ରହିଥିଲେ ସୃଷ୍ଟି ଉପାଧ୍ୟାୟ। ସେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମାତ୍ର ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ସବୁଠାରୁ ଅଧିକ ପଦକ ହାସଲ କରିଥିଲେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ। ସେ ୩ ରୌପ୍ୟ ଓ ୨ ବ୍ରୋଞ୍ଜ ଏହିପରି ମୋଟ ୫ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣିମ ସଫଳତାକୁ ବିଚାରକୁ ନେଲେ ମନ୍ନତା ମିଶ୍ର ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ପ୍ରତ୍ୟାଶା ରାୟ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସୋନିଆ ପଟେଲ ଗୋଟିଏ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲେ।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରି ଷ୍ଟାଇଲରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ପାଇଥିଲେ। ଦ୍ୱିତୀୟ ଦିବସରେ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ସ୍ୱର୍ଣ୍ଣ, ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ଦିବ୍ୟଙ୍କା ପ୍ରଧାନ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ, ୧୦୦ ମିଟର ଫ୍ରିଷ୍ଟାଇଲରେ ସୋନିଆ ପଟେଲ ଓ ୧୫୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ତୃତୀୟ ଦିବସରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ସ୍ୱର୍ଣ୍ଣ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୫୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ ରୌପ୍ୟ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ କମ୍ ବାଳକ ୪୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଥିଲେ।





ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ


ସୃଷ୍ଟି ଉପାଧ୍ୟାୟ

**କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧୭ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱର୍ଣ୍ଣିମ ସଫଳତା ଦୃଷ୍ଟିରୁ ସୃଷ୍ଟି ଉପାଧ୍ୟାୟ ଆଗରେ ରହିଥିବାବେଳେ ସଂଖ୍ୟା ଦୃଷ୍ଟିରୁ ୫ ପଦକ ଜିତି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ। ମନ୍ନତା ମିଶ୍ର, ପ୍ରତ୍ୟାଶା ରାୟ, ସୋନିଆ ପଟେଲ ଓ ଅଭିନବ ସିଂ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି।**

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

## କାହାକୁ କେତେ ପଦକ

**ସୃଷ୍ଟି ଉପାଧ୍ୟାୟ (୩ ସ୍ୱର୍ଣ୍ଣ)**
ମହିଳା ୨୦୦ ମିଟର ବଟରଫ୍ଲାଏ (୨:୨୬.୧୮ ସେକେଣ୍ଡ)
ମହିଳା ୧୦୦ ମିଟର ବଟରଫ୍ଲାଏ (୧:୦୩.୪୮ ସେକେଣ୍ଡ)
ମହିଳା ୫୦ ମିଟର ବଟରଫ୍ଲାଏ (୨୯.୩୨ ସେକେଣ୍ଡ)

**ମନ୍ନତା ମିଶ୍ର (୨ ସ୍ୱର୍ଣ୍ଣ, ୧ ରୌପ୍ୟ)**
୧୮ ବର୍ଷରୁ କମ୍ ବାଳିକା ୧୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୧:୧୪.୭୧ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୨:୪୦.୩୮ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବ୍ୟାକ୍‌ଷ୍ଟ୍ରୋକ୍ (୩୪.୬୫ ସେକେଣ୍ଡ)

**ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୩ ରୌପ୍ୟ, ୨ ବ୍ରୋଞ୍ଜ)**
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବଟରଫ୍ଲାଏ (୨:୨୯.୪୫ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୧୦୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୧:୧୬.୧୦ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୨୦୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୨:୪୮.୪୪ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବ୍ରେଷ୍ଟଷ୍ଟ୍ରୋକ୍ (୩୫.୦୯ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳିକା ୫୦ ମି. ବଟରଫ୍ଲାଏ (୧:୦୭.୧୧ ସେକେଣ୍ଡ)

**ପ୍ରତ୍ୟାଶା ରାୟ (୨ ରୌପ୍ୟ, ୧ ବ୍ରୋଞ୍ଜ)**
ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ (୨:୧୪.୫୯ ସେକେଣ୍ଡ)
ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ (୧:୦୭.୦୨ ସେକେଣ୍ଡ)
ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ (୪:୪୫.୩୪ ସେକେଣ୍ଡ)

**ଅଭିନବ ସିଂ (୨ ବ୍ରୋଞ୍ଜ)**
୧୮ ବର୍ଷରୁ କମ୍ ବାଳକ ୧୫୦୦ମି. ଫ୍ରିଷ୍ଟାଇଲ (୧୮:୪୨.୩୩ ସେକେଣ୍ଡ)
୧୮ ବର୍ଷରୁ କମ୍ ବାଳକ ୪୦୦ମି. ଫ୍ରିଷ୍ଟାଇଲ (୪:୪୧.୨୦ ସେକେଣ୍ଡ)

**ସୋନିଆ ପଟେଲ (୧ ବ୍ରୋଞ୍ଜ)**
ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ (୧:୦୧.୭୩ ସେକେଣ୍ଡ)

## ପଦକ ବିଜୟିନୀଙ୍କ କ୍ୟାରିୟର

**ପ୍ରତ୍ୟାଶା ରାୟ:** ବିଶ୍ୱବିଦ୍ୟାଳୟସ୍ତରୀୟ ହେଉ କିମ୍ବା ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତ୍ୟାଶା ରାୟ ଓଡ଼ିଶା ସନ୍ତରଣରେ ଏକ ଚର୍ଚ୍ଚିତ ଚେହେରା। ଚାରୁଶ୍ରୀ ବେହୁରା ଓ ରଜତ କୁମାର ରାୟଙ୍କ କନ୍ୟା ପ୍ରତ୍ୟାଶା ରାଜ୍ୟ ସ୍ତରରେ ଚମକ ସୃଷ୍ଟି କରିବାପରେ ୨୦୧୪ରେ ଜାତୀୟ ପଦାର୍ପଣ କରିଥିଲେ। ଇନ୍ଦୋରରେ ଅନୁଷ୍ଠିତ ସବ୍-ଜୁନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୫୦ ମିଟ୍ ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରଠାରୁ ସେ ଆଉ ପଛକୁ ଫେରି ଚାହିନାହାନ୍ତି। ଜାତୀୟ ସ୍ତରରେ ଇତିମଧ୍ୟରେ ପାଖାପାଖି ଦୁଇ ଡଜନ ପଦକ ଜିତି ସାରିଥିବା ପ୍ରତ୍ୟାଶା ୨୦୧୬ରେ ଅନ୍ତର୍ଜାତୀୟ ପଦାର୍ପଣରେ ସଫଳ ହୋଇଥିଲେ। ସେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ନିଜ ଅନ୍ତର୍ଜାତୀୟ ପଦାର୍ପଣକୁ ସ୍ମରଣୀୟ କରି ଦେଇଥିଲେ। ୨୦୨୩ରେ ବ୍ୟାଙ୍କକ୍‌ର ଆସୁମ୍ପସନ ୟୁନିଭର୍ସିଟି ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଥାଇଲାଣ୍ଡ ଏଜ୍‌ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତି ସେ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ବରଗଡ଼ ଜିଲା ସରବୁଲ ଗ୍ରାମ ବାସିନ୍ଦା ପ୍ରତ୍ୟାଶା ସମ୍ପ୍ରତି ପରିବାର ସହ ଭୁବନେଶ୍ୱରରେ ରହୁଛନ୍ତି ଏବଂ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଛନ୍ତି।

**ସୃଷ୍ଟି ଉପାଧ୍ୟାୟ:** ପଶ୍ଚିମବଙ୍ଗ ରାଜ୍ୟର କୋଲକାତା ବାସିନ୍ଦା ସୃଷ୍ଟି ଉପାଧ୍ୟାୟ ସମ୍ପ୍ରତି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଥିବାରୁ ୨୦୨୧-୨୨ରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ତାଙ୍କ ମା'ଙ୍କ ନାମ ସଞ୍ଜୁକ୍ତା ଓ ବାପା ତରୁଣ କୁମାର ଉପାଧ୍ୟାୟ। ଏଚ୍‌ପିସିରେ ଟ୍ରେନିଂ ନେଇ ସେ ଇତିମଧ୍ୟରେ ଅନ୍ତର୍ଜାତୀୟ ପଦାର୍ପଣ ମଧ୍ୟ କରିସାରିଛନ୍ତି। ଏହି ପଦାର୍ପଣ ତାଙ୍କପାଇଁ ସ୍ମରଣୀୟ ମଧ୍ୟ ହୋଇଛି। ୨୦୨୩ ଏପ୍ରିଲ ୧୦ ଓ ୧୧ରେ ବ୍ୟାଙ୍କକ୍‌ର ଆସୁମ୍ପସନ ୟୁନିଭର୍ସିଟି ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଥାଇଲାଣ୍ଡ ଏଜ୍‌ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦, ୧୦୦ ଓ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ୩ଟି ବ୍ରୋଞ୍ଜ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ସେ ସମସ୍ତ ୩ଟି ଯାକ ବଟରଫ୍ଲାଏ ଏବଂ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଶ୍ରେଷ୍ଠ ଟାଇମିଂ ଦେବାରେ ମଧ୍ୟ ସକ୍ଷମ ହୋଇଥିଲେ। ଜାତୀୟ ସ୍ତରରେ ଡଜନରୁ ଊର୍ଦ୍ଧ୍ୱ ପଦକ ଜିତି ସାରିଥିବା ସୃଷ୍ଟି ୨୦୨୩ରେ ଗୋଆର ପଞ୍ଜିମଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ାର ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟପାଇଁ ଇତିହାସ ସୃଷ୍ଟି କରିଥିଲେ। ଜାତୀୟ କ୍ରୀଡ଼ାରେ ସୁଇମିଂ ଇଭେଣ୍ଟରେ ଓଡ଼ିଶାପାଇଁ ଏହାଥିଲା ସର୍ବପ୍ରଥମ ପଦକ। ସେ ସେଠାରେ ୪x୧୦୦ ମିଟର ମିଡ୍‌ଲେ ରିଲେରେ ମଧ୍ୟ ବ୍ରୋଞ୍ଜ ଜିତିଥିଲେ। ଏବେ ସେ ଭୁବନେଶ୍ୱର ଏବଂ ଓଡ଼ିଶା ପାଇଁ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଛନ୍ତି।

**ମନ୍ନତା ମିଶ୍ର:** ଭୁବନେଶ୍ୱରର ମନ୍ନତା ମିଶ୍ର ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିବାପରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ୨୦୨୪ ଫେବୃୟାରୀରେ ସେ ନୂଆଦିଲ୍ଲୀର ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ପ୍ରଥମ ବିଆଇଏମ୍ଏସ୍‌ଟିଇସି (ବେ ଅଫ୍ ବେଙ୍ଗଲ ଇନସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ହେଉଛି ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ପ୍ରଥମ ପଦକ। ରାଜ୍ୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଚମକ ଦେଖାଇଥିବା ମନ୍ନତା ଜାତୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଦର୍ଶନ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମା' ସୋମା ମିଶ୍ର ଓ ବାପା ମନୋଜ ମିଶ୍ରଙ୍କ ଏହି ଲଳନା ୨୦୧୭ରେ ପ୍ରଥମେ ଜାତୀୟ ପ୍ରତିଯୋଗିତାରେ ପାଦ ଦେଇଥିଲେ। ୨୦୧୯ରେ ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ସିବିଏସ୍‌ଇ ନ୍ୟାଶନାଲ ସୁଇମିଂ ଚାମ୍ପିୟନଶିପ୍‌ର ୧୯ ବର୍ଷରୁ କମ୍ ବାଳିକା ୫୦ ଓ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତି କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ।

**ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ:** ଅନ୍ତର୍ଜାତୀୟ ସ୍ତରରେ ପାଦ ଥାପି ନ ଥିଲେ ମଧ୍ୟ ଭୁବନେଶ୍ୱରର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ ସନ୍ତରଣକାରୀଭାବେ ବେଶ୍ ପରିଚିତ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ସେ ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ପଦାର୍ପଣରେ ସେ ଚମକ ଦେଖାଇ ୫ ପଦକ ହାସଲ କରିଛନ୍ତି। ଖେଲୋ ଇଣ୍ଡିଆ ସମେତ ବିଭିନ୍ନ ଏଜ୍‌ଗ୍ରୁପ୍ ପ୍ରତିଯୋଗିତାରେ ସେ ସଫଳତା ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଅଭ୍ୟାସ କରୁଛନ୍ତି।

**ସୋନିଆ ପଟେଲ:** ସମ୍ବଲପୁରର ସୋନିଆ ପଟେଲ ହେଉଛନ୍ତି ରାଜ୍ୟର ଅନ୍ୟତମ ପରିଚିତ ସନ୍ତରଣ ପ୍ରତିଭା। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରିବାପରେ ୨୦୨୩ରେ ଜାତୀୟ ପଦାର୍ପଣରେ ଗୋଆର ପଞ୍ଜିମଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ାର ୪x୧୦୦ ମିଟର ମିଡ୍‌ଲେ ରିଲେରେ ବ୍ରୋଞ୍ଜ ପଦକ ଜିତି କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ। ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ଭଲ ପ୍ରଦର୍ଶନ କରିଆସିଛନ୍ତି। ସେ ଏବେ କଳିଙ୍ଗ ଷ୍ଟାଡିୟମରେ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି।


ପ୍ରତ୍ୟାଶା ରାୟ, ମନତା ମିଶ୍ର, ସୋନିଆ ପଟେଲ ଓ ସୃଷ୍ଟି ଉପାଧ୍ୟାୟ।

## ଇଚ୍ଛାଶକ୍ତି

ଆର୍ମେନିଆଠାରେ ଟାଇଟଲ ଜିତି
ଗ୍ରାଣ୍ଡମାଷ୍ଟର ଏରିଗାସି
ଆଭାଙ୍ଗାନ ମେମୋରିଆଲ ଚେସ୍‌ରେ
ମ୍ୟାଚ ଡ୍ର' କଲା ବସି
ପେଟ୍ରୋସ୍ୟାନ ଗଲା ଖସି
ସର୍ବୋଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଏଠାରେ
ରେକର୍ଡ କରିଛି ହସି।



ଭାରତୀୟ ଜାଭେଲିନ
ଥ୍ରୋୟର ନୀରଜ
ଥୟ କରି ଦେହ ମୁଣ୍ଡ
ଫିନ୍‌ଲାଣ୍ଡ ପାଭୋ ନୁର୍ମି ଗେମ୍ସରେ
ଗୋଲ୍ଡେନ ପାଇ ସେ ଷଣ୍ଢ
ଓଡ଼ିଶା ପ୍ରତୀକ ଧଣ୍ଡ
ସୁନା ପୁଅ ବୋଲି ଚହଳ ପଡ଼ଇ
ସହରଠୁ ଗାଁ ଦାଣ୍ଡ।

ଟି୨୦ କ୍ରିକେଟ ବିଶ୍ୱକପରେ
ଉଗାଣ୍ଡା ମାରିଛି ବାଜି
ୱାର୍ଲ୍ଡ କପ୍‌ରେ ଏ ହିଷ୍ଟୋରିକାଲ ୱିନ୍
ଖେଳାଳି ଆଣିଲେ ଜୁଟି
ଇଚ୍ଛାଶକ୍ତି ବଳେ ଆଜି
ଶିକ୍ଷା ବୈଷୟିକ କ୍ରୀଡ଼ାରେ
ସେ ଲୋକ
ସଫଳତା ପାଏ ଭଜି।

–ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା



ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................

ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଲାଏନ୍ସ ଜିଓର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୦।୬

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ 'ରିଲାଏନ୍ସ ଜିଓ' ୨୦୨୪ ଏପ୍ରିଲ ମାସରେ ମଧ୍ୟ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଓଡ଼ିଶା ବଜାରରେ କମ୍ପାନୀ ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ତା'ର ଜୟଯାତ୍ରା ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲରେ ରିଲାଏନ୍ସ ଜିଓ ଓଡ଼ିଶାର ଉଭୟ ଓ୍ୱାରଲେସ ଏବଂ ଓ୍ୱାରଲାଇନ ସେବା କ୍ଷେତ୍ରରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ଏପ୍ରିଲ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧,୧୩,୧୮୬ ନୂଆ ମୋବାଇଲ ଉପଭୋକ୍ତା ଯୋଡ଼ିଥିବା ବେଳେ ଜିଓର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ଏହି ସମୟ ମଧ୍ୟରେ ମାତ୍ର ୮,୯୫୪ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଅପରପକ୍ଷରେ ଭୋଡାଫୋନ୍ ଆଇଡିଆ ଓ ବିଏସ୍ଏନ୍ଏଲ୍ ୨୦୨୪ ଏପ୍ରିଲ ମାସରେ ଓଡ଼ିଶାରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଏଥିସହ ୨୦୨୪ ଏପ୍ରିଲ ୩୦ ସୁଦ୍ଧା ଓଡ଼ିଶାରେ ଜିଓ ନେଟ୍ୱର୍କର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୩ କୋଟିରୁ ଅଧିକ ହୋଇଛି। ୨୦୨୪ ଏପ୍ରିଲ ମାସରେ ଓଡ଼ିଶାର ମୋବାଇଲ ଉପଭୋକ୍ତା ସଂଖ୍ୟାରେ ୧୪,୪୪୦ ବୃଦ୍ଧି ସହ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨୦୨୪ ଏପ୍ରିଲ ଶେଷ ସୁଦ୍ଧା ୩.୩୭ କୋଟିକୁ ବୃଦ୍ଧି ହୋଇଛି। ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ସେହିଭଳି ଜାତୀୟ ସ୍ତରରେ ମଧ୍ୟ ଜିଓ ୨୦୨୪ ଏପ୍ରିଲରେ ସର୍ବାଧିକ ୨୬.୮୭ ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ଯୋଡ଼ିଥିବା ଜଣାପଡ଼ିଛି।


## ଜନ୍ମଦିନ ଶୁଭେଚ୍ଛା



ମାମାଲି ମଧୁସ୍ମିତା ଦଳାଇ (ମାମା)
ତିରିମଲ୍ଲ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ନରୁଣେଇଁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ବାପା, ମା, ମହେନ୍ଦ୍ର ଅଙ୍କଲ୍, ଆଣ୍ଟି, ଶିବୁନା, ସୌମ୍ୟ (ଟୁଟୁ), ସୀମା, ପୁଅ
ଜୟ ଜଗନ୍ନାଥ
ଧ-୭୫୩୩୮


# ଆଇପିଓ ଲଞ୍ଚ୍ କରିବ ଓଲା

## ସେବିର ଅନୁମୋଦନ

ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)

ଇନିସିଆଲ ପବ୍ଲିକ ଅଫର (ଆଇପିଓ) ଆରମ୍ଭ କରିବା ପାଇଁ ଓଲା ଇଲେକ୍ଟ୍ରିକ ସିକ୍ୟୁରିଟି ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ରୁ ଅନୁମୋଦନ ଲାଭ କରିଛି। ଓଲା ଭାରତର ସର୍ବବୃହତ୍ ବୈଦ୍ୟୁତିକ ଦୁଇଚକିଆ ଉତ୍ପାଦନକାରୀ ସଂସ୍ଥା ହୋଇଥିବାବେଳେ ବେଙ୍ଗାଲୁରୁସ୍ଥିତ କମ୍ପାନୀ ଆଇପିଓ ପାଇଁ ରେଡ୍ ହେରିଙ୍ଗ ପ୍ରୋସ୍‌ପେକ୍ଟସ (ଡିଆର୍‌ଏଚ୍‌ପି) ଡ୍ରାଫ୍ଟ ୨୦୨୩ ଡିସେମ୍ବର ୨୨ରେ ସେବିରେ ଦାଖଲ କରିଥିଲେ। ଏହାସହ ସେବି ଆଇପିଓ ଲଞ୍ଚ କରିବା ପାଇଁ ଏମ୍‌କ୍ୟୋର ଫାର୍ମାସ୍ୟୁଟିକାଲ୍ସକୁ ମଧ୍ୟ ଅନୁମତି ଦେଇଛି। ଆଇପିଓ ଆଣିବା ପାଇଁ କମ୍ପାନୀ ଗତ ସପ୍ତାହରେ ଡିଆର୍‌ଏଚ୍‌ପି ଦାଖଲ କରିଥିଲା। ଡିଆର୍‌ଏଚ୍‌ପି ଅନୁଯାୟୀ, ଓଲା ଇଲେକ୍ଟ୍ରିକ ବିକ୍ରୟ ପାଇଁ ଅଫର ମାଧ୍ୟମରେ ୯.୫୨ ମିଲିୟନ ଶେୟାର ବିକ୍ରୟ କରିବାକୁ ଏବଂ ନୂତନ ଶେୟାର ପ୍ରଦାନ କରି ୫,୫୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ପ୍ରସ୍ତାବ ଦେଇଥିଲା। ଏହି କ୍ରମରେ କମ୍ପାନୀ ପ୍ରତିଷ୍ଠାତା ଭବଶ ଅଗ୍ରୱାଲ କେବଳ ୪.୭୩ କୋଟି ଶେୟାର ବିକ୍ରି କରିବାକୁ ଯାଉଛନ୍ତି। ଏମ୍‌କ୍ୟୋର୍ ଫାର୍ମାସ୍ୟୁଟିକାଲ୍ସ ୮୦୦ କୋଟି ଟଙ୍କା ମୂଲ୍ୟର ନୂତନ ଇକ୍ୱିଟି ଶେୟାର ପ୍ରଦାନ କରିବ ଏବଂ କମ୍ପାନୀର ନିବେଶକମାନେ ଓଏଫ୍ଏସ୍ ମାଧ୍ୟମରେ ୧.୩୬ କୋଟି ଇକ୍ୱିଟି ଶେୟାର ବିକ୍ରି କରିବେ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୦।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୪୧ (୧୪୧.୩୪) ପଏଣ୍ଟ ବଢି ୭୭,୪୭୯(୭୭,୪୭୮.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫୧(୫୧.୦୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୬୭ (୨୩,୫୬୭.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଅଙ୍କୁରା ହସ୍ପିଟାଲର ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟିତ



ଭୁବନେଶ୍ୱର,୨୦।୬ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଅଙ୍କୁରା ହସ୍ପିଟାଲ (ଓ୍ୱମେନ ଆଣ୍ଡ ଚାଇଲ୍ଡ କେୟାର ହସ୍ପିଟାଲ ଚେନ୍)ର ଭୁବନେଶ୍ୱର ଶାଖା ପରିସରରେ ଏକ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏଣ୍ଡୋମେଟ୍ରିଓସିସ୍ ଏବଂ ଲାପାରୋସ୍କୋପିକ୍ ସର୍ଜରି ପାଇଁ ଏହି ସେଣ୍ଟର ଆରମ୍ଭ ହୋଇଥିବାବେଳେ ଉନ୍ନତମାନର ସ୍ତ୍ରୀରୋଗ ଚିକିତ୍ସା ଯୋଗାଇଦେବା ପାଇଁ ଏହା ଉତ୍ସର୍ଗୀକୃତ ହୋଇଛି। ଏହି କେନ୍ଦ୍ର ଓଡ଼ିଶାର ମହିଳାମାନଙ୍କୁ ସର୍ବୋଚ୍ଚ ଗୁଣମାନର ଚିକିତ୍ସା ସେବା ପ୍ରଦାନ କରିବ ଓ ରୋଗୀମାନେ ଆବଶ୍ୟକ ସର୍ଜରି ସୁବିଧା ମଧ୍ୟ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଅଙ୍କୁରା ହସ୍ପିଟାଲର ଭୁବନେଶ୍ୱର ଶାଖା ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଅଙ୍କୁରା ହସ୍ପିଟାଲର ଆଡଭାନ୍ସଡ ଲାପାରୋସ୍କୋପି ଓ ଏଣ୍ଡୋମେଟିଓସିସ୍ ସର୍ଜରି ହେଡ୍ ଡା. ଜିଏସ୍ଏସ୍ ମହାପାତ୍ରଙ୍କ ସମେତ ଡା. ଗୁରୁପ୍ରସାଦ ଜି ଏବଂ ଡା.ବିଚିତ୍ରାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକ ସମ୍ମିଳନୀର ଆଭିମୁଖ୍ୟ ଓ ସେଣ୍ଟର ଅଫ୍ ଏକ୍ସଲେନ୍ସର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ସୂଚନା ପ୍ରଦାନ କରିଥିଲେ। ଏ ନେଇ ଡା. ଜିଏସ୍ଏସ୍ ମହାପାତ୍ର କହିଥିଲେ, ଏଠାରେ ଆମର ମା' ଓ ଶିଶୁ ମାନଙ୍କ ପାଇଁ ସବୁ ପ୍ରକାର ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ଏପରିକି ଏଠାରେ ଆମେ ପିଲାର ଜନ୍ମଠାରୁ ବିକାଶ ପର୍ଯ୍ୟନ୍ତ ସବୁ ପ୍ରକାର ସୁବିଧା ପ୍ରଦାନ କରିଥାଉ।

# ଇପିଏଫ୍‌ଓରେ ଯୋଡ଼ିହେଲେ ରେକର୍ଡ ସଂଖ୍ୟକ ସଦସ୍ୟ

ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ରେ ଏପ୍ରିଲ ମାସରେ ୧୮.୯୨ ଲକ୍ଷ ସଦସ୍ୟ ଯୋଡ଼ିହୋଇଛନ୍ତି। ଗୁରୁବାର ଇପିଏଫ୍‌ଓ ପକ୍ଷରୁ ପ୍ରକାଶିତ ବେତନ ତଥ୍ୟରେ ଦର୍ଶାଯାଇଛି ଯେ ୨୦୧୮ ପରଠାରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତବର୍ଷ ଏପ୍ରିଲରେ ସର୍ବାଧିକ ସଦସ୍ୟ ଯୋଡ଼ିହୋଇଛନ୍ତି। ମାର୍ଚ୍ଚ ତୁଳନାରେ ଚଳିତ ମାସରେ ସଦସ୍ୟଙ୍କ ସଂଖ୍ୟାରେ ୩୧.୨୯% ବୃଦ୍ଧି ହୋଇଛି। ପୂର୍ବ ବର୍ଷଗୁଡ଼ିକର ତଥ୍ୟ ବିଶ୍ଳେଷଣରୁ ଜଣାପଡିଛି ଯେ, ୨୦୨୩ ଏପ୍ରିଲ ତୁଳନାରେ ସଦସ୍ୟଙ୍କ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଛି। ତଥ୍ୟ ଦର୍ଶାଉଛି ଯେ ଏପ୍ରିଲ ୨୦୨୪ ମଧ୍ୟରେ ପ୍ରାୟ ୮.୮୭ ଲକ୍ଷ ନୂତନ ସଦସ୍ୟ ଯୋଡ଼ିହୋଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୋଟ ନୂତନ ସଦସ୍ୟଙ୍କ ମଧ୍ୟରୁ ୫୫.୫୦% ୧୮-୨୫ ବୟସ ବର୍ଗର କର୍ମଚାରୀ ଅଛନ୍ତି। ବିଶେଷକରି ପ୍ରଥମକରି ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସଂଖ୍ୟା ଅଧିକ ରହିଛି। ଅନ୍ୟପଟେ ଇପିଏଫ୍‌ଓରୁ ଓହରିଯାଇଥିବା ପ୍ରାୟ ୧୪.୫୩ ଲକ୍ଷ ସଦସ୍ୟ କର୍ମଚାରୀ ପୁନଃ ନିଯୁକ୍ତି ପାଇଥିବା ତଥ୍ୟରୁ ଜଣାପଡ଼ିଛି। ମାର୍ଚ୍ଚ ମାସ ତୁଳନାରେ ଏହି ଆକଳନ ୨୩.୧୫% ବୃଦ୍ଧି ହୋଇଛି। ନୂତନ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୨.୪୯ ଲକ୍ଷ ନୂତନ ସଦସ୍ୟ ମହିଳା । ମାସରେ ମହିଳା ସଦସ୍ୟ ଯୋଗ ପ୍ରାୟ ୩.୯୧ ଲକ୍ଷରେ ପହଞ୍ଚିଛି ଯାହାକି, ମାର୍ଚ୍ଚ ମାସ ତୁଳନାରେ ପ୍ରାୟ ୩୫.୦୬% ବୃଦ୍ଧି ଘଟିଛି।

## କେଏଫ୍‌ସିର କ୍ରିସ୍ପି ଡେଜ୍

ଭୁବନେଶ୍ୱର,୨୦।୬

ଦେଶର ଅଗ୍ରଣୀ ଫୁଡ ପ୍ଲାଟଫର୍ମ 'କେଏଫ୍‌ସି'ର ବହୁ ପ୍ରତୀକ୍ଷିତ ତଥା ସୀମିତ ଅବଧିର ଅଫର 'କ୍ରିସ୍ପି ଡେଜ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର୍ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ଉପଲବ୍ଧ। ଏହା ଜରିଆ ଗ୍ରାହକ ସ୍ୱତନ୍ତ୍ର ୪୦% ପର୍ଯ୍ୟନ୍ତ ରିହାତି ସହିତ ସଞ୍ଚୟ କରିପାରିବେ। ସେହିଭଳି କେଏଫ୍‌ସି ଫେଭରାଇଟ୍‌ଗୁଡିକରେ ଗ୍ରାହକ ୮ପିସର ସ୍ୱତନ୍ତ୍ର ହଟ୍ ଆଣ୍ଡ କ୍ରିସ୍ପି ଲେଗ୍ ପିସ୍ ପାଇପାରିବେ। ବିଶେଷ କରି ହଟ୍ ୱିଙ୍ଗସ୍‌ର ମୂଲ୍ୟ କେବଳ ୨୯୯ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ୪୯୯ ଟଙ୍କାରୁ ଆରମ୍ଭ ହେଉଥିବା ଅନ୍‌ଲିମିଟେଡ ପେପ୍‌ସି ଜିରୋ ସୁଗାର ରିଫିଲ୍ସ ସହ ହଟ୍ ଆଣ୍ଡ କ୍ରିସ୍ପି ଲେଗ୍ ପିସ୍, ହଟ୍ ୱିଙ୍ଗସ୍ ଏବଂ ନରମ ଓ ଜୁସି ପେରି ପେରି ଷ୍ଟ୍ରିପ୍ ଭଳି ସିଗ୍ନେଚର ମେନ୍ୟୁ ଆଇଟମ ସହିତ ଏକ କ୍ରିସ୍ପି ମିଲ୍‌ରେ ଗ୍ରାହକ ନିଜକୁ ନିମଜ୍ଜିତ କରିପାରିବେ।

## ବ୍ୟାକ୍ ଟୁ କ୍ୟାମ୍ପସ୍ କ୍ୟାମ୍ପେନର ଜୁନ୍ ସଂସ୍କରଣ

ଭୁବନେଶ୍ୱର,୨୦।୬

ଦେଶର ପ୍ରମୁଖ ତଥା ଘରୋଇ ଇ-କମର୍ସ ମାର୍କେଟପ୍ଲେସ୍ 'ଫ୍ଲିପ୍‌କାର୍ଟ'ର ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ବାର୍ଷିକ ପ୍ରୋଗ୍ରାମ 'ବ୍ୟାକ୍ ଟୁ କ୍ୟାମ୍ପସ୍ କ୍ୟାମ୍ପେନ'ର ୨୦୨୪ ଜୁନ୍ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି ଅଭିଯାନ (କ୍ୟାମ୍ପେନ) ୨୦୨୪ ଜୁନ୍ ୨୧ରୁ ୨୭ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ଲାଟ୍‌ଫର୍ମ ବିଭିନ୍ନ ବର୍ଗର ଲାପ୍‌ଟପ୍, ଟାବ୍‌ଲେଟ, ଗେମିଂ କନ୍‌ସୋଲ, ମନିଟର, ସ୍ମାର୍ଟୱାଚ୍, ଟ୍ରୁ ୱାୟାରଲେସ୍ ଇୟରଫୋନ୍, ପ୍ରିଣ୍ଟର, ଲାପ୍‌ଟପ୍ ଭଳି ଆକ୍‌ସେସରି ସମେତ ଭିନ୍ନ ଭିନ୍ନ ବ୍ରାଣ୍ଡର ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ବ୍ୟାକ୍ ଟୁ କ୍ୟାମ୍ପସ୍ କ୍ୟାମ୍ପେନର ୨୦୨୪ ମେ ସଂସ୍କରଣର ସଫଳତା ପରେ ପ୍ଲାଟ୍‌ଫର୍ମ ୨୦୨୪ ଜୁନ୍ ସଂସ୍କରଣ ସମ୍ପର୍କରେ ଘୋଷଣା କରିଛି। ଅପରପକ୍ଷରେ ପ୍ରାଥମିକ କ୍ରେତାମାନେ ଛାତ୍ରୀଛାତ୍ର ହୋଇଥିବାରୁ ତାହାକୁ ଦୃଷ୍ଟିରେ ରଖି ଏକ ବିସ୍ତୃତ ଚୟନର ଡିଭାଇସ୍‌ଗୁଡିକ ସହ ଏହି ପ୍ରୋଗ୍ରାମ ସୁଲଭତା ଓ ପୁରସ୍କୃତ ଅନୁଭୂତିକୁ ପ୍ରାଥମିକତା ଦେଉଛି। ଏପରିକି ଉପଭୋକ୍ତାମାନେ ସୁପର କଏନ, ନୋ-କଷ୍ଟ ଇଏମ୍‌ଆଇ ଓ ଅପ୍‌ଗ୍ରେଡ୍ ପ୍ରକ୍ରିୟାକୁ ସହଜ କରିବା ପାଇଁ ପୁରୁଣା ଲାପ୍‌ଟପ୍ ପାଇଁ ଆକର୍ଷଣୀୟ ଏକ୍ସଚେଞ୍ଜ ଅଫର (ଡିଲ୍) ସମେତ ଫ୍ଲିପ୍‌କାର୍ଟରେ ବିଭିନ୍ନ ବିକଳ୍ପ ପାଇପାରିବେ।


# Classified Everyday
0674-2580101, 2549949



REAL ESTATE

SALE

Residential Plots Patia, Bhubaneswar, Near KIIT College, ODM Global School, 30ft. Road, Electricity available. 7978729819. D-537

ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542. D-503

BDA new planning area at Benupur low cost investment plots available, price starts from @ 799/-. 6371364640. D-75966

3BHK flat for sale at Jharpada 80 feet road side. Contact- 9437307086, 7008789347. D-504

Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347. D-505

Plot for sale at Puri Konark Marine Drive (550/- per sqft.). Contact- 6371703010. D-536

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Relax, refresh your body, mind by expert therapist. Contact- 9938843929. D-76127

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Relax, Refresh your body, Mind at Saikrupa SPA with best therapies. 8984068077. D-527

Newly open health benefits spa special offer @999, Bapujinagar. 8018429809. D-76128

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଦୀପକ ପୃଷ୍ଟି, ପିତା- ଧନେଶ୍ୱର ପୃଷ୍ଟି, ଗ୍ରାମ- ସୁକଦେଇପୁର। ମୋର ଗୋଟିଏ କବଲା କୁଆଖିଆ ମାର୍କେଟ ଉପରେ 25.05.2024ରିଖରେ ହଜିଯାଇଅଛି। କବଲା ନଂ.- 10812301651, ଖାତା ନଂ.- 1221/113, ମୌଜା- ଜାବରା, ତହସିଲ- ରସୁଲପୁର। ମୁଁ କୁଆଖିଆ ଥାନା ଅଧିକାରୀଙ୍କ ପାଖରେ ଏକ ଅଭିଯୋଗ ତା06.06.2024ରିଖରେ କରିଅଛି। ଅଭିଯୋଗ ନଂ.- S.D.E. No.-18. ଏଣୁ ଯେଉଁ ସହୃଦୟ ବ୍ୟକ୍ତି କବଲାଟିକୁ ପାଇଥିବେ ଦୟାକରି ଏହି ନଂ.- 8018977532ରେ ଯୋଗାଯୋଗ କରିବେ।
ନାମ- ଦୀପକ ପୃଷ୍ଟି, ଗ୍ରାମ- ସୁକଦେଇପୁର ।
ଧ-୪୪୧

ମୁଁ ଇପ୍ସିତା ନାୟକ, ସ୍ୱାମୀ- ସୌମ୍ୟ ରଞ୍ଜନ ବେବର୍ତ୍ତା, ଗ୍ରାମ- ଭଗବତୀପୁର, ପୋଷ୍ଟ- ସୋରଣ, ଥାନା- ଟାଙ୍ଗି, ଜିଲ୍ଲା- ଖୋର୍ଦ୍ଧା। ଭାଇ ଚିତ୍ତରଞ୍ଜନ ବେବର୍ତ୍ତା ବ୍ୟାଙ୍କ କାମରେ ବାହାରି ଟାଙ୍ଗି ଅଭିମୁଖେ ଯାଉଥିବା ବେଳେ ବ୍ୟାଗରେ ଥିବା ଆମ ଜମିର ଦଲିଲଗୁଡ଼ିକ ବ୍ୟାଗ ସହ ଚୋରି ହୋଇଯାଇଛି। ହଜିଯାଇଥିବା ଦଲିଲଗୁଡ଼ିକର ନମ୍ବର- ୧୧୪୧୧୫୦୦୦୭୯, ୧୨।୦୮।୨୦୧୫, ୧୧୪୧୧୬୦୦୨୩୭, ୧୦।୦୨।୨୦୧୬, ୧୧୪୧୧୪୦୧୨୭୭, ୨୨।୧୨।୨୦୧୪, ୧୧୪୧୨୦୦୦୯୩୧ ୩୧।୦୭।୨୦୨୦, ୧୧୪୧୨୦୦୦୯୩୨, ୩୧।୦୭।୨୦୨୦। ଭାଇ ଟାଙ୍ଗୀ ଥାନାରେ ୧୩।୦୬।୨୦୨୪ ଦିନ ଲିଖିତ ଅଭିଯୋଗ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଦଲିଲଗୁଡ଼ିକ ପାଆନ୍ତି ତା'ହେଲେ- ୯୫୯୧୭୭୩୭୭୨ ଏହି ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ।
ଧ-୪୪୦

## AFFIDAVIT

I, Ranjita Kumari Sahu, D/o- Pratap Chandra Sahu, resident of Bhaktamadhu Nagar Lane-6, Gandamunda, P.O./P.S.- Khandagiri, Dist.- Khurda, PIN-751030, Odisha declare by this affidavit No.-60, dtd. 17.06.2024 that now onwards I shall be known as Ranjita Sahoo for all future purposes. D-535

By virtue of an affidavit sworn before Executive Magistrate, Vide. Sl. No.- 620, date 22.02.2024 Deponent declares that "Bhagwati Sahoo", S/o. "Jawahar Prasad Sahoo" and "Bhagwati Prasad Gupta", S/o. "Jawahar Prasad Gupta" of at Barbil, Ward No.- 5, Market, P.O./P.S.- Barbil, Dist.- Keonjhar, Odisha are belongs to one and same person. D-538


By virtue of an affidavit sworn before the Executive Magistrate, Barbil, Dist.- Keonjhar, Odisha, vide Sl. No.- 722, date 29.02.2024, Deponent declares that "Arti Devi", W/o. Bhagwati Sahoo", "Arati Debi, W/o. Bhagawwagi Sahu", Arti Devi, D/o. Moti Chandra Gupta" and "Arti Gupta, D/o. Moti Chand Gupta" are belongs to one and same person of at Barbil, Daily Market, Ward No.-5, P.O./P.S.- Barbil, Dist.- Keonjhar, Odisha. D-539

By virtue of an affidavit before Notary Public, Kantabanji bearing V.R.No.764 on 19.06.2024, I Budu Sahu, S/o-Mathula Sahu, Village- Dhundimahul, P.O.- Goimunda P.S.- Bangomunda, Dist.- Balangir, Odisha declare that in my Aadhaar Card and Voter Identity Card my name is recorded as "Budu Sahu" S/o- Mathula Sahu but in the Land ROR of Holding No.-626 of Mouza- Komna, P.S.- Komna, Dist.- Nuapada my name is mistakenly recorded as "Motilal Sahu" S/o- Mathu Sahu" whereas Budu Sahu @ Motilal Sahu, S/o Mathula Sahu @ Mathu Sahu is one and same person. D-533

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମୁରଲୀଧର ମହାନ୍ତି
ଆବିର୍ଭାବ: ୨୩।୦୧।୧୯୪୩
ତିରୋଧାନ: ୦୩।୦୬।୨୦୨୩
ଆପଣଙ୍କ ଅବର୍ତ୍ତମାନରେ ଚାହୁଁ ଚାହୁଁ ବର୍ଷେ ବିତିଗଲା। ପ୍ରତିଟି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଅନୁଭବ ହେଉଛି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକ ସନ୍ତପ୍ତ: ସ୍ତ୍ରୀ, ପୁତ୍ର- ମନୋଜ, ସରୋଜ, ତନୋଜ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୪୪୦

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



✓ସୌଭାଗ୍ୟଲକ୍ଷ୍ମୀ ପାତ୍ର (ଡଲି)
ବାଲିଅନ୍ତା (ଡ଼ାମରା)
ଆବିର୍ଭାବ : ୦୧.୦୭.୧୯୬୪
ତିରୋଧାନ : ୨୮.୦୫.୨୦୧୮
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ତୁମର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ- ଦଇତାରି ପାତ୍ର, ପୁଅ-ମୁନା, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୪୩୨




# ଭାରତର ପ୍ରଭାବୀ ବିଜୟ

ବାର୍ବାଡୋସ୍,୨୦।୬(ପି.ଟି.)

ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ଓ ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ ବଳରେ ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ସୁପର୍-୮ ମ୍ୟାଚକୁ ୪୭ ରନ୍‌ରେ ଜିତି ନେଇଛି ଭାରତ। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୧ ରନ୍ ସ୍କୋର କରିଥିଲା। ଜବାବରେ ଆଫଗାନିସ୍ତାନ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଉଭୟ ବ୍ୟାଟ ଓ ବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଭାରତ ପ୍ରଭାବୀ ବିଜୟ ହାସଲ କରିଛି।

ଟସ୍ ଜିତି ଭାରତୀୟ ଅଧିନାୟକ

## ଟି୨୦ ବିଶ୍ୱକପ୍

ରୋହିତ ଶର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ରୋହିତ ଶର୍ମା(୮) ଓ ବିରାଟ କୋହଲି(୨୪) ପୁଣି ଥରେ ଫ୍ଲପ ହୋଇଥିଲେ। ରିଷଭ ପନ୍ତ ତୃତୀୟ ସ୍ଥାନରେ ଆସି କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ୧୧ ବଲ୍‌ରୁ ୪ ଚୌକା ସହ ୨୦ ରନ୍ କରି ସେ ରନ୍‌ଗତି ବଢାଇଥିଲେ। ଦଳୀୟ ସ୍କୋର ୫୪ରେ ପନ୍ତ ଆଉଟ ହୋଇଥିଲେ। ଏହାର ୨ ଓଭର ମଧ୍ୟରେ ୨୪ ବଲ୍‌ରୁ ୨୪ ରନ୍ କରିଥିବା ବିରାଟ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ଟି୨୦ରେ ବିଶ୍ୱର ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହ ସେ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଶିବମ ଦୁବେ(୧୦)ଙ୍କ ସହିତ ସେ ୨୮ ରନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା (୩୨)ଙ୍କ ସହ ସେ ୬୦ ରନ୍ ଯୋଡିଥିଲେ। ମାତ୍ର ୨୮ ବଲ୍ ଖେଳି ୫ ଚୌକା ଓ ୩ ଛକା ମାରି ସେ ସ୍କୋର କରିଥିଲେ ୫୩ ରନ୍। ଅନ୍ୟ ପକ୍ଷରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍ ଖେଳି ୩୨ ରନ୍ କରିଥିଲେ। ରବୀନ୍ଦ୍ର ଜାଡେଜା ମାତ୍ର ୭ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ତିମ ଓଭରରେ ୬ ବଲ୍‌ରୁ ୧୨ ରନ୍ କରି ଭାରତୀୟ ସ୍କୋରକୁ ୧୮୧ରେ ପହଞ୍ଚାଇ ଥିଲେ। ଆଫଗାନିସ୍ତାନ ପକ୍ଷରୁ ସଫଳ ବୋଲର ଭାବରେ ଫଜଲ୍ଲକ ଫାରୁକି ଓ ରଶିଦ ଖାନ୍ ୩ଟି ଲେଖାଏ ନବୀନ ଉଲ ହକ୍ ଗୋଟିଏ ଉଇକେଟ ନେଇଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୂର୍ଯ୍ୟକୁମାର ଯାଦବ।

୧୮୨ ରନ୍ ଜବାବରେ ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଜମତଉଲ୍ଲା ଓମାରଜାଇ ସର୍ବାଧିକ ୨୬ ରନ୍ କରିଥିବା ବେଳେ ନଜିବୁଲ୍ଲା ଜଦ୍ରାନ ୧୯ ଓ ଗୁଲବଦିନ ନାଇବ ୧୭ ରନ୍ କରିଥିଲେ। ଆଫଗାନିସ୍ତାନର ୫ ଜଣ ବ୍ୟାଟର ୨ ଅଙ୍କ ଛୁଇଁ ପାରି ନ ଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂ ୩ଟି ଲେଖାଏ, କୁଲଦୀପ ଯାଦବ ଦୁଇଟି, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୧/୮ (ସୂର୍ଯ୍ୟକୁମାର ଯାଦବ-୫୩, ହାର୍ଦ୍ଦିକ ପାଣ୍ଡ୍ୟା-୩୨, ବିରାଟ କୋହଲି-୨୪, ରଶିଦ୍ ଖାନ୍-୩/୨୬, ଫଜଲ୍ଲକ ଫାରୁକି-୩/୩୩, ନବୀନ ଉଲ୍ ହକ୍-୧/୪୦)। ଆଫଗାନିସ୍ତାନ ୨୦ ଓଭରରେ ୧୩୪/୧୦ (ଅଜମତଉଲ୍ଲା ଓମାରଜାଇ-୨୬, ନଜିବୁଲ୍ଲା ଜଦ୍ରାନ୍-୧୯, ଗୁଲବଦିନ ନାଇବ-୧୭, ଯଶପ୍ରୀତ୍ ବୁମରା-୩/୭, କୁଲଦୀପ ଯାଦବ-୨/୩୨, ଅର୍ଶଦୀପ ସିଂ-୩/୩୬।

# ସୁପର-୮ରେ ଇଂଲଣ୍ଡର ସହଜ ବିଜୟ

ଗ୍ରସ୍ ଆଇଲେଟ୍, ୨୦।୬ (ପି.ଟି.)

ଟି୨୦ ବିଶ୍ୱକପ୍‌ର ସୁପର-୮ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି ଇଂଲଣ୍ଡ। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌କୁ ଇଂଲଣ୍ଡ ୮ ଉଇକେଟରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୧୫ ବଲ୍ ବାକି ଥାଇ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଫିଲ ସଲ୍ଟ ବିସ୍ଫୋରକ ବ୍ୟାଟିଂ କରି ଅପରାଜିତ ୮୭ ରନ୍ କରିଥିଲେ। ଅଳ୍ପକେ ସୁପର-୮ରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଗୁରୁବାର ବିଜୟ ସହ ଗ୍ରୁପ-୧ର ଶୀର୍ଷରେ ପହଞ୍ଚିଛି।

ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୧୮୦ ରନ୍ କରିଥିଲା। ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ଜନସନ୍ ଚାର୍ଲ୍ସ ସର୍ବାଧିକ ୩୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ପୁରନ, ରୋଭମାନ ପାଓ୍ୱେଲ ୩୬ ରନ୍ ଲେଖାଏ କରିଥିଲେ। ଶେଷ ଭାଗରେ ଶର୍ଫେନ୍ ରଦରଫୋର୍ଡ ୧୫ ବଲ୍‌ରୁ ୨୮ ରନ୍ କରିଥିଲେ। ବ୍ରାଣ୍ଡନ କିଙ୍ଗ (୨୩) ଓ ଚାର୍ଲ୍ସ ଓପନିଂ କରିଥିଲେ। କିଙ୍ଗ ୨୩ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିବା ବେଳେ ଦଳୀୟ ସ୍କୋର ୯୪ରେ ପ୍ୟାଭିଲିୟନ ଫେରିଥିଲେ ଚାର୍ଲ୍ସ। ୩୪ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ସେ ୩୮ ରନ୍ କରିଥିଲେ। ପରେ ପୁରନ୍ ଓ ପାଓ୍ୱେଲ ଦଳୀୟ ସ୍କୋର ୧୪୧ରେ ପହଞ୍ଚାଇଥିଲେ। ମାତ୍ର ୪ ରନ୍ ବ୍ୟବଧାନରେ ଉଭୟ ବ୍ୟାଟର ଆଉଟ ହେବାରୁ ଘରୋଇ ଦଳ ସଙ୍କଟରେ ପଡିଥିଲା। ତେବେ ରଦରଫୋର୍ଡ ୧ ଚୌକା ଓ ୨ ଛକା ସହ ୧୫ ବଲ୍‌ରୁ ୨୮ ରନ୍ କରି ଦଳକୁ ୧୮୦ ରନ୍‌ରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଲିଆମ୍ ଲିଭିଙ୍ଗଷ୍ଟୋନ, ମୋଇନ୍ ଅଲୀ, ଆଦିଲ ରଶିଦ୍ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ**



ଇଂଲଣ୍ଡ ପକ୍ଷରୁ ଫିଲ୍ ସଲ୍ଟ(୮୭) ଓ ଜୋସ୍ ବଟଲର(୨୫) ପ୍ରଥମ ଉଇକେଟରେ ୬୭ ରନ୍ ଯୋଡିଥିଲେ। ଅଷ୍ଟମ ଓଭରରେ ବଟଲର ୨୦ ବଲ୍‌ରୁ ୨୫ ରନ୍ କରି ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ମୋଇନ୍ ଅଲୀ ମଧ୍ୟ ମାତ୍ର ୧୩ ରନ୍ କରି ପାରିଥିଲେ। ତେବେ ୮୪ ରନ୍‌ରେ ଦ୍ୱିତୀୟ ଉଇକେଟର ପତନ ପରେ ସଲ୍ଟଙ୍କ ସହ କ୍ରିଜ୍‌ରେ ଯୋଗ ଦେଇଥିଲେ ଜନି ବେୟାରଷ୍ଟୋ। ଉଭୟ ଖେଳାଳି ଅବିଭାଜିତ ୯୭ ରନ୍ ଯୋଡିବା ସହ ଇଂଲଣ୍ଡକୁ ବିଜୟୀ କରିଥିଲେ। ସଲ୍ଟ ୪୭ ବଲ୍ ଖେଳି ୭ ଚୌକା ଓ ୫ ଛକା ସହ ୮୭ ରନ୍ କରିଥିଲେ। ଅନ୍ୟପକ୍ଷରେ ବେୟାରଷ୍ଟୋ ୨୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରି ୪୮ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରଷ୍ଟନ ଚେଜ୍ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**
ସ୍ଥାନ: ଆଣ୍ଟିଗୁଆ
ସମୟ: ସକାଳ ୬ଟା

**ଇଂଲଣ୍ଡ ବନାମ ଦ.ଆଫ୍ରିକା**
ସ୍ଥାନ: ସେଣ୍ଟ ଲୁସିଆ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୮୦/୪(ଜନ୍‌ସନ୍ ଚାର୍ଲ୍ସ-୩୮, ନିକୋଲାସ ପୁରନ-୩୬, ରୋଭମାନ ପାଓ୍ୱେଲ-୩୬, ମୋଇନ୍‌ଅଲୀ-୧/୧୫, ଲିଆମ୍ ଲିଭିଙ୍ଗଷ୍ଟୋନ-୧/୨୦, ଆଦିଲ ରଶିଦ୍-୧/୨୧)। ଇଂଲଣ୍ଡ ୧୭.୩ ଓଭରରେ ୧୮୧/୨(ଫିଲିପ୍ ସଲ୍ଟ-୮୭*, ଜନି ବେୟାରଷ୍ଟୋ-୪୮*, ଜୋଶ ବଟଲର-୨୫, ରଷ୍ଟନ ଚେଜ୍-୧/୧୯, ଆନ୍ଦ୍ରେ ରସେଲ୍-୧/୨୧)।

**ପ୍ୟାରିସ୍ ଅଲିମ୍ପିକ୍ସ**

# ୨୭ ଜଣିଆ ସମ୍ଭାବ୍ୟ ହକି ଦଳ

ବେଙ୍ଗାଲୁରୁ,୨୦।୬(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଗୁରୁବାର ଭାରତୀୟ ସାମ୍ଭାବ୍ୟ ହକି ଦଳ ଘୋଷଣା କରାଯାଇଛି। ୨୭ ଜଣିଆ ଦଳରୁ ଷ୍ଟ୍ରାଇକର ଦିଲପ୍ରୀତ ଏକମାତ୍ର ଖେଳାଳି ଭାବରେ ବାଦ ପଡିଛନ୍ତି। ବେଙ୍ଗାଲୁରୁ ସାଇ ସେଣ୍ଟରରେ ଜୁନ୍ ୨୧ରୁ ଆରମ୍ଭ ହେବାକୁ ଥିବା ହକି କ୍ୟାମ୍ପ ଜୁଲାଇ ୮ ଯାଏ ଚାଲିବ। ଅଲିମ୍ପିକ୍ସ ପାଇଁ ଭାରତ କଷ୍ଟସାଧ ଗ୍ରୁପ୍ ବିରେ ସ୍ଥାନ ପାଇଛି। ଭାରତ ସହିତ ବେଲଜିୟମ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ଏହି ଗ୍ରୁପରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳି ସାରି ପ୍ରତ୍ୟାବର୍ତ୍ତନ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୨୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

**ଭାରତୀୟ ଦଳ:**
ଗୋଲକିପର: କ୍ରିଷନ୍ ବାହାଦୂର ପାଠକ, ପି.ଆର. ଶ୍ରୀଜେସ୍, ସୁରଜ କାର୍କେରା।
ଡିଫେଣ୍ଡର: ହରମନ୍‌ପ୍ରୀତ୍ ସିଂ, ଜରମନ୍‌ପ୍ରୀତ୍ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ଅମୀର ଅଲୀ।
ମିଡଫିଲ୍ଡର: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ, ସମଶେର ସିଂ, ନୀଲକାନ୍ତ ଶର୍ମା, ରାଜକୁମାର ପାଲ, ବିଷ୍ଣୁକାନ୍ତ ସିଂ, ଆକାଶଦୀପ ସିଂ, ମହମ୍ମଦ ରାହିଲ ମୌସିନ୍।
ଫରୱାର୍ଡ: ମନଦୀପ୍ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦୀଲପ୍ରିତ ସିଂ, ସୁଖଜିତ ସିଂ, ଗୁରୁଜନ୍ତ ସିଂ, ବବି ସିଂ ଧାମି, ଅରାଇଜିତ ସିଂ ହୁଣ୍ଡାଲ।

# ସାର୍ଥକଙ୍କ ଦ୍ୱିଶତକ: ପ୍ରୀତମ, ପ୍ରୟାନଙ୍କ ଶତକ

ଭୁବନେଶ୍ୱର, ୨୦।୬ (ବିଜୟ ରଣା)

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ପ୍ରିମିୟର ଲିଗ୍ ୨୦୨୪ର ଗୁରୁବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଖୋର୍ଦ୍ଧା, ବାଲେଶ୍ୱର, ବରଗଡ଼ ସମ୍ବଲପୁର କେଉଁଝର, ଢେଙ୍କାନାଳ ବିଜୟୀ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧ ୭ ଉଇକେଟରେ ରାଉରକେଲାକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୪୮.୧ଓଭରରେ ୧୩୮ରନ କରି ଅଲଆଉଟ ହୋଇଯାଇଥିଲା। ନିମପୁର ଗ୍ରାଉଣ୍ଡରେ ପାରାଦୀପ ବିପକ୍ଷରେ ବାଲେଶ୍ୱର ୧ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ଏଥିରେ ପାରାଦୀପ ୪୭.୫ ଓଭରରେ ୨୨୩ ରନ କରି ଅଲଆଉଟ ହୋଯାଇଥିଲା। ବାଲେଶ୍ୱର ୪୬.୫ ଓଭରରେ ୯ ଉଇକେଟ ବିନିମୟରେ ୨୨୪ ରନ କରି ମ୍ୟାଚ ଜିତି ନେଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ବରଗଡ଼ ୫ ଉଇକେଟରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ୨୮ ଓଭରରେ ମାତ୍ର ୯୨ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଜବାବରେ ବରଗଡ଼ ୨୦.୩ ଓଭରରେ ୫ଉଇକେଟ ବିନିମୟରେ ୯୩ ରନ କରି ମ୍ୟାଚ ଜିତି ନେଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ସମ୍ବଲପୁର 'ଏ' ୫୮ରନରେ କଟକ 'ବି'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର 'ଏ' ୪୪.୪ ଓଭରରେ ୨୨୦ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ କଟକ 'ବି' ୩୮.୪ ଓଭରରେ ୧୬୨ ରନ କରି ଅଲଆଉଟ ହୋଇଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ କନ୍ଧମାଳ ବିପକ୍ଷରେ କେଉଁଝର ୨୪୬ ରନରେ ବିପୁଳ ବିଜୟ ହାସଲ କରିଛି। କେଉଁଝର ପ୍ରଥମେ ବ୍ୟାଟିଂ କରି ପ୍ଲେୟର ଅଫ୍ ମ୍ୟାଚ ସାର୍ଥକ ଏ. ପ୍ରକାଶଙ୍କ ଦ୍ୱିଶତକ ୨୦୧ରନ ସହାୟତାରେ ୪୯.୦ ଓଭରରେ ୭ଉଇକେଟ ବିନିମୟରେ ୪୧୮ ରନ କରିଥିଲା। ଜବାବରେ କନ୍ଧମାଳ ପ୍ରୀତମ କେ. ସାମଲଙ୍କ ଶତକ (୧୦୫) ସହାୟତାରେ ୪୪.୫ ଓଭରରେ ୧୭୨ ରନ କରି ଅଲଆଉଟ ହୋଯାଇଥିଲା।

ସନ୍‌ସାଇନ ଗ୍ରାଉଣ୍ଡରେ ଢେଙ୍କାନାଳ ୧୬୮ ରନରେ ପୁରୀକୁ ପରାସ୍ତ କରିଛି। ଢେଙ୍କାନଳ ପ୍ରଥମେ ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରୟାନ ଏସ୍. ସାମଲଙ୍କ ଶତକ (୧୧୭) ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୬ଉଇକେଟ ବିନିମୟରେ ୨୯୮ରନ କରିଥିଲା। ଜବାବରେ ପୁରୀ ୨୬.୧ ଓଭରରେ ୧୩୦ ରନ କରି ଅଲଆଉଟ ହୋଇଯାଇଥିଲା।


ପୁଣେରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଜାତୀୟ ମହିଳା ରଗ୍‌ବୀରେ ରନର୍ ଅପ୍ ଓଡ଼ିଶା ଦଳ। ଫାଇନାଲରେ ଓଡ଼ିଶା ୦-୧୭ରେ ବିହାର ନିକଟରୁ ହାରିଥିଲା।

# ସମ୍ମିତଙ୍କୁ ୬ ଉଇକେଟ



ଭୁବନେଶ୍ୱର,୨୦।୬ (ସରୋଜ ଜେନା)

କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ କଳାହାଣ୍ଡି କପ୍ ଫାଇନାଲରେ ୬ ଉଇକେଟ ହାସଲ କରିଛନ୍ତି ଭୁବନେଶ୍ୱର-ଏ ର ସମ୍ମିତ ବରାଳ। ସମ୍ମିତ ୬ ଉଇକେଟ ନେଇଥିବା ବେଳେ ରେଷ୍ଟ ଅଫ ଓଡ଼ିଶା-ସି ପ୍ରଥମ ଦିନରେ ମାତ୍ର ୧୩୪ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୫୧ ରନ୍ କରିଥିବା ବେଳେ ଦେବବ୍ରତ ପ୍ରଧାନ ୩୧ ରନ୍ କରିଥିଲେ। ସମ୍ମିତଙ୍କ ବ୍ୟତୀତ ସୁମନ ଦାସ ୧ ଉଇକେଟ ନେଇଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭୁବନେଶ୍ୱର ୧ ଉଇକେଟ ହରାଇ ୩୦ ରନ୍ କରିଛି। ସାଇ ଶୁଭମ ୧ ରନ୍ କରିଥିବା ବେଳେ ଦେବବ୍ରତ ଦାସ ୧ ଉଇକେଟ ନେଇଛନ୍ତି।

# ଭାରତୀୟ ଟିମ୍‌ର କାର୍ଯ୍ୟସୂଚୀ ଘୋଷଣା

ନୂଆଦିଲ୍ଲୀ,୨୦।୬(ପି.ଟି.)

ଭାରତୀୟ କ୍ରିକେଟ୍ ଦଳର କାର୍ଯ୍ୟସୂଚୀ ଗୁରୁବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଫେବୃଆରୀ ୧୨ ମଧ୍ୟରେ ଭାରତୀୟ ଦଳ ୫ଟି ଟେଷ୍ଟ, ୮ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ। ଏହି ସମୟ ମଧ୍ୟରେ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଦଳ ଭାରତ ଗସ୍ତ କରିବେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ(ଡବ୍ଲ୍ୟୁଟିସି) ଅଧୀନରେ ବାଂଲାଦେଶ ଏହାର ଦୁଇଟି ଟେଷ୍ଟ ମ୍ୟାଚ୍ ଚେନ୍ନାଇ ଓ କାନପୁରରେ ଖେଳିବ। ସେହିପରି ନ୍ୟୁଜିଲାଣ୍ଡ ଏହାର ୩ଟି ଯାକ ମ୍ୟାଚ୍ ବେଙ୍ଗାଲୁରୁ , ପୁଣେ ଓ ମୁମ୍ବାଇରେ ଖେଳିବ। ଏହି ୫ ଟେଷ୍ଟ ମ୍ୟାଚ୍ ବ୍ୟତୀତ ଭାରତ ୮ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ। ବାଂଲାଦେଶ ସହିତ ୩ ଟି୨୦ ମ୍ୟାଚ୍‌ର ସିରିଜ୍ ଖେଳାଯିବାକୁ ଥିବା ବେଳେ ଇଂଲଣ୍ଡ ବିପକ୍ଷରେ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବ ଭାରତ। ଇଂଲଣ୍ଡ ସିରିଜ୍ ଜାନୁଆରୀ ୨୨ରୁ ଫେବୃଆରୀ ୧୨ ମଧ୍ୟରେ ଖେଳାଯିବ। ଏହା ସମାପ୍ତ ହେବା ପରେ ଭାରତ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ଗସ୍ତ କରିବ।

**ଭାରତୀୟ ଦଳର କାର୍ଯ୍ୟସୂଚୀ:**

**ବାଂଲାଦେଶ–**
ପ୍ରଥମ ଟେଷ୍ଟ: ଚେନ୍ନାଇ(ସେପ୍ଟେମ୍ବର ୧୯-୨୩)
ଦ୍ୱିତୀୟ ଟେଷ୍ଟ: କାନପୁର(ସେପ୍ଟେମ୍ବର ୨୭- ଅକ୍ଟୋବର ୧)
ପ୍ରଥମ ଟି୨୦: ଧର୍ମଶାଳା, ଅକ୍ଟୋବର ୬
ଦ୍ୱିତୀୟ ଟି୨୦: ଦିଲ୍ଲୀ, ଅକ୍ଟୋବର ୯
ତୃତୀୟ ଟି୨୦: ହାଇଦ୍ରାବାଦ, ଅକ୍ଟୋବର ୧୨

**ନ୍ୟୁଜିଲାଣ୍ଡ–**
ପ୍ରଥମ ଟେଷ୍ଟ: ବେଙ୍ଗାଲୁରୁ (ଅକ୍ଟୋବର ୧୬-୨୦)
ଦ୍ୱିତୀୟ ଟେଷ୍ଟ: ପୁଣେ(ଅକ୍ଟୋବର ୨୪-୨୮)
ତୃତୀୟ ଟେଷ୍ଟ: ମୁମ୍ବାଇ(ନଭେମ୍ବର ୧-୫)।

**ଇଂଲଣ୍ଡ**
ପ୍ରଥମ ଟି୨୦: ଚେନ୍ନାଇ, ଜାନୁଆରୀ ୨୨
ଦ୍ୱିତୀୟ ଟି୨୦: କୋଲକାତା, ଜାନୁଆରୀ ୨୫
ତୃତୀୟ ଟି୨୦: ରାଜକୋଟ, ଜାନୁଆରୀ ୨୮
ଚତୁର୍ଥ ଟି୨୦: ପୁଣେ, ଜାନୁଆରୀ ୩୧
ପଞ୍ଚମ ଟି୨୦: ମୁମ୍ବାଇ, ଫେବୃଆରୀ ୨
ପ୍ରଥମ ଦିନିକିଆ: ନାଗପୁର, ଫେବୃଆରୀ ୬
ଦ୍ୱିତୀୟ ଦିନିକିଆ: କଟକ, ଫେବୃଆରୀ ୯
ତୃତୀୟ ଦିନିକିଆ: ଅହମଦାବାଦ, ଫେବୃଆରୀ ୧୨।

# ଆପାର୍ଟମେଣ୍ଟରୁ ଖସିପଡ଼ି ପୂର୍ବତନ ଭାରତୀୟ ପେସରଙ୍କ ମୃତ୍ୟୁ

ବେଙ୍ଗାଲୁରୁ,୨୦।୬(ପି.ଟି.)

ଭାରତର ପୂର୍ବତନ ପେସ୍ ବୋଲର ଡେଭିଡ ଜନସନ ତାଙ୍କ ଆପାର୍ଟମେଣ୍ଟର ୪ର୍ଥ ମହଲା ବାଲ୍‌କୋନୀ ଉପରୁ ଖସି ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଏହା ଏକ ଆତ୍ମହତ୍ୟା ଘଟଣା କି ନା ତାହା ପୋଲିସ ତଦନ୍ତ କରି ଦେଖୁଛି। ୫୨ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ତାଙ୍କ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଖବର ଅନୁସାରେ ଜନସନ ତାଙ୍କ ଘର ପାଖରେ ଏକ କ୍ରିକେଟ ଏକାଡେମୀ ଚଳାଉଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଆପାର୍ଟମେଣ୍ଟର ଚତୁର୍ଥ ମହଲା ଉପରୁ ଖସିପଡ଼ିବା ପରେ ଜନସନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଜଣେ ପୋଲିସ ଅଫିସିଆଲ କହିଛନ୍ତି, କୋଥାନପୁର କନକ ଶ୍ରୀ ଲେଆଉଟସ୍ଥିତ ଏହି ଆପାର୍ଟମେଣ୍ଟ ଉପରୁ ଜନସନ ଯେପରି ଭାବେ ଖସିପଡ଼ିଛନ୍ତି, ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜନସନ ତାଙ୍କ କ୍ୟାରିୟରରେ ଦୁଇଟି ଟେଷ୍ଟ ଏବଂ ୩୯ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ତାଙ୍କ ସମୟରେ ଅନିଲ କୁମ୍ବଲେ, ଜାଭାଗଲ ଶ୍ରୀନାଥ, ଭେଙ୍କଟେଶ ପ୍ରସାଦ ଓ ଡୁଡା ଗଣେଶଙ୍କୁ ନେଇ ଗଠିତ କର୍ନାଟକ ବୋଲିଂ ୟୁନିଟ୍‌ର ଅନ୍ୟତମ ସଦସ୍ୟ ଥିଲେ।


ଡେଭିଡ ଜନସନ

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୨୪ Bhubaneswar, Friday, June 21/ 2024

# ବିଜୟ ସହ ଶୀର୍ଷରେ ଜର୍ମାନୀ

**ଡସେଲଡର୍ଫ,୨୦।୬(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ ୨୦୨୪ରେ ଗୁରୁବାର ଜର୍ମାନୀ ବିଜୟୀ ହୋଇଥିବା ବେଳେ ସ୍କଟଲାଣ୍ଡ, ସୁଇଜରଲାଣ୍ଡ, ସ୍ଲୋଭେନିଆ ଓ ସର୍ବିୟା ପଏଣ୍ଟ ବାଣ୍ଟିଛନ୍ତି। ଆୟୋଜକ ଜର୍ମାନୀ ବୁଧବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ହଙ୍ଗେରୀକୁ ୨-୦ରେ ପରାସ୍ତ କରିଥିଲା। ସ୍ଲୋଭେନିଆ ୧-୧

**ୟୁରୋ କପ୍ ୨୦୨୪**

ଗୋଲରେ ସର୍ବିୟାକୁ ହରାଇଥିବା ବେଳେ ସ୍କଟଲାଣ୍ଡ ଓ ସୁଇଜରଲାଣ୍ଡ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା।

ଏମ୍‌ଏଚ୍‌ପି ଆରେନାରେ ଖେଳାଯାଇଥିବା ହଙ୍ଗେରୀ ବିପକ୍ଷ ମ୍ୟାଚ୍‌ରେ ଜର୍ମାନୀ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଜମାଲ ମୁସାଇଲା(୨୨) ଓ ଇଲକେ ଗୁଣ୍ଡୋଗାନ(୬୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜର୍ମାନୀ ମ୍ୟାଚ୍‌ରେ ୭୦ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୧୧ଟି କର୍ଣ୍ଣର ପାଇଥିବା ବେଳେ ୨ ମ୍ୟାଚ୍‌ରୁ ୨ ବିଜୟ ସହ ୬ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ଦଳ ୫-୧ରେ ହରାଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ସ୍ଲୋଭେନିଆ ୧-୧ ଗୋଲରେ ସର୍ବିୟା ସହ ପଏଣ୍ଟ ବାଣ୍ଟିଥିଲା। ସ୍ଲୋଭେନିଆ ପକ୍ଷରୁ ଜ୍ୟାନ୍ କାର୍ନିକନିକ୍ ୬୯ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଷ୍ଟପେଜ୍ ଟାଇମରେ ସର୍ବିୟା ପକ୍ଷରୁ ଲୁକା ଜୋଭିକ୍ ୯୦+୫ ମିନିଟରେ ଏକ ଗୋଲ ଦେଇଥିଲେ। ଶକ୍ତିଶାଳୀ ଦଳ ସର୍ବିୟା ମ୍ୟାଚ୍‌ର ୬୧ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ସ୍ଲୋଭେନିଆ ୨ ମ୍ୟାଚ ଡ୍ର ରଖି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସର୍ବିୟା ଅନ୍ତିମ ସ୍ଥାନରେ ରହିଛି।

ସୁଇଜରଲାଣ୍ଡ ଓ ସ୍କଟଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ମଧ୍ୟ ୧-୧ରେ ଶେଷ ହୋଇଥିଲା। ସ୍କଟ୍ ମ୍ୟାକ୍ ଟୋମିନେଇ୧୩ ତମ ମିନିଟରେ ସ୍କଟଲାଣ୍ଡ ପକ୍ଷରୁ ଗୋଟିଏ ଗୋଲ ଦେଇଥିବା ବେଳେ ୨୬ ତମ ମିନିଟରେ ଜେର୍ଦାନ ଶାକିରି ସୁଇଜରଲାଣ୍ଡ ପକ୍ଷରୁ ଗୋଲ ପରିଶୋଧ କରିଥିଲେ।



ଗୋଲ୍ ସ୍କୋର ପରେ ଉଲ୍ଲସିତ ଜମାଲ ମୁସାଇଲା।



ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର କ୍ରୀଡାବିତ।

# ମହିଳା କ୍ରିକେଟ ଦଳରେ ଶବ୍‌ନମ ଶକିଲ

**ମୁମ୍ବାଇ, ୨୦।୬ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଘରୋଇ ସିରିଜ ପାଇଁ ମିଡିୟମ ପେସ୍ ବୋଲର ଶବନମ ଶକିଲଙ୍କୁ ଭାରତୀୟ ମହିଳା କ୍ରିକେଟ ଦଳରେ ପ୍ରଥମ ଥର ସୁଯୋଗ ମିଳିଛି। ଦଳର ଅବଶିଷ୍ଟ ସଦସ୍ୟ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ୧୭ ବର୍ଷୀୟ ଏହି ଖେଳାଳିଙ୍କୁ ସମସ୍ତ ତିନୋଟି ଫର୍ମାଟ ପାଇଁ ଦଳରେ ନିଆଯାଇଛି। ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଅନ୍ତର୍ଭୁକ୍ତ। ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ଲାଭ କରିଛି। ରବିବାର ତୃତୀୟ ଦିନିକିଆ ଶେଷ ହେବା ପରେ ଅବଶିଷ୍ଟ ମ୍ୟାଚ ଖେଳିବା ପାଇଁ ଦୁଇ ଦଳ ଚେନ୍ନାଇ ଗସ୍ତ କରିବେ। ସେଠାରେ ଏକମାତ୍ର ଟେଷ୍ଟ ମ୍ୟାଚ ଜୁନ୍ ୨୮ରୁ ଜୁଲାଇ ୧ ପର୍ଯ୍ୟନ୍ତ ଖେଳାଯିବାକୁ ଥିବାବେଳେ ଜୁଲାଇ ୫, ୭ ଓ ୯ରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳାଯିବ।

**ଅପ୍‌ଡେଟେଡ ଭାରତୀୟ ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା(ଉପଅଧିନାୟିକା), ଶେଫାଳୀ ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଉମା ଚେତ୍ରୀ (ଉଇକେଟକିପର), ଦୟାଲାନ ହେମଲତା, ରାଧା ଯାଦବ, ଆଶା ଶୋଭନା, ଶ୍ରେୟଙ୍କା ପାଟିଲ, ସାଇକା ଇଶାକ୍, ପୂଜା ବସ୍ତ୍ରାକାର, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରାୟ, ପ୍ରିୟା ପୁନିଆ ଓ ଶବନମ ଶକିଲ।

**ଅପ୍‌ଡେଟେଡ ଭାରତୀୟ ଟେଷ୍ଟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳୀ ବର୍ମା, ଶୁଭା ସତୀଶ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଉମା ଚେତ୍ରୀ, ଦୀପ୍ତି ଶର୍ମା, ସ୍ନେହ ରାଣା, ସାଇକା ଇସାକ୍, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରାକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ମେଘନା ସିଂ, ପ୍ରିୟା ପୁନିଆ ଓ ଶବନମ ଶକିଲ।

# ପଣ୍ଡା ସିଷ୍ଟର୍ସଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ୍

**ଭୁବନେଶ୍ୱର,୨୦।୬ (ସରୋଜ ଜେନା)**

ଭାରତୀୟ ବ୍ୟାଡମିଣ୍ଟନ ତାରକା ତଥା ଓଡ଼ିଆ ଝିଅ ପଣ୍ଡା ସିଷ୍ଟର୍ସ ସେମାନଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ହାସଲ କରିଛନ୍ତି। ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ଥର ପାଇଁ ମହିଳା ଡବଲ୍ସ ର୍‌ୟାଙ୍କିଙ୍ଗରେ ଶ୍ରେଷ୍ଠ ୫୦ ମଧ୍ୟରେ ସାମିଲ ହୋଇଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଉଭୟ ଏପରି ରେକର୍ଡ କରିଥିବା ବେଳେ ତାଙ୍କର ବର୍ତ୍ତମାନ ର୍‌ୟାଙ୍କିଙ୍ଗ ୪୭ ରହିଛି। ଉଭୟ ବର୍ତ୍ତମାନ୍ କିଟ୍‌ରେ ପାଠ ପଢୁଥିବା ବେଳେ ଉଭୟଙ୍କୁ ଆର୍ଥିକ ସହାୟତା ମଧ୍ୟ ମିଳିଥାଏ। ରତପର୍ଣ୍ଣା ୨୦୨୧ରେ ନିଜର ବିବିଏ ସାରି ବର୍ତ୍ତମାନ ଏମ୍‌ବିଏ କରୁଛନ୍ତି। ଅନ୍ୟ ପକ୍ଷରେ ଶ୍ୱେତପର୍ଣ୍ଣା ୨୦୨୩ରେ ବିବିଏ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି।୨୦୧୮ରୁ ପଣ୍ଡା ସିଷ୍ଟର୍ସଙ୍କୁ କିଟ୍ ପକ୍ଷରୁ ସ୍କୋଲାରଶିପ୍ ମିଳୁଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅଚ୍ୟୁତ ସାମନ୍ତଙ୍କ ସହ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।





Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354|. Accessories and features shown may not be a part of standard fitment. Always wear a helmet while riding a two-wheeler. **Mileage of Splendor xtec 2.0 as per internal testing under standard conditions and may vary as per road & riding conditions. ˜Offer amount & combination of offers may vary for model/variant & states and applicable on select models & valid till 30th June 2024 only. ^Finance offer is at the sole discretion of the financier, subject to its respective T&Cs. ^^Terms & conditions apply. #Based on offers from empaneled dealers on Wheels of Trust platforms. ˜Offer applicable in Orissa only. For more details, visit https://www.heromotocorp.com/ or visit your nearest Hero MotoCorp dealership. Hero MotoCorp reserves the rights to modify or withdraw any or all the offers without prior notice.

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736; **Authorized HeroSure Dealers: Bhubaneshwar:** Arundhati Motobikes, Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656.

VML.5733.2024ORI


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ